ଜୀବନବୋଧର ଚିତ୍ର ଓ ଚଟୁଳ ରସିକତା। ପାଣିକବି ଏହି ଅଭାବକୁ ପୂରଣ କରି ଜିଣିଲେ ଗଣହୃଦୟ। ଜଣେ ଓସ୍ତାଦି ଅଭିନେତା ଭାବରେ ଗୋବର୍ଦ୍ଧନ ନାୟକଙ୍କ ଯାତ୍ରାଦଳ ସହିତ ବାଦିଯାତ୍ରାରେ ପରାଜୟର ଗ୍ଲାନି ହିଁ ତାଙ୍କ ଭିତରେ ଭରିଥିଲା ନାଟକ ଲେଖିବାର ଦୁର୍ବାର ପ୍ରେରଣା। ନିଜ ଜନ୍ମସ୍ଥାନ କୋଠପଦା (ମାହାଙ୍ଗା) ନିକଟସ୍ଥ କଅଁରପୁର ଗ୍ରାମର ପ୍ରତିଷ୍ଠିତ ଦେବତା ବିନୋଦବିହାରୀଙ୍କ ଆଶୀର୍ବାଦରୁ ୨୨ ବର୍ଷ ବୟସରେ ସେ ରଚନା କଲେ (୧୯୦୩) ଜୀବନର ପ୍ରଥମ ଗୀତାଭିନୟ 'ମେଘନାଦ ବଧ'। ଏହାର କବିତ୍ୱରେ ରାଧାନାଥୀୟ ସାମ୍ରାଜ୍ୟ ନ ଥିଲା ସତ, ନାଟକୀୟ ଉତ୍କଣ୍ଠା ସାଙ୍ଗକୁ କାରୁଣ୍ୟର ମର୍ମସ୍ପର୍ଶୀ ସ୍ପନ୍ଦନ ତାଙ୍କ ଆଦ୍ୟ ସୃଷ୍ଟିକୁ ଦେଇଥିଲା ଏକ ଅବିଶ୍ୱସନୀୟ ସଫଳତା। ପରବର୍ତ୍ତୀ ରଚନା ଥିଲା 'ରଙ୍ଗସଭା' ଓ 'ବ୍ରଜଲୀଳା'। ସେତେବେଳ ଏଇ ସାମାନ୍ୟ ପୁଞ୍ଜିରେ ଗ୍ରାମେଗ୍ରାମେ ବଚ୍ଛୁରିତ ହୋଇପଡିଲା କବିଙ୍କ ଯଶ ଓ ଲୋକପ୍ରିୟତା। ଅଗଣିତ ଗଣଜୀବନର ସମର୍ଥନକୁ ପାଥେୟ କରି ସେ ଲେଖିଚାଲିଲେ ରଙ୍ଗସଭା, ମହୀରାବଣ ବଧ, ନଳ ଦମୟନ୍ତୀ, ଖୁଲଣା ସୁନ୍ଦରୀ, କୀଚକ ବଧ, ଦକ୍ଷଯଜ୍ଞ, କପଟପାଶା, ଶ୍ରୀୟା ଚାଣ୍ଡାଲୁଣୀ, ଭକ୍ତ ସୁଦାମା ଓ ବସନ୍ତ ରାସ ଆଦି ଶତାଧିକ ଗୀତିନାଟ୍ୟ। କେବଳ ଓଡ଼ିଶା ନୁହେଁ, ତାଙ୍କ ନାଟ୍ୟ ପରିବେଷଣ କଲା କଲିକତା ଓ ତା'ର ଆଖପାଖ ଅଞ୍ଚଳରେ ସୃଷ୍ଟିକଲା ଅପୂର୍ବ ଆଲୋଡ଼ନ ଓ ଉନ୍ମାଦନା। ଜଣେ ଆଲୋଚକଙ୍କ ମତରେ କଲିକତାର ନାଟ୍ୟପ୍ରେମୀଙ୍କ ନିକଟରେ ବୈଷ୍ଣବ ପାଣି ଥିଲେ କିମ୍ବଦନ୍ତୀ ପୁରୁଷ। ଗଣକବିଙ୍କୁ ଜଣାଥିଲା ଓଡ଼ିଆ ଭାଷାର କଳାକୁଶଳତା ବ୍ୟବହାରିକ ଚମତ୍କାରିତା ବଳରେ ଜନଅରଣ୍ୟକୁ ସମ୍ମୋହିତ କରି ରଖିବାର କଳା। କବିତାର ମର୍ମ ବୁଝନ୍ତୁ କି ନାହିଁ, ବଙ୍ଗୀୟ ଦର୍ଶକମଣ୍ଡଳୀକୁ ବାନ୍ଧି ରଖୁଥିଲା ତାଙ୍କ ଯମକ ଓ ଅନୁପ୍ରାସ ପ୍ରୟୋଗର ଚମତ୍କାରିତା ବା 'ଆଲୋ ବୁଲା ମା' ! କୁଲାଟାକୁ ଛାଡିଲୁକି, ଝୁଲାମାଳି ଆଣୁଆଣୁ ହୁଡିଲୁକି' ଭଳି କବିତାର ଯାଦୁକରୀ ଶକ୍ତି। ଅନ୍ୟପକ୍ଷରେ ସେତେବେଳେ ବଙ୍ଗଳା ଗୀତାଭିନୟ ଓ ଯାତ୍ରା ନାଟକକୁ ନକଲ କରି ସୁନାମ ଅର୍ଜନ କରିବାକୁ ପ୍ରୟାସ କରୁଥିଲେ କତିପୟ ଓଡ଼ିଆ ନାଟ୍ୟକାର। ଏଥିରେ ଭାଷାପ୍ରେମୀ ପାଣିକବି ଖୁବ୍ ମର୍ମାହତ ହୋଇଥିଲେ ଏବଂ ନକଲ ଓ ଅନୁକରଣ ପ୍ରିୟମାନଙ୍କୁ ବଙ୍ଗଳା ଅଇଣ୍ଠାଚଟା ବୋଲି ଆକ୍ଷେପ କରି 'ବିଦ୍ୟାସୁନ୍ଦର' ଗୀତିନାଟ୍ୟରେ ଅତି କ୍ଷୋଭର ସହିତ ଲେଖିଥିଲେ ''ଦେଶ ଦଶା ଦେଖି ଉଡ଼ି ଯାଉଅଛି ହଂସା,ଦିନକୁଦିନ ହୀନ ଭଜୁଛି ସାହିତ୍ୟ ଭାଷା''।

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନ, ଅସହଯୋଗ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ, ହରିଜନ ପଦଯାତ୍ରା ଓ ଭାରତଛାଡ଼ ଆନ୍ଦୋଳନ–ଏକ ବିରାଟ ବିଶାଳ ସଂଘର୍ଷ, ବିପ୍ଳବ ଓ ସାଧନାମୟ ଅର୍ଦ୍ଧଶତାବ୍ଦୀର ପୃଷ୍ଠଭୂମି ଉପରେ ପରିପୁଷ୍ଟ ହୋଇଛି ଗଣକବିଙ୍କ ଜାତୀୟବାଦୀ ଭାବନା। ସେ କେବଳ ନାଟ୍ୟକାର ନୁହନ୍ତି, ବରଂ ଜଣେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ଅଗ୍ନିବର୍ଷୀ ବିପ୍ଳବୀ କବି। ଜଣେ ବୃହତ୍ତର କର୍ତ୍ତବ୍ୟବୋଧର ନିର୍ମାତା ତଥା ସାମାଜିକ ଦାୟବଦ୍ଧତାର ମାନ୍ତ୍ରିକ। ନିଶାସେବନ ଓ ଛୁଆଁ ଅଛୁଆଁ ଭଳି ସାମାଜିକ କୁସଂସ୍କାର ବିରୋଧରେ ସ୍ୱର ଉତ୍ତୋଳନ କରିବା ସହିତ ଓଡ଼ିଆଙ୍କ କୁଳିଗିରି ଓ ଗରିବଙ୍କ ଅସହାୟତା ସମ୍ପର୍କରେ ଉପସ୍ଥାପନ କରି ତତ୍କାଳୀନ ଓଡ଼ିଶାରେ ଆଣିଥିଲେ ସାଂସ୍କୃତିକ ଜାଗରଣ। କେବଳ ସାହିତ୍ୟରେ ନୁହେଁ, ବ୍ୟକ୍ତିଗତ ଜୀବନରେ ଜାତିପ୍ରଥାକୁ ଅସ୍ୱୀକାର କରି ରଜକିନୀ ହାରାମଣିକୁ ଦେଇଥିଲେ ପତ୍ନୀର ମର୍ଯ୍ୟାଦା।

ପରକୀୟା ନାରୀ କିପରି ଓ କାହିଁକି ଯେ ଶିଳ୍ପୀର ସୃଷ୍ଟି ଚେତନାକୁ ଅନୁପ୍ରେରିତ କରେ, ତାହା ଏକ ମନସ୍ତାତ୍ତ୍ୱିକ ଅନୁସନ୍ଧାନର ବିଷୟ। କିନ୍ତୁ ପରକୀୟା ଓ କବିତା, ଜୀବନ ଓ ଆବେଗ, ସ୍ପନ୍ଦନ ଓ ସଙ୍ଗୀତ – ଏହା ଥିଲା ପାଣିକବିଙ୍କ ଜୀବନର ଏକୀଭୂତ ସତ୍ତା। ପରକୀୟା ନାରୀ ସହିତ କବିର ସମ୍ପର୍କ ନୈତିକତା ମାପକାଠିରେ ଗ୍ରହଣୀୟ ନୁହେଁ ଏହା ସତ୍ୟ, ମାତ୍ର ରସ ସୃଷ୍ଟିରେ ସେ ସମ୍ପର୍କ ଯେପରି ନିଷ୍ପାପ, ସେପରି ବୈଚିତ୍ର୍ୟମୟ। ଶାରଦା ବେଶ୍ୟା ହୋଇପାରେ, ନୀଳା ହୋଇପାରେ ରୂପଜୀବ୍ୟା, ମାତ୍ର ପାଣିକବିଙ୍କ ଦୃଷ୍ଟିରେ ସେମାନେ ଅନନ୍ତ ଯୁଗର ଚିରନ୍ତନୀ କାବ୍ୟନାୟିକା। ସେମାନଙ୍କ ପ୍ରେରଣାରେ କବିଙ୍କ ଲେଖନୀରେ ଫୁଟିଛି କବିତାର ଶତଦଳ। କବି କୋଣସି କଥା ଲୋକଚକ୍ଷୁ ଅନ୍ତରାଳରେ ଲୁଚାଇ ରଖିବାକୁ ଚାହିଁ ନାହାନ୍ତି, ଯାହା ଫଳରେ ତାଙ୍କର ଜୀବନ କାବ୍ୟଠାରୁ ଆହୁରି ଶୁଦ୍ଧ। ପଙ୍କରୁ ପଙ୍କଜର ଜନ୍ମ ପରି ଜୀବନର ପାପ ପଙ୍କ ଭିତରୁ ସେ ଫୁଟେଇଛନ୍ତି ସାହିତ୍ୟର ଲାବଣ୍ୟମୟ ଓ ବାସ୍ନାଯୁକ୍ତ ପଙ୍କଜ।

ଅଶ୍ଳୀଳତା ଦୋଷଦୃଷ୍ଟ ଯାତ୍ରା ସାହିତ୍ୟ ପ୍ରତି ବୈଷ୍ଣବ ପାଣିଙ୍କ ନାଟ୍ୟ ରଚନା ଏକ ତୀବ୍ର ପ୍ରତିବାଦ। ତାଙ୍କ ଗୀତିନାଟ୍ୟରେ ରହିଛି ଭାଷାରେ ତାରଲ୍ୟ,ସାରଲ୍ୟ ଓ ପ୍ରାସଙ୍ଗିକତା ମଧ୍ୟରେ ଶୃଙ୍ଗାର ରସର ମାର୍ଜିତ ଓ ମନୋଜ୍ଞ ପରିବେଷଣ। ସଙ୍ଗୀତ ମାଧ୍ୟମରେ ଚଟୁଳ ହାସ୍ୟରସ ପରିବେଷଣ ହିଁ ତାଙ୍କ ସାହିତ୍ୟର ଚମତ୍କାରିତା। କଳାକୁ ଜୀବନ ସହିତ ମିଶାଇ ଦେଇଥିବା ପାଣିକବି ଅଜସ୍ର ଭଜନ ଜଣାଣ ରଚନା କରି ଜଗନ୍ନାଥଙ୍କ ନିକଟରେ ନିବେଦନ କରିଛନ୍ତି ଜୀବନର ବ୍ୟଥା ଓ ବେଦନା।

ପାଣି ସାହିତ୍ୟ ଗଣଜୀବନର ବିଶ୍ୱକୋଷ। ସେ ନିଃସ୍ୱ ହୋଇ ମଧ୍ୟ ବିଶ୍ୱ ଜୀବନର ଶିଳ୍ପୀ। ଗଣ ହୃଦୟର ମୁକୁଟ ବିହୀନ ସମ୍ରାଟ। ତାଙ୍କର ମୃତ୍ୟୁକାଳ ଯେତିକି ଅତୀତ ହେଉଛି, ସେତିକି ଉଜ୍ଜ୍ୱଳିତ ହେଉଛି ତାଙ୍କ ସାହିତ୍ୟର କାଳଜୟୀ କଳା–ମୂଲ୍ୟ।

**ଅବସରପ୍ରାପ୍ତ ଅଧ୍ୟକ୍ଷ, ବିଜୁପଟ୍ଟନାୟକ ନଗର ଭଦ୍ରକ**
**ମୋ: ୬୩୭୧୬୪୨୪୬୪**

# ଅଧିକାରୀ ଓ ହିତାଧିକାରୀ



ଯଦୁମଣି ପାଣିଗ୍ରାହୀ

ଏକ ଜନମଙ୍ଗଳକାରୀ ରାଷ୍ଟ୍ରରେ ଲୋକଙ୍କ ହିତ ଲାଗି ସରକାର ଅନେକ ଯୋଜନା ପ୍ରଣୟନ କରିଥାନ୍ତି। ଏହି ଯୋଜନାଗୁଡ଼ିକ ମଧ୍ୟରୁ କେତେକ ପ୍ରାୟ ସବୁ ଲୋକଙ୍କର କାମରେ ଆସୁଥିବା ବେଳେ କେତେକ ଯୋଜନା ଛାତ୍ରୀଛାତ୍ର, କୃଷକ, ଶ୍ରମିକ, ବୃଦ୍ଧାବୃଦ୍ଧ, ଆର୍ଥିକ ଅନଗ୍ରସର, ମହିଳା, ଶିଶୁ ଓ ଭିନ୍ନକ୍ଷମ ଆଦିଙ୍କ ଉପକାରରେ ଆସିଥାଏ। ସରକାର ଏମାନଙ୍କ ଆର୍ଥିକ ଅବସ୍ଥାର ପରିବର୍ତ୍ତନ କରିବା ଲାଗି କଲ୍ୟାଣକାରୀ ଯୋଜନା ମାନ ପ୍ରଣୟନ କରାଇଥାନ୍ତି। ଏହିସବୁ ଯୋଜନା ଲୋକଙ୍କର ହିତରେ ଆସୁଥିବାରୁ ଏମାନେ ହେଲେ ହିତାଧିକାରୀ ବା ଲାଭାର୍ଥୀ। ସେହିପରି ସରକାରୀ ଯୋଜନାଗୁଡିକୁ କାର୍ଯ୍ୟକାରୀ କରାଇବାର ଦାୟିତ୍ୱ ଯେଉଁମାନଙ୍କ ହାତରେ ରହିଥାଏ ସେମାନେ ହେଉଛନ୍ତି ଅଧିକାରୀ। ଏମାନେ ହିତାଧିକାରୀଙ୍କୁ ଯୋଜନା ସମ୍ପର୍କରେ ସବିଶେଷ ସୂଚନା ଦେବା ସହିତ ଆବଶ୍ୟକ ସ୍ଥଳେ ସଚେତନତା ସୃଷ୍ଟି କରାଇବେ, ଆବେଦନ କରିବାର ବାଟ ବତାଇ ଦେବେ, ଆବେଦନକାରୀଙ୍କ ମଧ୍ୟରୁ ଯୋଗ୍ୟ ହିତାଧିକାରୀ ଚୟନ କରିବେ ଏବଂ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସେମାନେ ଯେଭଳି ଯୋଜନାର ସୁଫଳ ପ୍ରାପ୍ତ ହେବେ ସେଥିନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ। ଅଧିକାରୀମାନେ ଏହିସବୁ କାର୍ଯ୍ୟ ଅତ୍ୟନ୍ତ ନିଷ୍ଠା ଓ ଆନ୍ତରିକତାର ସହିତ ଏବଂ ସରକାରୀ ନୀତିନିୟମ ଆଧାରରେ ସମ୍ପାଦନ କରିବେ। ଏଥିରେ କୌଣସି ପାତରଅନ୍ତର ଅବା ପ୍ରିୟାପ୍ରୀତି ତୋଷଣ ନୀତି ଅନୁସରଣ କରିପାରିବେ ନାହିଁ କିମ୍ବା ହିତାଧିକାରୀଙ୍କଠାରୁ ଏଥିନେଇ କୌଣସି ଉତ୍କୋଚ ଦାବି କରିପାରିବେ ନାହିଁ। ଯାହାଦ୍ୱାରା ଯୋଗ୍ୟ ହିତାଧିକାରୀଟିଏ ଯେକୌଣସି ସରକାରୀ ଯୋଜନାରେ ସାମିଲ ହେବାର ସୁଯୋଗ ଲାଭ କରିପାରିବ ଏବଂ ଏଥିରୁ ଉପକୃତ ହୋଇପାରିବ। ଏଭଳି ହୋଇପାରିଲେ ସରକାରୀ ଯୋଜନାରୁ କେହିଜଣେ ବି ହିତାଧିକାରୀ ବଞ୍ଚିତ ହେବେ ନାହିଁ ଆଉ ସରକାରୀ ଯୋଜନାଗୁଡ଼ିକର କାର୍ଯ୍ୟକାରିତା ନେଇ କୌଣସି ପ୍ରଶ୍ନବାଚୀ ଦେଖାଦେବ ନାହିଁ। ସମାଜର ସବୁ ବର୍ଗର ଲୋକେ ଉପକୃତ ହେଲେ ଶାସକ ଓ ଶାସନକୁ ନେଇ କେହି ଆପତ୍ତି ଉଠାଇବେ ନାହିଁ। ତେବେ ବଡ଼କଥା ହେଉଛି ସରକାରୀ ଯୋଜନାଗୁଡ଼ିକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଇବା ନେଇ ଉଭୟ ଅଧିକାରୀ ଓ ହିତାଧିକାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏମାନଙ୍କ ସାଧୁତା ଓ ନିରପେକ୍ଷ ବିଚାରଧାରା ଯେକୌଣସି ଯୋଜନାର ସଫଳ ରୂପାୟନର ମାର୍ଗ ପ୍ରସ୍ତୁତ କରିଥାଏ। କାରଣ, କୌଣସି ଯୋଜନାରେ ସାମିଲ ହେବା ଲକ୍ଷ୍ୟରେ ହିତାଧିକାରୀଟି ନିଜକୁ ଯୋଗ୍ୟ ବୋଲି ସାବ୍ୟସ୍ତ କରିବା ଯେତିକି ସାମାଜିକ ମୂଲ୍ୟବୋଧ ବହନ କରିଥାଏ, ପ୍ରକୃତ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରିବାରେ ଅଧିକାରୀଙ୍କ ନିଷ୍ଠା ଓ କାର୍ଯ୍ୟଦକ୍ଷତା ସାଧାରଣରେ ସେତିକି ଗୁରୁତ୍ୱ ବହନ କରିଥାଏ। ଏ କ୍ଷେତ୍ରରେ ଉଭୟ ସ୍ୱଚ୍ଛତାର ପଥ ଅନୁସରଣ କରିପାରିଲେ ଜଣେ ହେଲେ କେହି ଅଯୋଗ୍ୟ ହିତାଧିକାରୀ ଯୋଜନାରେ ଅନ୍ତର୍ଭୁକ୍ତ ହେବାର ସୁଯୋଗ ପାଇ ପାରନ୍ତା ନାହିଁ କି କେହି ଜଣେ ହେଲେ ବି ଏଥିରୁ ବଞ୍ଚିତ ହେବାର ଆଶଙ୍କା ସୃଷ୍ଟି ହୁଅନ୍ତା ନାହିଁ।



ଦେଶ ସ୍ୱାଧୀନତାଠାରୁ ଏକାଧିକ ସରକାର ଦେଶ/ରାଜ୍ୟକୁ ଶାସନ କଲେଣି। ସେମାନଙ୍କ ଶାସନ କାଳରେ ଅନେକ ଯୋଜନା ପ୍ରଣୟନ କରିଛନ୍ତି। ବିଶେଷକରି ସମାଜରେ ଗରିବ ଓ ଅବହେଳିତ ବର୍ଗଙ୍କ ଲାଗି ପ୍ରଣୀତ ଯୋଜନାରୁ ହିତାଧିକାରୀମାନେ ଆଂଶିକ ଭାବେ ଉପକୃତ ହୋଇଥିବା ବେଳେ ଅଧିକାଂଶ ଯୋଜନାରୁ ସେମାନଙ୍କୁ କୌଣସି ସୁଫଳ ମିଳିପାରିନି। ଯେଉଁ ଉଦ୍ଦେଶ୍ୟ ନେଇ ସରକାର ଯୋଜନା ପ୍ରଣୟନ କରିଥାଆନ୍ତି ତାହା ଫଳପ୍ରସୂ ନ ହୋଇପାରିଲେ ଉଦ୍ଦେଶ୍ୟ ସାଧିତ ହୋଇପାରେ ନାହିଁ। ଉଦାହରଣସ୍ୱରୂପ ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଯେତେ ଅର୍ଥ ବ୍ୟୟ କରିଆସୁଛନ୍ତି ତାହାଦ୍ୱାରା ଆଜିଯାଏ ଦାରିଦ୍ର୍ୟ ଦୂର ହୋଇ ପାରିନାହିଁ। ଆଜି ବି କିଛି କିଛି ନୂଆ ଯୋଜନା ପ୍ରଣୟନ କରାଯାଉଛି। ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ମଧ୍ୟାହ୍ନଭୋଜନ, ପୋଷାକ, ସାଇକେଲ, ପାଠ୍ୟପୁସ୍ତକ ଓ ଆର୍ଥିକ ପ୍ରୋତ୍ସାହନ, ଆବାସ ଯୋଜନାରେ ପକ୍କାଗୃହ ଯୋଗାଇବା, ଖାଦ୍ୟ ସୁରକ୍ଷା ଯୋଜନାରେ ମାଗଣାରେ ରାଶନ ପ୍ରଦାନ, ବୃଦ୍ଧାବୃଦ୍ଧ, ବିଧବା ଓ ଭିନ୍ନକ୍ଷମଙ୍କୁ ଭତ୍ତା, କୃଷକଙ୍କୁ ଆର୍ଥିକ ପ୍ରୋତ୍ସାହନ, ଆତ୍ମନିର୍ଭରଶୀଳ ହେବାକୁ ବେକାର ଯୁବକ ଓ ମହିଳାଙ୍କୁ କମ୍ ସୁଧ ହାରରେ ଦୀର୍ଘମିଆଦୀ ଋଣ ଯୋଗାଇବା ସର୍ବୋପରି ରୋଗୀର ଚିକିତ୍ସା ଲାଗି ସହାୟତା ଆଦି ଅନେକ ଯୋଜନା ପ୍ରଣୟନ କରାଯାଇଛି। ଏହାବ୍ୟତୀତ ସାମଗ୍ରିକ ଭାବେ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି ଓ ପାନୀୟ ଜଳ ଯୋଗାଣ ଓ ଗମନାଗମନର ସୁବ୍ୟବସ୍ଥା କରାଯିବାକୁ ଅନେକ ଯୋଜନା ପ୍ରଣୟନ କରାଯାଇଛି। ହେଲେ ଉପାନ୍ତ ଅଞ୍ଚଳରେ ବସବାସ କରୁଥିବା ଲୋକେ ଆଜି ବିଭିନ୍ନ ସମସ୍ୟାରେ ଛନ୍ଦି ହୋଇ ଦୁଃଖକଷ୍ଟ ଭୋଗ କରୁଛନ୍ତି। ସେମାନଙ୍କୁ ସର୍ବନିମ୍ନ ମୌଳିକ ସୁବିଧା ସୁଯୋଗ ମିଳିପାରୁନି। ଏ କ୍ଷେତ୍ରରେ ଅବଶ୍ୟ ସରକାରଙ୍କର କିଛି ଦୋଷ ଦୁର୍ବଳତା ରହିଛି। ତେବେ ଦାୟିତ୍ୱରେ ଥିବା ଅଧିକାରୀମାନେ ଏଥିପାଇଁ ଅନେକ ମାତ୍ରାରେ ଦାୟୀ। ସେମାନଙ୍କ ଅବହେଳା ଓ ଦାୟିତ୍ୱହୀନତାରୁ ସରକାରୀ ଯୋଜନା ହିତାଧିକାରୀଙ୍କ ପାଖରେ ପହଞ୍ଚ ପାରୁନି। ସେସବୁ ଅଞ୍ଚଳରେ ଅଧିକାରୀ ଓ ହିତାଧିକାରୀଙ୍କ ମଧ୍ୟରେ ନିବିଡ଼ତା ବଦଳରେ ଦୂରତା ବଢ଼ିବାରେ ଲାଗିଛି।

ଅନ୍ୟପକ୍ଷେ ଅଧିକାରୀମାନେ ସେମାନଙ୍କ ଚାକିରି ବଞ୍ଚାଇବା ଲକ୍ଷ୍ୟରେ ସରକାରୀ କାର୍ଯ୍ୟକୁ କେବଳ ବିଧିରକ୍ଷା ଭିତରେ ସୀମିତ ରଖୁଥିବା ବେଳେ ଯୋଜନାର ସଫଳ ରୂପାୟନ ନେଇ ସେମାନେ ଆଦୌ ବିବ୍ରତ ହୁଅନ୍ତି ନାହିଁ। ରାଜନୈତିକ ଚାପରେ ପଡ଼ି ଅଧିକାରୀମାନେ ନିଷ୍ପତ୍ତି ଗ୍ରହଣ କରୁଥିବାରୁ ପ୍ରକୃତ ଯୋଗ୍ୟ ହିତାଧିକାରୀମାନେ ଯୋଜନାରୁ ବାଦ ପଡୁଥିବା ବେଳେ ଅଯୋଗ୍ୟମାନେ ଯୋଜନାରୁ ଲାଭ ଉଠାଉଛନ୍ତି। ଏପରି କ୍ଷେତ୍ରରେ ଅଧିକାରୀମାନେ ସେମାନଙ୍କ ମନୋଭାବର ପରିବର୍ତ୍ତନ କରିବା ସହିତ ହିତାଧିକାରୀଙ୍କ ହିତରେ ଆପଣାର ବିବେକାନୁମୋଦିତ କାର୍ଯ୍ୟ ଜାରି ରଖିପାରିଲେ ହିତାଧିକାରୀମାନେ ଯୋଜନାରୁ ବହୁଳ ମାତ୍ରାରେ ଉପକୃତ ହୋଇପାରନ୍ତେ।

**ଶଙ୍ଖଡ଼ା, ତିହିଡ଼ି, ଭଦ୍ରକ**
**ମୋ: ୯୯୩୭୫୬୫୫୨୭**

## ଏଇ ଭାରତରେ

ସୁନାର ଦାମ୍ ଏବେ ଯେଉଁଭଳି ବଢ଼ିଚାଲିଛି ତାହା ସମସ୍ତଙ୍କୁ ଚିନ୍ତାରେ ପକାଇଛି। ଏଭଳି ଏକ ସମୟରେ ମ୍ୟାଗି ପ୍ୟାକେଟ୍ ବଦଳରେ ସୁନା ମୁଦିଟିଏ ଦେବା କଥା କେହି କେବେ ଚିନ୍ତା ବି କରିପାରିବେ ନାହିଁ। ହେଲେ ଏମିତି ଏକ ଘଟଣା ଘଟିଛି ଉତ୍ତରପ୍ରଦେଶ କାନପୁରର ଶାସ୍ତ୍ରୀ ନଗରରେ। ଏଠାରେ ୧୩ ବର୍ଷର ବାଳକଟିଏ ମ୍ୟାଗି ଖାଇବ ବୋଲି ଘରୁ ସୁନା ମୁଦି ନେଇ ବିକ୍ରି କରିବାକୁ ଯାଇଥିଲା। ଗୋଟିଏ ମ୍ୟାଗି ପ୍ୟାକେଟର ଦାମ୍ ତୁଳନାରେ ସୁନା ମୁଦିର ଦାମ୍ ଯେ କେତେ ଗୁଣ ଅଧିକ ସେ ନେଇ ପିଲାଟିର ଆଦୌ ଧାରଣା ନ ଥିଲା। ନିଜର ପ୍ରିୟ ଖାଦ୍ୟ ଖାଇବା ତୁଳନାରେ ପିଲାଙ୍କ ପାଇଁ ସୁନା, ରୁପା କି ଅନ୍ୟ କୌଣସି ଦାମୀ ଜିନିଷର କିଛି ମୂଲ୍ୟ ନ ଥାଏ। ସେଥିପାଇଁ ତ ମ୍ୟାଗି ପ୍ୟାକେଟ କିଣିବା ପାଇଁ ସେ ଏଭଳି କାମ କରିବାକୁ ଆଦୌ ସଙ୍କୋଚ କରି ନ ଥିଲା। ଶାସ୍ତ୍ରୀନଗରର ସରାଫା ବଜାରରେ ସେ ଦୋକାନୀ ମାଲିକ ପୁଷ୍ପେନ୍ଦ୍ର ଜୟସ୍ୱାଲଙ୍କୁ ମୁଦି ଦେଇ ମ୍ୟାଗି ନିମନ୍ତେ ପଇସା ମାଗିଥିଲା। ଦୋକାନୀ ମୁଦିଟି ସୁନା କି ନାହିଁ ଯାଞ୍ଚ କରିଥିଲେ। ମୁଦିଟି ସୁନାର ବୋଲି ଜଣିବା ପରେ ଦୋକାନୀ ବାଳକକୁ କିଛି ପଇସା ଦେଇ ତାଙ୍କ ଘର ଲୋକଙ୍କୁ ଡକାଇ ମୁଦି ଫେରାଇ ଦେଇଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

### ୬ ଅକ୍ଟୋବର ୧୯୭୬

- ରେଲ୍‌ୱେ କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗଙ୍କ ସୁଖସ୍ୱାଚ୍ଛନ୍ଦ୍ୟ ପାଇଁ ୬୬୫ ନିୟୁତ ଟଙ୍କାର ବ୍ୟୟ ବ୍ୟବସ୍ଥା।
- ଧାନବାଦଠାରୁ ୧୫ କିଲୋମିଟର ଦୂରରେ ଅବସ୍ଥିତ ସୁଦାମଡିଲ କୋଇଲା ଖଣିରେ ବିସ୍ଫୋରଣ ଘଟି ୩୬ ଜଣ ନିହତ।

## ଚିରନ୍ତନୀ

ଜମିଅଛି ଯେତେ ବ୍ୟର୍ଥ ସାଧନା
ଅଭିଶାପ ସମ ଅସୀମ ଭାବନା
ତୁମରି ପରଶେ ନବ ରୂପ ଧରି
ଜୀଇଁଉଠୁ ତାହା ମରି
ଚମ୍ପକ ଚାରୁ ହାସ ହସିଯାଅ
ଆଗୋ ଗୋରଚନା–ଗୋରି !
–(ରୂପର ସ୍ତବ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | 2 | | | 7 | | | |
| | 9 | | | | | | 8 | |
| | | | | 3 | | 1 | | |
| 9 | 3 | | 5 | | | | | |
| | 5 | 7 | | | 6 | | | 3 |
| 6 | | | | | | 8 | | |
| 2 | | | | 1 | | | 4 | |
| | | 9 | | | | 6 | | |
| | | | | | 5 | 7 | 3 | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 4 | 8 | 9 | 5 | 7 | 6 | 2 | 1 |
| 7 | 9 | 2 | 6 | 1 | 8 | 5 | 4 | 3 |
| 6 | 5 | 1 | 4 | 2 | 3 | 8 | 7 | 9 |
| 9 | 3 | 4 | 2 | 7 | 6 | 1 | 5 | 8 |
| 1 | 7 | 5 | 8 | 4 | 9 | 3 | 6 | 2 |
| 2 | 8 | 6 | 1 | 3 | 5 | 4 | 9 | 7 |
| 5 | 6 | 7 | 3 | 9 | 1 | 2 | 8 | 4 |
| 4 | 1 | 9 | 5 | 8 | 2 | 7 | 3 | 6 |
| 8 | 2 | 3 | 7 | 6 | 4 | 9 | 1 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସାରର ବିକଳ୍ପ ବ୍ୟବସ୍ଥା କରାଯାଉ

ମହାଶୟ,

ଚାଷୀମାନଙ୍କୁ ଠିକ୍ ସମୟରେ ସାର ଯୋଗାଇ ଦେବା ସରକାରଙ୍କ କାମ। ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ କେଉଁ ଅଞ୍ଚଳରେ କେତେ ସାର ଦରକାର, ସରକାର ତାହା ନିର୍ଦ୍ଧାରଣ କରି ଡିଲରମାନଙ୍କ ପାଖରେ ପହଞ୍ଚାଇ ଦେବା ଉଚିତ୍। ଡିଲରଙ୍କ ପାଖରେ ଯଦି ସାର ନାହିଁ, କଳାବଜାରକାରୀଙ୍କ ପାଖକୁ କେମିତି ଆସୁଛି। ସରକାର ମୁକ୍ତକଣ୍ଠରେ କହୁଛନ୍ତି ପ୍ରଚୁର ସାର ମହଜୁଦ ରହିଛି। ତେବେ ଚାଷୀଙ୍କୁ ଯୋଗାଇ ଦିଆଯାଉନି କାହିଁକି ? ଚାଷ କରିବାକୁ ସରକାର ଯେଉଁ ଅର୍ଥ ଯୋଗାଇ ଦେଉଛନ୍ତି, ତାହା କ'ଣ ଏହି କଳାବଜାରରୁ ସାର କିଣିବାକୁ ଦେଉଛନ୍ତି। ଠିକ୍ ସମୟରେ ଯଦି ଚାଷୀଙ୍କୁ ସାର ଯୋଗାଇ ଦିଆ ନ ଯାଉଛି ତେବେ ସରକାର ଦାୟୀ। ଯେଉଁ ଡିଲରମାନେ ସାର ମହଜୁଦ ରଖି କଳାବଜାରରେ ବିକୁଛନ୍ତି, ସେମାନଙ୍କର ଡିଲରଶିପ୍ ବ୍ୟାନ କରାଯାଉ ଓ ଯୋଗାଣ ଅଫିସରଙ୍କୁ ତାଗିଦ କରାଯାଉ। ଶୀଘ୍ର ସରକାର ଏଥିପାଇଁ କିଛି ବିକଳ୍ପ ବ୍ୟବସ୍ଥା କରନ୍ତୁ।

**–ଅକ୍ଷୟ ମହାନ୍ତି, କଳିଙ୍ଗ ବିହାର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଶହୀଦ ବାଜି ରାଉତଙ୍କ ଶତବାର୍ଷିକୀ ଜୟନ୍ତୀ ଅବସରରେ ରବିବାର ବିଧାନସଭା ସମ୍ମୁଖରେ ଥିବା ପ୍ରତିମୂର୍ତ୍ତିରେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଧାୟକ ବାବୁ ସିଂ ଓ ଅନନ୍ତ ନାରାୟଣ ଜେନା ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିବା ଅବସରରେ।

# ଆଜି ମୁଖ୍ୟମନ୍ତ୍ରୀଙ୍କ ନୂଆପଡ଼ା ଜିଲା ଗସ୍ତ

ନୂଆପଡା,୫।୧୦(ମକାରୁ ବେମାଲ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସୋମବାର ଦିନିକିଆ ନୂଆପଡା ଗସ୍ତ କାର୍ଯ୍ୟକ୍ରମ ରହିଛି। ଏହାକୁ ନେଇ ପ୍ରସ୍ତୁତି ଚୂଡାନ୍ତ ହୋଇ ସାରିଛି। ଶାନ୍ତି ଶୃଙ୍ଖଳା ବଜାର ରଖିବା ପାଇଁ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପ୍ରସ୍ତୁତ ହୋଇ ରହିଛନ୍ତି। ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରୁ ସ୍ୱତନ୍ତ୍ର ଉଡ଼ାଜାହାଜରେ ଆସି ଖରିଆରରୋଡ ଗୋତମାସ୍ଥିତ ଉଡାଜାହାଜ ପଡିଆରେ ଅବତରଣ କରି ସଡ଼କ ପଥରେ ନୂଆପଡ଼ା ଆସି ମିନି ଷ୍ଟାଡିୟମଠାରେ ଆୟୋଜିତ ସଭାରେ ସାମିଲ ହୋଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ମନ୍ତ୍ରୀଙ୍କ ସହିତ ନିର୍ବାଚିତ ଜନ ପ୍ରତିନିଧି ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। ଆଗାମୀ ନୂଆପଡ଼ା ଉପନିର୍ବାଚନ ପାଇଁ ରାଜ୍ୟର ୩ ପ୍ରମୁଖ ଦଳ ମଧ୍ୟରୁ ୨ ଦଳର ପ୍ରାର୍ଥୀ ଏକ ପ୍ରକାର ସ୍ପଷ୍ଟ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ଭାଜପାର ପ୍ରାର୍ଥୀ ଘୋଷଣା କରିବେ କି ବୋଲି ବୃଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋରଧରିଛି। ନୂଆପଡ଼ା ଜିଲାବାସୀଙ୍କୁ ସଭାରେ ଉଦ୍‌ବୋଧନ ଦେଇ ପୁଣି ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ।

# ଛିଡ଼ା ହୋଇଥିବା ଟ୍ରକ୍ ସହ ପିଟି ହୋଇ ୨ ବାଇକ୍ ଆରୋହୀ ମୃତ

ପାଣ୍ଡ୍ରିପାଣି,୫।୧୦(ରାମମୂର୍ତ୍ତି କିର୍ସାନୀ)

## କ୍ଷତିପୂରଣ ଦାବିରେ ଜାତୀୟ ରାଜପଥ ଅବରୋଧ



ମାଲକାନଗିରି ବ୍ଲକ୍ କଟାମେଟା ଗ୍ରାମ ନିକଟ ୩୨୬ନଂ ଜାତୀୟ ରାଜପଥ କଡ଼ରେ ଛିଡ଼ା ହୋଇଥିବା ଗୋଟିଏ ଟ୍ରକ୍‌କୁ ୨ଟି ବାଇକ୍ ଧକ୍କା ଦେବାରୁ ଦୁଇ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ମାଲକାନଗିରି ବ୍ଲକ୍ ସିନ୍ଧ୍ରିମାଳ ପଞ୍ଚାୟତ କଙ୍କଡି ଗ୍ରାମର ସୁକ୍ରୁ ଖିଲ ଓ ଭୀମ ଖିଲ । ଦୁର୍ଘଟଣାରେ ଅନ୍ୟ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଗ୍ରାମବାସୀ ଓ ପରିବାର ବର୍ଗ ରବିବାର ସକାଳ ୬ରୁ ୧୦ଟା ପର୍ଯ୍ୟନ୍ତ ୩୨୬ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। ଦୀର୍ଘ ୪ଘଣ୍ଟା ଧରି ଜାତୀୟ ରାଜପଥ ବନ୍ଦ ଯୋଗୁ ବହୁ ଯାନବାହନ ଅଟକି ରହିଥିଲା। ଘଟଣାସ୍ଥଳରେ ମାଲକାନଗିରି ଏସ୍‌ଡିପିଓ ଦିବ୍ୟରଞ୍ଜନ ଦଳେଇ, ମାଲକାନଗିରି ଥାନା ଅଧିକାରୀ ରିଗାନ କିଣ୍ଡୋ ଓ ମାଥିଲି ତହସିଲଦାର ମାନସୀ ଭୋଇ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ସୂଚନା ଅନୁଯାୟୀ, ଶନିବାର ସକାଳେ ଦୁଇଜଣ ବ୍ୟକ୍ତି ବାଇକ ଯୋଗେ ଜୟପୁର ଅଭିମୁଖେ ଯାଉଥିବା ସମୟରେ କଟାମେଟା ଗ୍ରାମ ନିକଟରେ ଗତ ୨ ଦିନ ହେଲା ବ୍ରେକ୍‌ଡାଉନ୍ ହୋଇ ଛିଡ଼ା ହୋଇଥିବା ଟ୍ରକ୍‌କୁ ପଛରୁ ଧକ୍କା ଦେଇଥିଲେ। ଫଳରେ ୨ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରବର୍ତ୍ତୀ ସମୟରେ ସେମାନଙ୍କୁ କୋରାପୁଟ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତେବେ ଆହତ ଯୁବକ ଦ୍ୱୟଙ୍କ ପରିଚୟ ମିଳି ପାରିନାହିଁ । ସେହିପରି ଶନିବାର ରାତିରେ ସିନ୍ଧ୍ରିମାଳ ପଞ୍ଚାୟତର ସୁକ୍ରୁ ଓ ଭୀମ ବାଇକ୍ ଯୋଗେ ଗୋବିନ୍ଦପାଲ୍ଲୀରେ ହେଉଥିବା ସପ୍ତଧାରା ଯାତ୍ରା ଦେଖିବାକୁ ଯାଉଥିବା ସମୟରେ ଉକ୍ତ ଟ୍ରକକୁ ପଛପଟୁ ଧକ୍କା ଦେଇଥିଲେ। ଫଳରେ ଘଟଣାସ୍ଥଳରେ ଦୁଇଜଣଙ୍କ ମୃତ୍ୟୁ ଘଟିଛି। ପୋଲିସ ଦୁଇ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇ ଘଟଣାର ତଦନ୍ତ ଜାରି ରଖିଥିବା ମାଲକାନଗିରି ଥାନା ଅଧିକାରୀ କିଣ୍ଡୋ ସୂଚନା ଦେଇଛନ୍ତି।

# ଖସିଯିବ ୩୫୦କୋଟି

## ଡିସେମ୍ବର ୩୧ କଟ୍ଟ

ଭୁବନେଶ୍ୱର,୫।୧୦ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ହାତରେ ଆଉ ମାତ୍ର ୮୬ଦିନ ରହିଛି। ଯଦି ଡିସେମ୍ବର ୩୧ ସୁଦ୍ଧା ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ସମସ୍ତ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା (ସିଏସ୍ଏସ୍)ଅର୍ଥ ଅର୍ଥମନ୍ତ୍ରଣାଳୟର ମାର୍ଗଦର୍ଶିକା ଅନୁଯାୟୀ ଖର୍ଚ୍ଚ ହେବା ସହିତ ହିସାବ ଦିଆଯାଏ, ତେବେ ଓଡ଼ିଶା ୩୫୦କୋଟି ଟଙ୍କାର ପ୍ରୋତ୍ସାହନ ରାଶି ପାଇବାକୁ ଯୋଗ୍ୟ ହେବ। ଅନ୍ୟଥା ଏହି କେନ୍ଦ୍ରୀୟ ପ୍ରୋତ୍ସାହନ ଅର୍ଥ ରାଜ୍ୟକୁ ମିଳିବ ନାହିଁ ବୋଲି ଶନିବାର ସିଙ୍ଗଲ ନୋଡାଲ ଏଜେନ୍ସି(ଏସ୍ଏନ୍ଏ) ଏବଂ ସ୍ପର୍ଶ ସମୀକ୍ଷା ବୈଠକରୁ ଜଣାପଡ଼ିଛି।

ଅର୍ଥ ବିଭାଗର ତଥ୍ୟ ଅନୁଯାୟୀ, କେନ୍ଦ୍ର ସରକାରଙ୍କ ଅର୍ଥମନ୍ତ୍ରଣାଳୟର ମାର୍ଗଦର୍ଶିକା ଅନୁସାରେ ରାଜ୍ୟ ସରକାରଙ୍କ ୨୨ବିଭାଗ ଏସ୍ଏନ୍ଏ ଆକାଉଣ୍ଟ ଖାତା ସ୍ପର୍ଶ ମାଧ୍ୟମରେ ଖୋଲି ସାରିଥିବାବେଳେ ଅବଶିଷ୍ଟ ବିଭାଗର ପ୍ରାୟ ୨୫ଟି ବ୍ୟାଙ୍କ ଖାତା ଖୋଲିବା ଦିଗରେ ତତ୍ପରତା ଦେଖାଇ ନାହାନ୍ତି। ଏହାକୁ ନେଇ ଅର୍ଥ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଚଳିତ ଆର୍ଥିକବର୍ଷ ରାଜ୍ୟ ସରକାର ୬୬ହଜାର କୋଟି ଟଙ୍କା ପାଇବାକୁ ବଜେଟରେ ବ୍ୟବସ୍ଥା କରିଛନ୍ତି। ଏହି ରାଶି ପାଇବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ କେତେକ ସର୍ତ୍ତାବଳୀ ରହିଛି। ଯଦି ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ଉକ୍ତ ରାଶି ପାଇପାରିବେ ତେବେ ପ୍ରୋତ୍ସାହନ ବାବଦକୁ ଅଧିକ ୩୫୦ କୋଟି ଟଙ୍କା ମିଳିବ। ହେଲେ ସେପ୍ଟେମ୍ବର ସୁଦ୍ଧା ସେପ୍ଟେମ୍ବର ସୁଦ୍ଧା ସେଉଁଠାଏ ଆସିଛି ରାଜ୍ୟ ପ୍ରୋତ୍ସାହନ ରାଶି ପାଇବାଠାରୁ ବହୁ ଦୂରରେ ରହିଛି। କେବଳ କେତେକ ବିଭାଗ ସିଙ୍ଗଲ ନୋଡାଲ ଏଜେନ୍ସି ଆକାଉଣ୍ଟ ଖୋଲିବାରେ ସମର୍ଥ ହୋଇଥିଲେ ମଧ୍ୟ ଏହା ସେପରି ଭାବେ ସ୍ପର୍ଶ ପଦ୍ଧତି ଦେଇ ଖର୍ଚ୍ଚ ହେବାର ଆଶଙ୍କା ରହିଛି ସେଥିପ୍ରତି ଗୁରୁତ୍ୱ ଦିଆଯାଇ ନ ଥିବା ସମୀକ୍ଷାରୁ ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଚଳିତ ବିଭାଗୀୟ ତଥ୍ୟ ଅନୁଯାୟୀ, ରାଜ୍ୟ ସରକାରଙ୍କ ପକ୍ଷରୁ ଏପର୍ଯ୍ୟନ୍ତ ୨୫ଟି ଏସ୍ଏନ୍ଏ-ସ୍ପର୍ଶ ରାଜ୍ୟ ଅନୁଦାନ ପ୍ରସ୍ତୁତ ହୋଇପାରିନାହିଁ। ସେଥିମଧ୍ୟରେ କୃଷି ବିଭାଗର କୃଷି ଉନ୍ନତି ଯୋଜନା ରହିଥିବାବେଳେ ସମବାୟ ବିଭାଗର ପାକ୍ସ କମ୍ପ୍ୟୁଟରାଇଜେସନ, ମତ୍ସ୍ୟ ଓ ପଶୁସମ୍ପଦ ବିଭାଗର ପ୍ରାଣୀସମ୍ପଦ ବିଭାଗ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଯୋଜନା, ଜଙ୍ଗଲ ଓ ପରିବେଶ ବିଭାଗର ୩ଟି, ନଗର ଉନ୍ନୟନ ବିଭାଗର ୩ଟି, ସ୍ୱାସ୍ଥ୍ୟବିଭାଗର ଜାତୀୟ ଆୟୁଷ ମିଶନ, ଗୃହ ବିଭାଗର ନ୍ୟାୟିକ ଭିତ୍ତିଭୂମି ବ୍ୟବସ୍ଥା ଭଳି ପଞ୍ଚାୟତିରାଜ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଅନୁସୂଚିତ ଜାତି ଓ ଜନଜାତି ଏବଂ ମହିଳା ଓ ଶିଶୁ କଲ୍ୟାଣ ବିଭାଗକୁ ମିଶାଇ ୨୭ଟି ଯୋଜନା ରହିଛି। ଯେଉଁଥିରେ ୧୭ଟି ଯୋଜନାରେ ଏପର୍ଯ୍ୟନ୍ତ ଦାବି ହୋଇ ନ ଥିବାବେଳେ ୧୮ଟି ଯୋଜନାରେ ଖାତା(ଏସ୍କ୍ରି) ଖୋଲାଯାଇନାହିଁ। ଅନ୍ୟପକ୍ଷରେ ପ୍ରୋତ୍ସାହନ ରାଶି ପାଇବାକୁ ହେଲେ ୫ଟି ସର୍ତ୍ତାବଳୀ ପୂରଣ କରିବାକୁ ହେବ। ସେଥିମଧ୍ୟରେ ରାଜ୍ୟ ସରକାର ୨୦୨୫ ଜୁନ୍ ମଧ୍ୟରେ ସମସ୍ତ ସିଏସ୍ଏସ୍ ପାଣ୍ଠିକୁ ସ୍ପର୍ଶ ପ୍ଲାଟଫର୍ମ ମାଧ୍ୟମରେ କାର୍ଯ୍ୟକାରୀ କରିବା ପାଇଁ ସନ୍ତକସିତ ହେବା ଉଚିତ। ଯେତେବେଳେ ରାଜ୍ୟ ସରକାରଙ୍କ ଅଂଶଧନ(ଏସ୍ଏସ୍) ଓ କେନ୍ଦ୍ର ସରକାରଙ୍କ ଅଂଶଧନ(ସିଏସ୍ଏସ୍) ସ୍ପର୍ଶ ମାଧ୍ୟମରେ ଅତି କମ୍‌ରେ ଗୋଟିଏ ପେମେଣ୍ଟ କରିବାକୁ ହେବ। ଉକ୍ତ ଦେୟ ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର (ଡିବିଟି) ମାଧ୍ୟମରେ ହେବା ଆବଶ୍ୟକ। ଏହାସହିତ ସମ୍ପୃକ୍ତ ରାଜ୍ୟ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ) ଏବଂ ଏନ୍‌ପିସିଆଇ ସହ ଆଧାର ଲିଙ୍କ୍ ହୋଇଥିବା ଆବଶ୍ୟକ। ସେହିପରି ଅର୍ଥ ମନ୍ତ୍ରଣାଳୟ ୨୦୨୩ ଜୁଲାଇ ୧୩ ନିର୍ଦ୍ଦେଶନାମା ଅନୁସାରେ, ରାଜ୍ୟ ସରକାର ନିଜର ଇଣ୍ଟିଗ୍ରେଟେଡ୍ ଫାଇନାନ୍ସିଆଲ ମ୍ୟାନେଜମେଣ୍ଟ ଆଣ୍ଡ ଇନ୍‌ଫରମେସନ ସିଷ୍ଟମ (ଆଇଏଫ୍ଏମ୍ଆଇଏସ୍)ରେ ଏକ ରାଜକୋଷ ଏବଂ ଇ-ଅଭିଯୋଗ, ଇ-ଭାଉଚର ମଡ୍ୟୁଲ ପ୍ରସ୍ତୁତ କରିବାକୁ ପଡ଼ିବ; ଯାହା ମାଧ୍ୟମରେ ସମସ୍ତ ପ୍ରକାର ଆର୍ଥିକ ନେଣଦେଣ ଏବଂ ଇ-ଅଭିଯୋଗ ହୋଇପାରୁଥିବ। ଏହି ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରିଲେ ରାଜ୍ୟ ସରକାର ୨୦୨୫ ଡିସେମ୍ବର ୩୧ରେ ତାଙ୍କର ପ୍ରୋତ୍ସାହନ ରାଶି ପାଇବାକୁ ଦାବି କରିପାରିବେ।

# ସିବିଆଇ ତଦନ୍ତ ଦାବି କଲା ବିଜେଡି

## ପୋଲିସ ଏସ୍ଆଇ ନିଯୁକ୍ତିରେ ଦୁର୍ନୀତି ପ୍ରସଙ୍ଗ

ଭୁବନେଶ୍ୱର,୫।୧୦ (ରବିନାରାୟଣ ଜେନା)

ପୋଲିସ ଏସ୍ଆଇ ପରୀକ୍ଷାରେ ହୋଇଥିବା ମହାଦୁର୍ନୀତି ଘଟଣାରେ କ୍ରାଇମବ୍ରାଞ୍ଚ ତଦନ୍ତ ଆଳରେ ସମ୍ପୃକ୍ତ ବଡ଼ବଡ଼ିଆଙ୍କୁ ଖସାଇ ଦେବାକୁ ଉଦ୍ୟମ କରାଯାଉଛି ବୋଲି ବିଜୁ ଜନତା ଦଳ(ବିଜେଡି) କହିଛି। ରବିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ନେତା ପ୍ରତିରଞ୍ଜନ ଘଡ଼ାଇ କହିଛନ୍ତି, କ୍ରାଇମବ୍ରାଞ୍ଚ ଏହି ଘଟଣାରେ ସମ୍ପୃକ୍ତ କେବଳ ଦଲାଲମାନଙ୍କୁ ଧରୁଛି ଓ ବଡ଼ ମୁଣ୍ଡକୁ ଛାଡି ଦେଉଛି। ରାଜ୍ୟର ଯୁବ ସମାଜ ରାଜ୍ୟ ସରକାରଙ୍କ ଉପରୁ ଆସ୍ଥା ହରାଇଲେଣି। ମୁଖ୍ୟମନ୍ତ୍ରୀ ଗୃହ ବିଭାଗର ଦାୟିତ୍ୱରେ ଅଛନ୍ତି। ଏହି ଘଟଣାର ତଦନ୍ତ କ୍ରାଇମବ୍ରାଞ୍ଚ ହାତରେ ଦେଉଛନ୍ତି। ଏହି ନିଯୁକ୍ତି ପାଇଁ ପ୍ରଥମ ଥର ମାର୍ଚ୍ଚ ୭ ଓ ୮ରେ ହେବାକୁ ଥିବା ପରୀକ୍ଷାକୁ ଶେଷ ମୁହୂର୍ତ୍ତରେ ବାତିଲ କରାଯାଇଥିଲା। ପରୀକ୍ଷା ବାତିଲର ନିର୍ଦ୍ଦିଷ୍ଟ କାରଣ ଜଣାପଡ଼ି ନ ଥିଲା ବେଳେ ଓପିଆରବିର ଅଧ୍ୟକ୍ଷଙ୍କୁ ବିଦା କରି ନୂତନ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଏହାପରେ, ଆଇଟିଆଇଆର ସହଯୋଗୀ ଏଜେନ୍ସି ଭାବେ ପୂର୍ବରୁ ଥିବା ରିଚ୍ ମାଇକ୍ରୋକୁ ହଟାଯାଇ ସିଲିକନ୍ ଟେକ୍‌କୁ ଦାୟିତ୍ୱ ଦିଆଯାଇଥିଲା। ଆଉଟ୍‌ସୋର୍ସିଂ ମାଧ୍ୟମରେ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନରେ ପୋଲିସ ଏସ୍ଆଇ ଚାକିରି ବିକ୍ରି ପାଇଁ ଏକ ସୁଚିନ୍ତିତ ଯୋଜନା କରାଯାଇଥିଲା ବୋଲି ଘଡ଼ାଇ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସମେତ ରାଜ୍ୟର ଗୃହ ସଚିବ, ଡିଜି ପୋଲିସ ଓ ଓପିଆରବିର ଅଧ୍ୟକ୍ଷ ଏହି ଚାକିରି ଚୋରି ସମ୍ପର୍କରେ ସ୍ୱଷ୍ଟୀକରଣ ରଖନ୍ତୁ ଓ ସିବିଆଇ ତଦନ୍ତର ନିର୍ଦ୍ଦେଶ ଦିଅନ୍ତୁ ବୋଲି ଘଡ଼ାଇ ଦାବି କରିଛନ୍ତି।

# ଅନାସ୍ଥାରେ ପଦ ହରାଇଲେ ରାଇକିଆ ବ୍ଲକ ଅଧ୍ୟକ୍ଷ

ରାଇକିଆ,୫।୧୦ (ପ୍ରଦୀପ ବେହେରା)

କନ୍ଧମାଳ ଜିଲା ରାଇକିଆ ବ୍ଲକ ଅଧ୍ୟକ୍ଷ ପ୍ରୀତମ ପ୍ରଧାନ ତାଙ୍କ ପଦବୀ ହରାଇଛନ୍ତି। ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆସିଥିଲା। ଏହା ଉପରେ ଗତ ୨୬ ତାରିଖରେ ଓଡ଼ିଶା ପଞ୍ଚାୟତ ସମିତି ଆଇନ ୧୯୫୯ର ଧାରା ୪୬- ବି ପ୍ରକାରେ ହୋଇଥିବା ସ୍ୱତନ୍ତ୍ର ବୈଠକରେ ଅନୁଷ୍ଠିତ ଭୋଟରେ ଫଳାଫଳ ଅନାସ୍ଥା ପ୍ରସ୍ତାବ ସପକ୍ଷରେ ଯାଇଥିଲା। ଦୁଇ ତୃତୀୟାଂଶରୁ ଊର୍ଦ୍ଧ୍ୱ ସମର୍ଥନ ଭୋଟରେ ପ୍ରସ୍ତାବ ଗୃହୀତ ହୋଇଥିଲା। ଭୋଟିଂରେ ୧୨ଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ମୋଟ ୨୪ ଜଣଙ୍କ ମଧ୍ୟରୁ ୨୨ ଜଣ ଉପସ୍ଥିତ ଥିଲେ। କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀ ମଧ୍ୟ ଯୋଗ ଦେଇ ଭୋଟ ଦେଇଥିଲେ। ଏଥିରି ମୋଟ ୨୩ଜଣ ମତଦାନ କରିଥିଲେ। ଫଳାଫଳ ପ୍ରାଥମଙ୍କ ବିପକ୍ଷରେ ଯାଇଥିଲା। ଜିଲାପାଳଙ୍କ ଆଦେଶ ପତ୍ର ସଂଖ୍ୟା ୧୪୨୫/୨୦୨୫ ମାଧ୍ୟମରେ ଶନିବାର ତାଙ୍କୁ ପଦଚ୍ୟୁତ କରାଯାଇଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିସହ ଅଧ୍ୟକ୍ଷଙ୍କ ସମସ୍ତ ଦାୟିତ୍ୱ ଉପାଧ୍ୟକ୍ଷ ରିନା ପ୍ରଧାନଙ୍କୁ ହସ୍ତାନ୍ତର ପାଇଁ ନିର୍ଦ୍ଦେଶ ରହିଛି।

# ଭୁବନେଶ୍ୱର ଆସି ଫସିଲେ ହରିୟାଣାର ଦୁଇ ଠକ

## କମିଶନ ଅଧ୍ୟକ୍ଷଙ୍କ ପରିଚୟ ଦେଇ ବଡ଼ ଠକେଇ ଯୋଜନା



ଗିରଫ ଅଭିଯୁକ୍ତ ମନିନ୍ଦର, ରିଙ୍କୁ

ଭୁବନେଶ୍ୱର,୫।୧୦(ସତ୍ୟଜିତ ରାଉତ)

■ ସରକାରୀ ପ୍ରୋଟୋକଲ ଯୋଗାଇଦେବାକୁ ମେଲ୍ ପଠାଇଥିଲେ
■ ଠକେଇର ଶିକାର ହୋଇଥିଲେ ଥାନାରେ ଜଣାଅ: ଡିସିପି

ଠକେଇ କରିବାକୁ ଆପଣାଇଥିଲେ ନୂଆ ଯୋଜନା। କେନ୍ଦ୍ର ସରକାରଙ୍କ ସୋସିଆଲ ଜଷ୍ଟିସ୍ ଆଣ୍ଡ ଓମେନ ଏମ୍ପାୱାରମେଣ୍ଟ କମିଶନ ନାଁରେ ବଡ଼ ଠକେଇ ପାଇଁ ଜାଲ ବିଛାଇଥିଲେ। କମିଶନ ଅଧ୍ୟକ୍ଷ ପରିଚୟ ଦେଇ ପ୍ରୋଟୋକଲ ଯୋଗାଇଦେବାକୁ ଓଡ଼ିଶା ସରକାରଙ୍କ ସମେତ ପୋଲିସ ଓ ବିଭିନ୍ନ ବିଭାଗକୁ ଫେକ୍ ମେଲ୍ ବି ପଠାଇଥିଲେ। ଉଦ୍ଦେଶ୍ୟଥିଲା ସରକାରୀ ପୋଟୋକଲରେ ଆସି ବଡ଼ ଠକେଇ କରିବାର। ତେବେ ଭୁବନେଶ୍ୱର ଆସିଥିବାବେଳେ କମିଶନରେଟ୍ ପୋଲିସ ହାତରେ ଧରାପଡ଼ିଗଲେ ହରିଆଣାର ଦୁଇ ଠକ। ମୈତ୍ରୀ ବିହାର ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ହରିୟାଣା କର୍ଣାଲ ଜିଲାର ଚୌଧୁରୀ ରିଙ୍କୁ ସାଇନି (୩୬) ଓ ସୋନିପତ୍ ଜିଲାର ମନିନ୍ଦର ସିଂହ (୩୯)। ରିଙ୍କୁ ନିଜକୁ ସୋସିଆଲ ଜଷ୍ଟିସ ଆଣ୍ଡ ଓମେନ ଏମ୍ପାୱାରମେଣ୍ଟ କମିଶନ ଅଧ୍ୟକ୍ଷ ଓ ମନିନ୍ଦର ତାଙ୍କ ବ୍ୟକ୍ତିଗତ ସହାୟକ (ପିଏ) ବୋଲି ପରିଚୟ ଦେଉଥିଲେ। ରବିବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ ପରେ ଜେଲକୁ ପଠାଯାଇଛି।

ଅଭିଯୁକ୍ତଙ୍କ ଖାତା ସ୍ୱର୍ଣ୍ଣ ମାଧ୍ୟମରେ ... ଡିସିପି ଜଗମୋହନ ମୀନା ଏନେଇ ଏକ ମାମଲା (ନଂ.୪୦୪/୨୦୨୫) ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ଅଭିଯୁକ୍ତଙ୍କ ଜାଲରେ ଆଉ କିଛି ଲୋକ ଠକାମିର ଶିକାର ହୋଇଥିବା ପୋଲିସ ସନ୍ଦେହ କରୁଛି। ଯଦି କେହି ଅଭିଯୁକ୍ତଙ୍କ ଦ୍ୱାରା ଠକାମିର ଶିକାର ହୋଇଥାନ୍ତି, ତେବେ ସେମାନେ ନିକଟସ୍ଥ ଥାନା କିମ୍ବା ମୈତ୍ରୀ ବିହାର ଥାନା ଅଧିକାରୀଙ୍କ ମୋବାଇଲ ନମ୍ବର (୯୪୩୭୦୨୩୪୯୬)କୁ କଲ୍ କରି ଜଣାଇବାକୁ କୁହାଯାଇଛି। ଚୌଧୁରୀ ରିଙ୍କୁ ସାଇନଙ୍କ ଗସ୍ତ ନେଇ ଗୁରୁବାର ଏକ ଫେକ୍ ମେଲ୍ ଆସିଥିଲା। ଫେକ୍ ଲେଟର ପ୍ୟାଡ୍ ବ୍ୟବହାର କରାଯାଇ ଓଡ଼ିଶା ସରକାର, ମୁଖ୍ୟ ଶାସନ ସଚିବ, ପୋଲିସ କମିଶନର, ଭୁବନେଶ୍ୱର ଏୟାରପୋର୍ଟ, ପୋଲିସ ଡିଜି, ଜିଲାପାଳ ଆଦିଙ୍କୁ ଏହି ମେଲ୍ ପଠାଯାଇଥିଲା। ଗୃହ ମନ୍ତ୍ରଣାଳୟ ଅଧୀନରେ ଥିବା ଏହି କମିଶନଙ୍କ ଅଧ୍ୟକ୍ଷ ରିଙ୍କୁଙ୍କ ପ୍ରୋଟୋକଲ୍ ସୁବିଧା ଯୋଗାଇଦେବାକୁ ଚିଠିରେ ଉଲ୍ଲେଖ ରହିଥିଲା। ତେବେ ଏହି ମେଲରେ ଏକାଧିକ ତ୍ରୁଟି ଥିବାରୁ ପୋଲିସ ସନ୍ଦେହ କରିଥିଲା। ଫେକ୍ ମେଲ୍ ଅନୁଯାୟୀ, ଅକ୍ଟୋବର ୩ରେ ରିଙ୍କୁଙ୍କ ଗସ୍ତ ବିବରଣୀ ଥିଲା। ଶୁକ୍ରବାର ସକାଳ ୯ଟା ୫ରେ ଗୁଆହାଟି ଏୟାରପୋର୍ଟରୁ ଭୁବନେଶ୍ୱର ଅଭିମୁଖେ ଯାତ୍ରା। ୧୧ଟା ୩୦ରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚି ଲିଙ୍ଗରାଜ ମନ୍ଦିର ସମେତ ଅନ୍ୟାନ୍ୟ ମନ୍ଦିର ପରିଦର୍ଶନ ପରେ ରାତିରେ ଜୟଦେବବିହାରସ୍ଥିତ ପଞ୍ଚତାରକା ହୋଟେଲରେ ରାତ୍ରିଯାପନ। ପରେ ଅକ୍ଟୋବର ୪ ଅପରାହ୍ନ ୧ଟା ୨୦ରେ ଭୁବନେଶ୍ୱର ଏୟାରପୋର୍ଟରୁ ଦିଲ୍ଲୀ ଅଭିମୁଖେ ଯାତ୍ରା ନେଇ ରୁଟ୍ ବିବରଣୀ ଦିଆଯାଇଥିଲା। ସୁରକ୍ଷା ପାଇଁ ଏସ୍କର୍ଟ ଓ ପାଇଲଟ୍ ଯୋଗାଇଦେବାକୁ ମେଲ ଦ୍ୱାରା କୁହାଯାଇଥିଲା। ତେବେ ଅଧିକ ଯାଞ୍ଚ ପରେ 'ସୋସିଆଲ ଜଷ୍ଟିସ୍ ଆଣ୍ଡ ଓମେନ ଏମ୍ପାୱାରମେଣ୍ଟ କମିଶନ' ନାଁରେ କୌଣସି କମିଶନ ନ ଥିବା ଜଣାପଡ଼ିଥିଲା। ଏପରିକି ହରିୟାଣା ପୋଲିସ ସହ ଯୋଗାଯୋଗ ପରେ ଅଭିଯୁକ୍ତଙ୍କ ଗତିବିଧି ସନ୍ଦେହଜନକ ବୋଲି କୁହାଯାଇଥିଲା। ଶେଷରେ ରିଙ୍କୁ ଓ ତାଙ୍କ ସହଯୋଗୀ ଉକ୍ତ ହୋଟେଲରେ ଥିବା ବେଳେ ମୈତ୍ରୀ ବିହାର ଥାନା ଟିମ୍ ଶନିବାର ଚଢ଼ାଉ କରି ଗିରଫ କରିଥିଲା। ତେବେ ମାମଲାରେ ଅଧିକ ତଦନ୍ତ ଚାଲିଥିବାବେଳେ ଅଭିଯୁକ୍ତଙ୍କ ଜାଲରେ ପଡ଼ିଥିଲେ ଜଣାଇବାକୁ ଡିସିପି ଜଗମୋହନ ମୀନା ଅପିଲ କରିଛନ୍ତି। ଏପରିକି ଉଭୟଙ୍କ ବିରୁଦ୍ଧରେ ପାଇଁ ଅଭିଯୁକ୍ତଙ୍କ ଫଟୋ ଜାରି କରାଯିବ ବୋଲି ଡିସିପି କହିଛନ୍ତି।


# ଆପଣଙ୍କ ପୁରୁଣା ବ୍ୟାଙ୍କ ଖାତାରେ ଟଙ୍କା ରଖି ଭୁଲିଯାଇଛନ୍ତି କି?



ଯାହା ଆପଣଙ୍କର ତାହାକୁ ପ୍ରାପ୍ତ କରିବାରେ ଆରବିଆଇ ଆପଣଙ୍କୁ ସାହାଯ୍ୟ କରିବ ।

ଆପଣଙ୍କ ବ୍ୟାଙ୍କରେ ଅଚଳ ଖାତା (2 ବର୍ଷରୁ ଅଧିକ ଓ 10 ବର୍ଷ ପର୍ଯ୍ୟନ୍ତ ସମୟ ଧରି ନିଷ୍କ୍ରିୟ ଥିବା)ରେ ପଡ଼ିରହିଥିବା ଟଙ୍କା / ଦାବିହୀନ ଜମା (10 ବର୍ଷରୁ ଅଧିକ ସମୟ ଧରି)ଗୁଡ଼ିକୁ ଆରବିଆଇର ଡିଇଏ ପାଣ୍ଠିକୁ ସ୍ଥାନାନ୍ତର କରିଦିଆଯାଇଥାଏ । ଆପଣ କିମ୍ବା ଆପଣଙ୍କର ଆଇନଗତ ଉତ୍ତରାଧିକାରୀ ତାହାକୁ ଯେକୌଣସି ସମୟରେ ଦାବି କରିପାରିବେ ।

ଦିଆ

## ନିଜ ଟଙ୍କାକୁ ଦାବି କରିବାର ୩ଟି ସହଜ ସୋପାନ

1. ଯେକୌଣସି ବ୍ୟାଙ୍କ ଶାଖାକୁ ଯାଆନ୍ତୁ, ତାହା ଆପଣଙ୍କର ନିୟମିତ ଶାଖା ହୋଇନଥିଲେ ମଧ୍ୟ କିଛି ଅସୁବିଧା ନାହିଁ
2. କେୱାଇସି ଦସ୍ତାବିଜ (ଆଧାର, ପାସ୍‌ପୋର୍ଟ, ମତଦାତା ପରିଚୟପତ୍ର କିମ୍ବା ଡ୍ରାଇଭିଂ ଲାଇସେନ୍ସ) ସହ ଏକ ଫର୍ମ ଦାଖଲ କରନ୍ତୁ
3. ଯାଞ୍ଚ ପରେ, ଯଦି ଆପଣଙ୍କର କୌଣସି ଅର୍ଥରାଶି ପ୍ରାପ୍ୟ ହୋଇଥାଏ ତେବେ ତାହାକୁ ସୁଧ ସହ ପ୍ରାପ୍ତ କରନ୍ତୁ

ଅକ୍ଟୋବରରୁ ଡିସେମ୍ବର 2025 ମଧ୍ୟରେ ସାରାଦେଶରେ ସମସ୍ତ ଜିଲାରେ ଆୟୋଜିତ ହେଉଥିବା ସ୍ୱତନ୍ତ୍ର ଦାବିହୀନ ପରିସମ୍ପତ୍ତି ଶିବିର ପରିଦର୍ଶନ କରନ୍ତୁ

## ଆପଣଙ୍କର ଦାବିହୀନ ଜମାକୁ ଠାବ କରିବା ପାଇଁ

ଆପଣଙ୍କ ବ୍ୟାଙ୍କର ୱେବ୍‌ସାଇଟରେ ସନ୍ଧାନ କରନ୍ତୁ କିମ୍ବା ସମ୍ପ୍ରତି 30ଟି ବ୍ୟାଙ୍କକୁ ଅନ୍ତର୍ଭୁକ୍ତ କରୁଥିବା ଆରବିଆଇର ଉଦ୍‌ଗମ ପୋର୍ଟାଲ (https://udgam.rbi.org.in) ଯାଞ୍ଚ କରନ୍ତୁ ।

ଆରବିଆଇ କହେ... ସଚେତନ ହୁଅନ୍ତୁ, ସତର୍କ ରୁହନ୍ତୁ !

ଅଧିକ ବିବରଣୀ ପାଇଁ, ପରିଦର୍ଶନ କରନ୍ତୁ: https://rbikehtahai.rbi.org.in
ମତାମତ ପାଇଁ, rbikehtahai@rbi.org.in କୁ ଲେଖନ୍ତୁ
ଆନୁଷ୍ଠାନିକ ହ୍ୱାଟ୍ସଆପ୍ ନମ୍ବର 99990 41935

ଜନହିତରେ ଜାରି କରିଛନ୍ତି
ଭାରତୀୟ ରିଜର୍ଭ ବ୍ୟାଙ୍କ
RESERVE BANK OF INDIA
www.rbi.org.in

# ପରୀକ୍ଷା କେନ୍ଦ୍ର ସିଲ୍, ପଞ୍ଚମ ମଧ୍ୟସ୍ଥ ଗିରଫ

**ଏସ୍ଆଇ ପରୀକ୍ଷା ଜାଲିଆତି**

- ମାଷ୍ଟରମାଇଣ୍ଡ୍ ଶଙ୍କରଙ୍କ ସହଯୋଗୀ ଥିଲେ ଅରବିନ୍ଦ
- କ୍ରାଇମବ୍ରାଞ୍ଚ ସ୍କାନରରେ ବହୁ ଅନ୍‌ଲାଇନ୍ ପରୀକ୍ଷା ସେଣ୍ଟର

ଭୁବନେଶ୍ୱର, ୫।୧୦(ସତ୍ୟଜିତ ରାଉତ)

ବହୁଚର୍ଚ୍ଚିତ ପୋଲିସ ଏସ୍ଆଇ ପରୀକ୍ଷା ନିଯୁକ୍ତି ଜାଲିଆତି ଘଟଣାକୁ ନେଇ ତଦନ୍ତ ଯେତେ ଆଗଉଛି, ରହସ୍ୟ ସେତେ ପଦାକୁ ଆସୁଛି। ରାକେଟର ମାଷ୍ଟରମାଇଣ୍ଡ କୁହାଯାଉଥିବା ଶଙ୍କର ପୃଷ୍ଟି ଫେରାର ଥିବାବେଳେ ତାଙ୍କର ସବୁ ଲିଙ୍କ୍ ଓ କେଳେଙ୍କାରିର ପର୍ଦ୍ଦାଫାଶ କରିବାକୁ କ୍ରାଇମବ୍ରାଞ୍ଚ ୫ ଦିନ ହେବ ଛାନଭିନ୍ ଚଳାଇଛି। ଏକାଧିକ ଅନ୍‌ଲାଇନ୍ ପରୀକ୍ଷା କେନ୍ଦ୍ର ସହ ଲିଙ୍କ୍‌ରେ ରହି ଶଙ୍କର ଏସ୍ଆଇ ପରୀକ୍ଷାରେ ଜାଲିଆତି କରିବାକୁ ପୂରା ଯୋଜନା ପ୍ରସ୍ତୁତ କରିସାରିଥିଲେ। ଭୁବନେଶ୍ୱର ନନ୍ଦନକାନନ ଥାନା ଅନ୍ତର୍ଗତ ରଘୁନାଥପୁରସ୍ଥିତ ପ୍ଲଟ୍ ନଂ.୩୨୦/୩୫୯୦ରେ ଥିବା ଅନ୍‌ଲାଇନ ପରୀକ୍ଷା କେନ୍ଦ୍ର (ଶ୍ରୀ ଲିଙ୍ଗରାଜ ଇନ୍‌ଫୋସୋଲ୍) ସହ ଶଙ୍କରଙ୍କ ଲିଙ୍କ୍ ମିଳିବା ପରେ କ୍ରାଇମବ୍ରାଞ୍ଚ ଟିମ୍ ରବିବାର ସେଠାରେ ମାରାଥନ୍ ଚଢ଼ାଉ କରିଛି। ପୋଲିସ ଟିମ୍ 'ଶ୍ରୀ ଲିଙ୍ଗରାଜ ଇନ୍‌ଫୋସୋଲ୍'ରେ ପହଞ୍ଚି ତାଲା ଖୋଲି ଭିତରେ ତନ୍ନ ତନ୍ନ ଯାଞ୍ଚ କରାଯିବା ପରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ଜବତ କରିବା ସହ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରି ଅଧିକ ତଥ୍ୟ ହାସଲ କରିଥିଲା। ପରେ ଏହି ପରୀକ୍ଷା କେନ୍ଦ୍ରକୁ ସିଲ୍ କରାଯାଇଛି। ଚଢ଼ାଉରେ ସାମିଲ ଥିବା କ୍ରାଇମବ୍ରାଞ୍ଚ ଡିଏସ୍‌ପି ରବୀନ୍ଦ୍ର ମଲ୍ଲିକ କହିଛନ୍ତି, ଘଟଣାରେ ଯାହାର ଲିଙ୍କ୍ ରହୁଛି, ତାଙ୍କୁ ଆମେ ତଦନ୍ତ ପରିସରଭୁକ୍ତ କରିବୁ। ରଘୁନାଥପୁରସ୍ଥିତ ପରୀକ୍ଷା କେନ୍ଦ୍ରକୁ ଶଙ୍କର ପୃଷ୍ଟି ଯିବା ଆସିବା କରିବାର ପ୍ରମାଣ ମିଳିଥିଲା। ଏଥିସହ ଏଠାରେ ଜାଲିଆତି କରାଯାଇଥିବା ପ୍ରାରମ୍ଭିକ ପ୍ରମାଣ ମିଳିବା ପରେ ଚଢ଼ାଉ କରାଯାଇଛି। ତେବେ ରାଜ୍ୟବ୍ୟାପୀ ଏଭଳି ବହୁ ପରୀକ୍ଷା ସେଣ୍ଟର ସହ ଶଙ୍କରଙ୍କ ଲିଙ୍କ୍ ରହିଥିବା କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଛି। ବାଲେଶ୍ୱର, ପୁରୀ, ପାରଳାଖେମୁଣ୍ଡି, କଟକ, କଳାହାଣ୍ଡି ଆଦି ଜିଲାରେ ଏସବୁ କେନ୍ଦ୍ର ରହିଥିବା ବେଳେ କ୍ରାଇମବ୍ରାଞ୍ଚ ଆଗକୁ ଏଗୁଡିକରେ ମଧ୍ୟ ଚଢ଼ାଉ କରିବ ବୋଲି ଜଣାପଡିଛି। ତେବେ ବ୍ରହ୍ମପୁର ଆମ୍ବପୁଆସ୍ଥିତ 'ତାରାତାରିଣୀ ଟେକପାର୍କ' ନାଁରେ ଥିବା ଅନ୍‌ଲାଇନ୍ ପରୀକ୍ଷା କେନ୍ଦ୍ର ସହ ଶଙ୍କରଙ୍କ ମଧ୍ୟ ଲିଙ୍କ୍ ଥିବା ଜଣାପଡିଛି। କେନ୍ଦ୍ରର ମୂଳ ମାଲିକ ଶଙ୍କର ପୃଷ୍ଟି ରହିଥିବା ବେଳେ ବେନାମୀ ନାଁରେ ଏହାକୁ ପଞ୍ଜୀକୃତ କରାଯାଇଛି। ତେବେ ଏହି ମହାଜାଲିଆତି ଘଟଣାରେ ଅନେକ ଅଭିଯୁକ୍ତ ରହିଥିବାବେଳେ ବଡ଼ ପୋଲିସ ଅଧିକାରୀ ସମ୍ପୃକ୍ତ ଥିବା ନେଇ ସନ୍ଦେହ ଦୃଢ଼ିଭୂତ ହେବାରୁ ଘଟଣା ରାଜ୍ୟ ପୋଲିସ ବିଭାଗର କାର୍ଯ୍ୟଧାରାକୁ ନେଇ ପ୍ରଶ୍ନ ଉଠିଛି। ସବୁଠାରୁ ଚାଞ୍ଚଲ୍ୟକର ଘଟଣା ହେଲା ଏହି ଜାଲିଆତିରେ ଓଡ଼ିଶା ପୋଲିସ ରିକ୍ରୁଟମେଣ୍ଟ ବୋର୍ଡ (ଓପିଆର୍‌ବି)ର ପ୍ରଚ୍ଛଦ ହାତ ଥିବା ଅଭିଯୋଗ ହେଉଛି। ଅପରପକ୍ଷରେ କ୍ରାଇମବ୍ରାଞ୍ଚ ପକ୍ଷରୁ ରବିବାର ଆଉଜଣେ ଅଭିଯୁକ୍ତ (ପଞ୍ଚମ ମଧ୍ୟସ୍ଥ)ଙ୍କୁ ବାଲେଶ୍ୱରରୁ ଗିରଫ କରାଯାଇଛି। ସେ ହେଲେ ମୁଖ୍ୟ ଅଭିଯୁକ୍ତ ଶଙ୍କରଙ୍କ ସହଯୋଗୀ ତଥା ବାଲେଶ୍ୱର ଜିଲା ସିଂଲା ଥାନା ଅନ୍ତର୍ଗତ ନାବର ଗାଁର ଅରବିନ୍ଦ ଦାସ (୪୩)। ତାଙ୍କ ପାଖରୁ ବହୁ ଆପତ୍ତିଜନକ ଦସ୍ତାବିଜ୍ ଜବତ ହୋଇଛି। ଅରବିନ୍ଦଙ୍କୁ ବ୍ରହ୍ମପୁର ଜେଏମ୍‌ଏଫ୍‌ସି(ରୁରାଲ୍) କୋର୍ଟରେ ହାଜର କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି। ଏହି ମାମଲାରେ ପୂର୍ବରୁ ୧୧୪ ପରୀକ୍ଷାର୍ଥୀ ଓ ୪ ଜଣ ମଧ୍ୟସ୍ଥ (ଦଲାଲ) ଗିରଫ ହୋଇଥିବାବେଳେ ଏବେ ଏହି ଗିରଫଦାରି ସଂଖ୍ୟା ୧୧୯ରେ ପହଞ୍ଚିଛି। ତେବେ ଫେରାର ଥିବା ପଞ୍ଚସଫ୍ଟ ସଂସ୍ଥାର ମାଲିକ ଶଙ୍କର ଧରାପଡିବା ପରେ ତାଙ୍କ ପଛରେ ଥିବା ବଡ଼ବଡ଼ିଆଙ୍କ ମୁଖା ପଦାକୁ ଆସିବ ବୋଲି ଚର୍ଚ୍ଚା ହେଉଛି। ଶଙ୍କରଙ୍କ ଘର ଗଞ୍ଜାମ ଜିଲା ଶେରଗଡ ବ୍ଲକ ବ୍ରାହ୍ମଣଛାଇ ଗାଁରେ ହୋଇଥିବାବେଳେ ତାଙ୍କ ନାଁରେ ପୂର୍ବରୁ ମଧ୍ୟ ବହୁ ଆପରାଧିକ ମାମଲା ରହିଥିବା ଜଣାପଡ଼ିଛି। ଶଙ୍କର ଏହାପୂର୍ବରୁ ବହୁ ନିଯୁକ୍ତି ଜାଲିଆତି ଘଟଣାରେ ଜଡ଼ିତ ଥିବା ଓ କେତେକ ମାମଲାରେ ଅଭିଯୁକ୍ତ ଥିବାରୁ ତାଙ୍କୁ ଧରିବା କ୍ରାଇମବ୍ରାଞ୍ଚ ପାଇଁ ବଡ଼ ଚ୍ୟାଲେଞ୍ଜ ହେବ ବୋଲି କୁହାଯାଉଛି। କାରଣ ଏହି ନିଯୁକ୍ତି କେଳେଙ୍କାରିରେ ବଡ଼ ଅଧିକାରୀ ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବାରୁ ସେମାନେ ତାଙ୍କୁ ସୁରକ୍ଷା ଦେବାକୁ ଚେଷ୍ଟା କରୁଥିବା ଆଶଙ୍କା କରାଯାଉଛି।



ଗିରଫ ଅଭିଯୁକ୍ତ ଅରବିନ୍ଦ ଦାସ।






'ଶ୍ରୀ ଲିଙ୍ଗରାଜ ଇନ୍‌ଫୋସୋଲ୍' ଅନ୍‌ଲାଇନ୍ ପରୀକ୍ଷା କେନ୍ଦ୍ରକୁ ସିଲ୍ କରାଯାଉଛି।

# ବାଲି ଉତ୍ତୋଳନକୁ ନେଇ ଗୋଷ୍ଠୀ ସଂଘର୍ଷ

**୨ ଗୁରୁତର, ଜଣେ ଆହତ**

ଜଳେଶ୍ୱର,୫।୧୦(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଧୀନ ଚାଲନ୍ତିଠାରେ ସୁବର୍ଣ୍ଣରେଖା ନଦୀରୁ ବାଲି ଉତ୍ତୋଳନକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ ଘଟିଛି। ଚୋରାଚାଲାଣକାରୀଙ୍କ ଆକ୍ରମଣରେ ୨ଜଣ ଗ୍ରାମବାସୀ ଗୁରୁତର ହୋଇଥିବାବେଳେ ଅପରପକ୍ଷର ଜଣେ ଆହତ ହୋଇଛନ୍ତି। ଗୁରୁତର ଗ୍ରାମବାସୀଙ୍କୁ ଚିକିତ୍ସା ପାଇଁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ଜଳେଶ୍ୱର ଥାନା ଅଧୀନ ସୁବର୍ଣ୍ଣରେଖା ନଦୀର ବିଭିନ୍ନ ସ୍ଥାନରୁ ଚୋରାଚାଲାଣକାରୀମାନେ ବାଲି ଉତ୍ତୋଳନ କରିଆସୁଛନ୍ତି। ପୋଲିସ ଓ ଖଣି ବିଭାଗ ପକ୍ଷରୁ ଚଢ଼ାଉ କରାଯାଉଥିଲେ ହେଁ ଚାଲାଣକାରୀମାନେ ଚତୁରତାର ସହ ଖସି ପଳାଇବାରେ ସମର୍ଥ ହେଉଛନ୍ତି। ତେବେ ଶନିବାର ବିଳମ୍ବିତ ରାତିରେ ମହମ୍ମଦନଗର ପାଟଣା ପଞ୍ଚାୟତ ଅନ୍ତର୍ଗତ ଚାଲନ୍ତିଠାରେ କେତେଜଣ ଚୋରାଚାଲାଣକାରୀ ସୁବର୍ଣ୍ଣରେଖା ନଦୀରୁ ବେଆଇନ ଭାବେ ବାଲି ଉତ୍ତୋଳନ କରୁଥିଲେ। ଖବରପାଇ ସେହି ଗ୍ରାମର ୪/୫ଜଣ ଯୁବକ ସେଠାରେ ପହଞ୍ଚି ଏହାକୁ ବିରୋଧ କରିବାରୁ ଗୋଷ୍ଠୀ ସଂଘର୍ଷର ସୂତ୍ରପାତ ହୋଇଥିଲା। ବାଲି ଚୋରାଚାଲାଣକାରୀଙ୍କ ଆକ୍ରମଣରେ ଗ୍ରାମର ପର୍ଶୁରାମ ଗିରି ଓ ମନୋଜ ଦେ ଗୁରୁତର ହୋଇଥିଲେ। ସେମାନଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅପରପକ୍ଷରେ ଚୋରାଚାଲାଣକାରୀ ଗୋଷ୍ଠୀର ଅଧୀର କୁମାର ଗିରି ଆହତ ହୋଇ କଟକ ବଡ଼ ମେଡିକାଲ୍‌ରେ ଚିକିତ୍ସିତ ହେଉଛନ୍ତି। ଘଟଣା ସମ୍ପର୍କରେ ଉଭୟ ଗୋଷ୍ଠୀ ପକ୍ଷରୁ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।



ଚିକିତ୍ସାଧୀନ ୨ ଯୁବକ।

# ନିଶା ନିବାରଣ କେନ୍ଦ୍ରରେ ଯୁବକଙ୍କ ମୃତ୍ୟୁ

**ହତ୍ୟା ଅଭିଯୋଗ, ସଂସ୍ଥା ପରିଚାଳକ ଫେରାର**

ବ୍ରହ୍ମପୁର,୫।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ଲାଠି ମୁଖ୍ୟ ରାସ୍ତାରେ ଥିବା ନିଶା ନିବାରଣ କେନ୍ଦ୍ରରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନିମଖଣ୍ଡି ଥାନା ଖାରବେଳ ନଗର ପ୍ରଥମ ଲାଇନର ସୁଧାଂଶୁ ପାଣିଗ୍ରାହୀଙ୍କ ଏକମାତ୍ର ପୁଅ ଅଶୋକ କୁମାର ପାଣିଗ୍ରାହୀ (୩୦)। ରବିବାର ଏମ୍‌କେସିଜି ମେଡିକାଲରୁ ପୋଲିସ ମୃତଦେହ ଜବତ କରି ନଂ.୨୯/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଅନ୍ୟପଟେ ମୃତକଙ୍କ ସ୍ତ୍ରୀ ସ୍ମୃତିରେଖା ପାଣିଗ୍ରାହୀ ସ୍ୱାମୀଙ୍କୁ ନିଶା ନିବାରଣ କେନ୍ଦ୍ରରେ ନିର୍ଯାତନା ଦିଆଯାଉଥିଲା ବୋଲି ଅଭିଯୋଗ କରିଛନ୍ତି। ସେଠାକାର କର୍ମଚାରୀ ତାଙ୍କୁ ପିଟି ପିଟି ହତ୍ୟା କରିଥିବା ସେ ସନ୍ଦେହ କରୁଛନ୍ତି। ତେଣୁ ଏହାର ଠିକ୍ ତଦନ୍ତ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସ୍ମୃତିରେଖା ଦାବି କରିଛନ୍ତି। ଅନ୍ୟପଟେ ଅଶୋକ ଛାତରୁ ଡେଇଁ ଆତ୍ମହତ୍ୟା କରିଛନ୍ତି ବୋଲି ଉକ୍ତ ସଂସ୍ଥାର କର୍ମଚାରୀମାନେ କହିଛନ୍ତି। ଅଶୋକଙ୍କ ପରିବାର ଲୋକେ ତାହାକୁ ଖଣ୍ଡନ କରିଛନ୍ତି। ଭଉଣୀ ବନିତା ପାଣିଗ୍ରାହୀ କହିଛନ୍ତି, ଭାଇ ମା'ବାପାଙ୍କ ସହ ଖାରବେଳ ନଗରରେ ରହୁଥିଲେ। ତାଙ୍କର ନିଶା ଅଭ୍ୟାସ ଦୂର କରିବା ପାଇଁ ଲାଠି ନିଶା ନିବାରଣ କେନ୍ଦ୍ରକୁ ଗତ ଜୁଲାଇ ମାସରେ ଛାଡ଼ିଥିଲୁ। ଉକ୍ତ କେନ୍ଦ୍ରର ମୁଖ୍ୟଙ୍କ କହିବା ଅନୁସାରେ ମାସକୁ ୬ ହଜାର ଟଙ୍କା ଦେଉଥିଲୁ। ଔଷଧ ପାଇଁ ୩ରୁ ୪ହଜାର ଟଙ୍କା ଦେଉଥିଲୁ। ଶନିବାର ସକାଳେ ସେଠାରୁ ଫୋନ୍ ଆସିଲା ଯେ, ଭାଇ ଛାତରୁ ଡେଇଁ ଗୁରୁତର ହୋଇଥିବାରୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଆମେ ଦୁଇ ଭଉଣୀ ମେଡିକାଲରେ ପହଞ୍ଚିବା ପରେ ଭାଇଙ୍କୁ ଆଇସିୟୁରେ ରଖାଯାଇଥିବା ଜାଣିଲୁ। ରାତି ସାଢ଼େ ୧୧ ଟାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଶୋକଙ୍କ ପ୍ରାଥମିକ ବ୍ୟବଚ୍ଛେଦ ରିପୋର୍ଟରେ ଫାଉଲ ପ୍ଲେ ରହିଥିବା ଏଫଏମ୍‌ଟି ବିଭାଗ ତରଫରୁ ସୂଚନା ମିଳିଛି। ନିଶା ନିବାରଣ କେନ୍ଦ୍ର ମୁଖ୍ୟ ପରିଚାଳକ ଫେରାର ଅଛନ୍ତି।

# ସାବତପୁଅ ଭୁଜାଲି ଚୋଟରେ ବାପାଙ୍କ ମୃତ୍ୟୁ

ଯୋଡ଼ା,୫।୧୦(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହର ହନୁମାନ ହାଟିରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ସାବତପୁଅଙ୍କ ଭୁଜାଲି ଚୋଟରେ ବାପାଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ହେଲେ ମନୋଜ କାଳନ୍ଦୀ (୪୫)। ଘଟଣା ପରେ ସାବତପୁଅ ଓ ତାଙ୍କ ୨ ସହଯୋଗୀ ଫେରାର ଅଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ମନୋଜ କାଳନ୍ଦୀଙ୍କ ପ୍ରଥମ ସ୍ତ୍ରୀ ଥିବା ବେଳେ ୫ ବର୍ଷ ହେବ ଜଣେ ବିଧବା ମହିଳାଙ୍କୁ ବିବାହ କରିଥିଲେ। ମନୋଜଙ୍କ ଦ୍ୱିତୀୟ ପତ୍ନୀଙ୍କର ଜଣେ ୧୫ ବର୍ଷିୟ ନାବାଳକ ପୁଅ ଅଛନ୍ତି। ଅନେକ ସମୟରେ ବିଭିନ୍ନ କାରଣରୁ ସାବତ ବାପା ଓ ପୁଅଙ୍କ ମଧ୍ୟରେ ବିବାଦ ଲାଗି ରହୁଥିଲା। ରବିବାର ସକାଳ ପ୍ରାୟ ୯ଟା ସମୟରେ ମନୋଜ ସ୍କୁଟି(ନଂ. ଓଡି ୦୯ ଜି ୮୩୭୨) ନେଇ ବଜାରକୁ ଯାଉଥିଲେ। ଏହି ସମୟରେ ସାବତପୁଅ ଏକ ଲୁହାରଡ଼ରେ ଆକ୍ରମଣ କରିଥିଲେ। ମନୋଜ ତଳେ ପଡ଼ି ଯାଇଥିବା ବେଳେ ସାବତପୁଅ ଓ ତାଙ୍କ ୨ ସାଙ୍ଗ ସଂଘବଦ୍ଧ ଭାବେ ପାଇପ୍ ଓ ଭୁଜାଲିରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ମନୋଜଙ୍କୁ ଗୁରୁତର ଅବସ୍ଥାରେ ନିକଟସ୍ଥ ଟାଟା ଷ୍ଟିଲ୍ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଯୋଡ଼ା ପୋଲିସ ପହଞ୍ଚି ଛାନ୍‌ଭିନ ଜାରି ରଖିଛି। ଏ ନେଇ ଯୋଡ଼ା ପୋଲିସ ଏକ ମାମଲା(ନଂ.୨୯୯/୨୦୨୫) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## Business

# ଓଡ଼ିଶାରେ ମେଟର ଇ-ବାଇକ୍‌ର ବଜାର ପ୍ରବେଶ



**ଭାରତର ପ୍ରଥମ ଗିୟର ବିଶିଷ୍ଟ ଇ-ବାଇକ୍**

ଭୁବନେଶ୍ୱର,୫।୧୦(ଅନୁରାଧା ମହାରଣା)

ଭାରତର ପ୍ରମୁଖ ଇଲେକ୍ଟ୍ରିକ ମୋଟରସାଇକେଲ୍ କମ୍ପାନୀ ମେଟର ମୋଟର ୱାର୍କସ୍ ପ୍ରାଇଭେଟ୍ ଲିମିଟେଡ୍ ରବିବାର ଓଡ଼ିଶାରେ ମେଟରର ବଜାର ପ୍ରବେଶ କରିଛି। ଏହା ଭାରତର ପ୍ରଥମ ଗିଅରଯୁକ୍ତ ଇଲେକ୍ଟ୍ରିକ ମୋଟରସାଇକେଲ। ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଅନାବରଣ ଉତ୍ସବରେ ମେଟରର ଫାଉଣ୍ଡର ତଥା ଗ୍ରୁପ୍ ସିଇଓ ମୋହାଲ ରାଜୀବ ଲାଲଭାଇ କହିଛନ୍ତି, ଏହି ଇ-ବାଇକ୍ ମାଧ୍ୟମରେ ଲୋକେ ନୂଆ ଟେକ୍ନୋଲୋଜିର ମଜା ନେଇପାରିବେ। ଆଏରା ରୋମାଞ୍ଚକର ଯାତ୍ରା ଅନୁଭୂତି ଦେବ। ମେଟରର ଫାଉଣ୍ଡର ତଥା ସିଟିଓ କୁମାର ପ୍ରସାଦ ତେଲିକେପାଲି କହିଛନ୍ତି, ଆଏରା ଭାରତୀୟ ଇଞ୍ଜିନିୟରମାନଙ୍କ ଦ୍ୱାରା ଗ୍ରାହକଙ୍କ ଆବଶ୍ୟକତା ମୁତାବକ ଡିଜାଇନ କରାଯାଇଛି। ନନ୍ଦ ମୋଟର୍ସର ପ୍ରିନ୍ସିପାଲ ହେଡ୍ ନିଶୀଥ୍ ରଞ୍ଜନ ନନ୍ଦ କହିଛନ୍ତି, ଭୁବନେଶ୍ୱରରେ ଏହି ବାଇକ ପରିବେଶ ଅନୁକୂଳ ଗତିଶୀଳତା ଆଣିବ। ଆଏରା ୫୦୦୦+ରେ ୪ସ୍ପିଡ ଗିଅର, ଲିକୁଇଡ-କୁଲ୍ଡ ଇଞ୍ଜିନ, ୭ ଇଞ୍ଚ ଟଚ୍ ସ୍କ୍ରିନ, ୧୭୨ କିମି ରେଞ୍ଜ ସହିତ ୫ କିଲୋୱାଟ ବ୍ୟାଟେରି, ୨.୮ ସେକେଣ୍ଡରେ ୦-୪୦ କିମି/ଘଣ୍ଟା ବେଗ ଧରିବା ସହ ଏବିଏସ ସହିତ ଡୁଆଲ ଡିସ୍କ ବ୍ରେକ, ସ୍ମାର୍ଟ ପାର୍କିଂ, ମୋବାଇଲ ଆପ ଓ ଲାଇଫଟାଇମ ବ୍ୟାଟେରି ୱାରେଣ୍ଟି ରହିଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମେଟରର ଭାଇସ୍ ପ୍ରେସିଡେଣ୍ଟ(ମାର୍କେଟିଂ) ସନ୍ତୋଷ ଦେଶମୁଖ, ଏରିଆ ସେଲସ୍ ମ୍ୟାନେଜର ଦୀପକ କୁମାର ସାମଲ ପ୍ରମୁଖ ଯୋଗ ଦେଇଥିଲେ।

## ମେଟର ଇ-ବାଇକ୍‌ର ପ୍ରଥମ ଡିଲର ନନ୍ଦ ମୋଟର୍ସ

ଭୁବନେଶ୍ୱର,୫।୧୦

ବରମୁଣ୍ଡା ଆଇଏସବିଟିସ୍ଥିତ ନନ୍ଦ ମୋଟର୍ସର ଉଦଘାଟନ ତଥା ମେଟର ମୋଟରର ଆଧୁନିକ ଇଲେକ୍ଟ୍ରିକ ବାଇକ 'ଆଏରା' ଓଡ଼ିଶା ବଜାର ପ୍ରବେଶ କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ କରାଯାଇଛି। ନନ୍ଦ ମୋଟର୍ସ ପକ୍ଷରୁ ନିଶୀଥ୍ ରଞ୍ଜନ ନନ୍ଦ, ସ୍ଥାନୀୟ ବିଧାୟକ ବାବୁ ସିଂ, ଭାଜପା ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର, କର୍ପୋରେଟର ସଂଯୁକ୍ତା ସୁନ୍ଦରାୟ ଏବଂ ଶ୍ରୀମୟୀ ମିଶ୍ର ପ୍ରମୁଖ ଏହାର ଶୁଭାରମ୍ଭ କରିଥିଲେ। ଏହା ଓଡ଼ିଶାର ପ୍ରଥମ ମେଟରର ଶୋ'ରୁମ୍। ଆଏରାର ବଜାର ମୂଲ୍ୟ ୨ଲକ୍ଷ ୧୦ ହଜାର ହୋଇଥିବାବେଳେ ବଜାର ପ୍ରବେଶ ଅବସରରେ କମ୍ପାନୀ ପକ୍ଷରୁ ୧୫ହଜାର ଟଙ୍କାର ରିହାତି ଘୋଷଣା କରାଯାଇଛି। ଇଏମ୍ଆଇ ସୁବିଧା ସହ ଗ୍ରାହକ ଏହା କ୍ରୟ କରିପାରିବେ। ଏହି ବାଇକ୍‌ରେ ଲେସ୍ ଲକ୍, ଆଧୁନିକ ବାଇ ଫୋକାଲ ପ୍ରୋଜେକ୍ଟର ହେଡ୍ ଲ୍ୟାମ୍ପ, ମେଟରଭର୍ସ ଆପ୍, ୩.୫ ଲିଟର ଷ୍ଟୋରେଜ୍ ସ୍ପେସ୍, ପ୍ରୋ ଫୋମ୍ ସିଟ୍ ଆଦି ରହିଛି। ଏହା କସମିକ୍ ବ୍ଲୁ, କସମିକ୍ ବ୍ଲାକ୍, ନର୍ଡ ଗ୍ରେ, ଗ୍ଲାସିଅର୍ ହ୍ୱାଇଟ୍ ଏବଂ ବ୍ଲେଜ୍ ରେଡ୍ ଆଦି ୫ଟି ରଙ୍ଗରେ ଉପଲବ୍ଧ।



ବରମୁଣ୍ଡାରେ ଅତିଥିମାନେ ନନ୍ଦ ମୋଟର୍ସର ଶୋ'ରୁମ୍ ଉଦ୍‌ଘାଟନ କରୁଛନ୍ତି।

# ଟାଟା ପାୱାର ନେତୃତ୍ୱାଧୀନ ଡିସ୍‌କମ୍‌ର ସମାବେଶୀ ଶକ୍ତି, ବିକାଶ କାର୍ଯ୍ୟକ୍ରମ

ଭୁବନେଶ୍ୱର,୫।୧୦

ଓଡ଼ିଶାରେ ଟାଟା ପାୱାର ନେତୃତ୍ୱାଧୀନ ଡିସ୍‌କମ୍‌ଗୁଡିକ ବର୍ଷକ ମଧ୍ୟରେ ସେମାନଙ୍କର ସମାବେଶୀ ବିକାଶ କାର୍ଯ୍ୟକ୍ରମ ରାଜ୍ୟ ସାରା ମହିଳା, କାରିଗର ଏବଂ ଅବହେଳିତ ଗୋଷ୍ଠୀଙ୍କ ପାଇଁ ସୁଯୋଗ ସୃଷ୍ଟି କରିବାରେ ସାହାଯ୍ୟ କରିଛି। ୧୨ ଲକ୍ଷ ମହିଳାଙ୍କ ମଧ୍ୟରେ ଡିଜିଟାଲ୍ ଏବଂ ଆର୍ଥିକ ସାକ୍ଷରତାକୁ ପ୍ରୋତ୍ସାହିତ କରିବା ସହ ସ୍ଥାୟୀ ଜୀବିକା ନିର୍ବାହ ଏବଂ ଦୁର୍ଗମ ଆଦିବାସୀ ଅଞ୍ଚଳଗୁଡ଼ିକୁ ବିଦ୍ୟୁତୀକରଣ କରିବା ପର୍ଯ୍ୟନ୍ତ ଏହି ମିଶନ କାର୍ଯ୍ୟ କରୁଛି। ଭୁବନେଶ୍ୱରର ଅନୁନ୍ନତ ବସ୍ତି ଏବଂ ବାଲେଶ୍ୱର, ମୟୂରଭଞ୍ଜ ଏବଂ କେଉଁଝରର ବିଭିନ୍ନ ଗ୍ରାମର ୩୫୦୦ରୁ ଅଧିକ ମହିଳା ଅତ୍ୟାବଶ୍ୟକ କମ୍ପ୍ୟୁଟର ଦକ୍ଷତା ଏବଂ ଡିଜିଟାଲ୍ ସାକ୍ଷରତା ହାସଲ କରିଛନ୍ତି। ଏହି ପଦକ୍ଷେପଗୁଡ଼ିକ ଡିଜିଟାଲ୍ ସାକ୍ଷରତା ହାର ବଢାଇ ମହିଳାମାନଙ୍କୁ ଏକ ଆଧୁନିକ ଅର୍ଥନୀତିରେ ଯୋଗଦାନ ପାଇଁ ପ୍ରସ୍ତୁତ କରୁଛି। ତାଳପତ୍ର ଖୋଦନ ଏବଂ ପଟ୍ଟଚିତ୍ର ଚିତ୍ରକଳା କ୍ଷେତ୍ରରେ ୩୪୦ ଜଣ କାରିଗରଙ୍କୁ ସଶକ୍ତ କରି ଓଡ଼ିଶାର ପାରମ୍ପରିକ ହସ୍ତଶିଳ୍ପକୁ ପୁନର୍ଜୀବିତ କରୁଛନ୍ତି। ଦକ୍ଷ କାରିଗରଙ୍କ ମାର୍ଗଦର୍ଶନ, ବଜାର ସଂଯୋଗ ଏବଂ ଇ-କମର୍ସ ପ୍ଲାଟଫର୍ମରେ ପ୍ରବେଶ ଦ୍ୱାରା ଏହି କାରିଗରମାନଙ୍କ ପରିବାରର ଆୟରେ ୩୦ରୁ ୪୦% ବୃଦ୍ଧି ହୋଇଛି। ମହିଳାମାନଙ୍କ ନେତୃତ୍ୱାଧୀନ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ସବୁଜ ଉଦ୍ୟୋଗୀ ଭାବରେ ଉଭା ହୋଇଛନ୍ତି, ସେମାନେ ପରିବେଶ ଅନୁକୂଳ ଖୋଟ ଉତ୍ପାଦ ପ୍ରସ୍ତୁତ କରୁଛନ୍ତି ଯାହା ସ୍ଥାନୀୟ ବଜାର ଏବଂ ସଂସ୍ଥାଗତ କ୍ରେତାମାନଙ୍କ ପାଖରେ ବିକ୍ରି ହେଉଛି। ସାରା ଓଡ଼ିଶାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ମିଟର ରିଡିଂ, ବିଲିଂ ଏବଂ ବିଲ୍ ସଂଗ୍ରହ ଭୂମିକାରେ ୨୦୦୦ରୁ ଅଧିକ ମହିଳା ନିୟୋଜିତ ଅଛନ୍ତି। ଏହି ପରିବର୍ତ୍ତନ ଆଦିବାସୀ ଅଞ୍ଚଳରେ ମଧ୍ୟ ହୋଇପାରିଛି। ମୟୂରଭଞ୍ଜ, କନ୍ଧମାଳ ଏବଂ ରାୟଗଡ଼ା ଆଦି ଜିଲାଗୁଡ଼ିକରେ, ୨୦୦ଟି ଦୁର୍ଗମ ଗାଁରେ ବିଦ୍ୟୁତ୍ ସଂଯୋଗ ଉପଲବ୍ଧ ହୋଇପାରିଛି। ଏହା ଦ୍ୱାରା ସ୍କୁଲ, ସ୍ୱାସ୍ଥ୍ୟ କେନ୍ଦ୍ର, ଛୋଟ ସ୍ଥାନୀୟ ଉଦ୍ୟୋଗଗୁଡ଼ିକୁ ବିଦ୍ୟୁତ୍ ଯୋଗାଣ ହୋଇପାରିଛି।

# ଓଡ଼ିଶାରେ ଜିଓ ପକ୍ଷରୁ ୨ଜି ମୁକ୍ତ ଭାରତ ଅଭିଯାନ

ଭୁବନେଶ୍ୱର,୫।୧୦

ରିଲାଏନ୍ସ ଜିଓ ପକ୍ଷରୁ '୨ଜି ମୁକ୍ତ ଭାରତ' ଅଭିଯାନର ଅଂଶ ଭାବରେ ଓଡ଼ିଶାରେ ଗ୍ରାହକମାନଙ୍କୁ ୨ଜି ରୁ ୪ଜିକୁ ଅପଗ୍ରେଡ କରିବା ପାଇଁ ଏକ ବଡ଼ ପଦକ୍ଷେପ ନେଇଛି। ଏହି ଦୀପାବଳିରେ ଜିଓ ଭାରତ ମୋବାଇଲ ଫୋନ୍ ମାତ୍ର ୬୯୯ ଟଙ୍କାରୁ ଆରମ୍ଭ ହୋଇ ବେଶ୍ ସୁଲଭ ମୂଲ୍ୟରେ ଉପଲବ୍ଧ ହେଉଛି। କମ୍ପାନୀ ରାଜ୍ୟର ୯୦ ଲକ୍ଷରୁ ଅଧିକ ଗ୍ରାହକଙ୍କ ପାଖରେ ପହଞ୍ଚିବାକୁ ଲକ୍ଷ୍ୟ ରଖିଛି, ଯେଉଁମାନେ ଏପର୍ଯ୍ୟନ୍ତ ୨ଜି ନେଟୱର୍କ ବ୍ୟବହାର କରୁଛନ୍ତି। ଜିଓ କେବଳ ଅତ୍ୟାଧୁନିକ ୪ଜି ପ୍ରଯୁକ୍ତି ବ୍ୟବହାର କରି ଡିଜିଟାଲ ଇଣ୍ଡିଆର ରୋଡମ୍ୟାପକୁ ଆଗକୁ ବଢ଼ାଉଛି। ଓଡ଼ିଶାରେ ଜିଓ ଭାରତ ଫୋନ ଦ୍ରୁତଗତିରେ ଲୋକପ୍ରିୟତା ହାସଲ କରୁଛି, କାରଣ ଏହାର ମାସିକ ରିଚାର୍ଜ ସବୁଠାରୁ ଶସ୍ତା ରହିଛି। ଗ୍ରାହକମାନଙ୍କୁ ୨୮ ଦିନର ବୈଧତା ରହିଥିବା ପ୍ଲାନ ପାଇଁ କେବଳ ୧୨୩ ଟଙ୍କା ଦେବାକୁ ପଡିବ। ଏହି ସୁଲଭ ପ୍ଲାନରେ ଦୈନିକ ୦.୫ ଜିବି ଲେଖାଏଁ ୧୪ ଜିବି ଡାଟା ଏବଂ ଅସୀମିତ କଲିଂ ଅନ୍ତର୍ଭୁକ୍ତ ରହିଛି। ଅନ୍ୟପକ୍ଷରେ ଅନ୍ୟ ଟେଲିକମ କମ୍ପାନୀଗୁଡ଼ିକର ସମାନ ଅବଧି ପ୍ଲାନ ସର୍ବନିମ୍ନ ୧୯୯ ଟଙ୍କାରୁ ଆରମ୍ଭ ହେଉଥିବା ବେଳେ ସେଥିରେ ମାତ୍ର ୨ଜିବି ଡାଟା ମିଳିଥାଏ। ଏହିଭଳି ଦେଖିଲେ ଜିଓ ଭାରତ ରିଚାର୍ଜ ମୂଲ୍ୟ ଅନ୍ୟ ଅପରେଟରମାନଙ୍କ ତୁଳନାରେ ୩୮ ପ୍ରତିଶତ ଶସ୍ତା ରହିଛି। ଏହାଦ୍ୱାରା ଗ୍ରାହକମାନେ ପ୍ରତିମାସ ଅନ୍ୟୂନ ୭୬ ଟଙ୍କା ସଞ୍ଚୟ କରିପାରିବେ ବୋଲି ଜିଓ ପକ୍ଷରୁ କୁହାଯାଇଛି। ଜିଓ ଭାରତ ବାର୍ଷିକ ପ୍ଲାନ ମଧ୍ୟ ଉପଲବ୍ଧ ରହିଛି, ଯାହା ପାଇଁ ଗ୍ରାହକମାନଙ୍କୁ କେବଳ ୧୨୩୪ ଟଙ୍କା ଦେବାକୁ ପଡିବ। ଜିଓ ଭାରତ ଫୋନ ସୁଲଭ ଇଣ୍ଟରନେଟ ସୁବିଧା ପ୍ରଦାନ କରିବା ସହିତ ମନୋରଞ୍ଜନ ଏବଂ ଦୈନନ୍ଦିନ ଆବଶ୍ୟକତାଗୁଡିକୁ ମଧ୍ୟ ପୂରଣ କରିଥାଏ। ଗ୍ରାହକମାନଙ୍କୁ ଜିଓ ହଟଷ୍ଟାର ସବସ୍କ୍ରିପଶନ, ଜିଓ ସାଭନରେ ୮ କୋଟିରୁ ଅଧିକ ଗୀତର ଉପଲବ୍ଧତା ଏବଂ ଜିଓ ଟିଭିରେ ୬୦୦ରୁ ଅଧିକ ଚ୍ୟାନେଲ ଦେଖିବାର ସୁବିଧା ମିଳିଥାଏ। ଏହା ସହିତ ଜିଓ ଭାରତ ଫୋନରେ ଜିଓ ପେ ଜରିଆରେ ଗ୍ରାହକମାନେ ୟୁପିଆଇ ଟଙ୍କା ଦେଣନେଣ କରିପାରିବେ। ବ୍ୟବସାୟ ଏବଂ ଦୋକାନୀମାନଙ୍କ ସୁବିଧା ପାଇଁ ଜିଓ ପକ୍ଷରୁ ମାଗଣା ଜିଓ ସାଉଣ୍ଡ ପେ ସୁବିଧା ମଧ୍ୟ ଉପଲବ୍ଧ କରାଯାଉଛି।




# ଜୟପୁର ବଜାରକୁ ଆସିଲା ମାରୁତି ସୁଜୁକି ଭିକ୍ଟୋରିସ

ଭୁବନେଶ୍ୱର,୫।୧୦

ଜୟପୁର ଲିଜେଣ୍ଡ କାର୍ ପକ୍ଷରୁ ରବିବାର ମାରୁତି ସୁଜୁକିର ନୂତନ ଏସ୍‌ୟୁଭି ଭିକ୍ଟୋରିସ ଜୟପୁର ବଜାରରେ ପ୍ରବେଶ କରିଛି। ସିନେପ୍ଲେକ୍ସ ବିଲ୍ଡିଂରେ ଥିବା ଏହି ଶୋ' ରୁମ୍‌ର ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ଲିଜେଣ୍ଡ କାର ପ୍ରତିଷ୍ଠାତା ଅଶୋକ ଅଗ୍ରୱାଲ, ମପବନ ଅଗ୍ରୱାଲ, ଏହି ଗାଡିର ପ୍ରଥମ ଗ୍ରାହକ ସ୍ୱସ୍ତିକ କୁମାର ମୁନୀ ଉପସ୍ଥିତ ରହି ଗାଡିର ଅନାବରଣ କରିଥିଲେ। ଏହି କାରଟି ନିଶ୍ଚିତ ଭାବରେ ଗ୍ରାଣ୍ଡ ଭିଟାରା ଭଳି ଦେଖାଯାଉଥିଲେ ବି କିଛି ଭିନ୍ନତା ରହିଛି। ଗ୍ରାଣ୍ଡ ଭିଟାରା ନେକ୍ସା ଆଉଟଲେଟ ମାଧ୍ୟମରେ ବିକ୍ରି ହେଉଥିବା ବେଳେ ଭିକ୍ଟୋରିସ ଆରେନା ଡିଲରଶିପରେ ଉପଲବ୍ଧ। ଏହାର ଅର୍ଥ ହେଉଛି ଯେ ଭିକ୍ଟୋରିସ ଅଧିକ ଗ୍ରାହକଙ୍କ ପାଖରେ ପହଞ୍ଚିପାରିବ। ମାରୁତି ଭିକ୍ଟୋରିସର ଡିଜାଇନ ବିଷୟରେ କହିବାକୁ ଗଲେ ଏଥିରେ ପତଳା ଏବଂ ଚଉଡା ହେଡଲ୍ୟାମ୍ପ ଏବଂ ୧୭ ଇଞ୍ଚ ଆଲଏ ହ୍ୱିଲ ରହିଛି। ଯଦିଓ ଆକାର ଗ୍ରାଣ୍ଡ ଭିଟାରା ସହିତ ସମାନ ଦେଖାଯାଉଛି ମାତ୍ର ନୂତନ ଷ୍ଟାଇଲିଂ ଏହାକୁ ଅଧିକ ଆକର୍ଷଣୀୟ କରିଛି। ମାରୁତି ସୁଜୁକି ଅନେକ ପାୱାରଟ୍ରେନ ବିକଳ୍ପ ସହିତ ଭିକ୍ଟୋରିସ ପ୍ରଚଳନ କରିଛି। ଏଥିରେ ୧.୫ ଲିଟର ମାଇଲ୍ଡ ହାଇବ୍ରିଡ ପେଟ୍ରୋଲ ଇଞ୍ଜିନ ରହିଛି, ଯାହା ମାନୁଆଲ ଏବଂ ସ୍ୱୟଂଚାଳିତ ଗିଅରବକ୍ସ ବିକଳ୍ପ ସହିତ ଆସିଛି। ଏହା ବ୍ୟତୀତ ଏଥିରେ ଏକ ଶକ୍ତିଶାଳୀ ହାଇବ୍ରିଡ ପାୱାରଟ୍ରେନ ମଧ୍ୟ ଅଛି। ଯାହା ଇସିଭିଟି ଗିଅର ବକ୍ସ ସହିତ ଉପଲବ୍ଧ ବୋଲି ସୂଚନା ଦିଆଯାଇଛି । ଏହାର ମୂଲ୍ୟ ୧୦.୫ ଲକ୍ଷରୁ ୧୯.୯୯ ଲକ୍ଷ ଟଙ୍କା ରହିଛି।



# ‘ନାରୀର ସଂଘର୍ଷ ଆଜି ବି ସରିନାହିଁ’

**ବଲାଙ୍ଗୀର,୫।୧୦(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀରର ଅଗ୍ରଣୀ ସାହିତ୍ୟିକ-ସାମାଜିକ-ସାଂସ୍କୃତିକ ଅନୁଷ୍ଠାନ ‘ରଚନା’ ପକ୍ଷରୁ ଶନିବାର ସନ୍ଧ୍ୟାରେ ସ୍ଥାନୀୟ ଏକ ହୋଟେଲରେ ମନୋଜ କୁମାର ପଣ୍ଡା ସ୍ମାରକୀ ବକ୍ତୃତା ଓ ସର୍ଜନ ପୁରସ୍କାର ସମାରୋହ ଅନୁଷ୍ଠିତ ହୋଇଥିଲା। କବି ପ୍ରହ୍ଲାଦ ଶତପଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ଅତିଥି ବକ୍ତା ଭାବେ ଓଡିଶାର ଜଣାଶୁଣା ସାହିତ୍ୟିକା ଡ. ସରୋଜିନୀ ସାହୁ ଯୋଗଦେଇ ‘ରେବତୀ, ଧୋବୀ ଓ ଗମ୍ଭିରୀ ଘରର ନାୟିକାମାନେ’ ଶୀର୍ଷକ ସ୍ମାରକୀ ବକ୍ତୃତା ପ୍ରଦାନ କରିଥିଲେ। ସେ କହିଥିଲେ, ସମୟ ବଦଳି ଚାଲିଛି, କିନ୍ତୁ ସମାଜର ମାନସିକତା ପରିବର୍ତ୍ତନ ହେଉନାହିଁ। ଆଜି ମଧ୍ୟ ରେବତୀଟିଏ ନିଜର ଅଧିକାର ପାଇଁ ସଂଘର୍ଷ କରୁଛି। ରେବତୀ ନିଜ ଘର ଲୋକଙ୍କ ଦ୍ୱାରା ନିର୍ଯାତିତ ହେଉଥିଲା। ଏବେକାର ରେବତୀମାନେ ସମାଜ ଦ୍ୱାରା ନିର୍ଯାତିତ ହେଉଛନ୍ତି। ନାରୀଟିଏ ତାର ଅଧିକାର ପାଇଁ ଲଢ଼ିବ କାହିଁକି, ଯାହା ତାର ପ୍ରାପ୍ୟ ତାକୁ ଏପର୍ଯ୍ୟନ୍ତ ମିଳୁନାହିଁ କାହିଁକି ବୋଲି ସେ ପ୍ରଶ୍ନ କରିଥିଲେ। ଯେତେଦିନ ଯାଏ ନାରୀକୁ ତାର ଉଚିତ୍ ପ୍ରାପ୍ୟ ମିଳିବ ନାହିଁ, ସମାଜ ବଦଳିଛି ବୋଲି କହିପାରିବା ନାହିଁ। ଯେତେଦିନ ପର୍ଯ୍ୟନ୍ତ ଏହି ଗତାନୁଗତିକ ମାନସିକତାର ପରିବର୍ତ୍ତନ ହେବନାହିଁ ସାମାଜିକ ଚିତ୍ର ବି ବଦଳିବ ନାହିଁ ବୋଲି ସେ କହିଥିଲେ। ସେ ଆହୁରି କହିଥିଲେ, ନାରୀବାଦୀମାନଙ୍କୁ ସମାଜ ଭିନ୍ନ ଦୃଷ୍ଟିରେ ଦେଖି ଆସୁଛି। ସେମାନଙ୍କୁ ବାମାବାଦୀ ନ କହି ବରଂ ମାନବବାଦୀ କହିବା ଆବଶ୍ୟକ। କାରଣ ସେମାନେ ମାନବ ସମାଜର ଅର୍ଦ୍ଧେକ ଶରୀରର କଥା କହୁଛନ୍ତି ବୋଲି କହିଥିଲେ। ରେବତୀ ଓ ଧୋବୀ ଚରିତ୍ରକୁ ଲେଖିଥିଲେ ଦୁଇ ଜଣ ଲେଖକ ଓ ଗମ୍ଭିରୀ ଘରର ନାୟିକାର କଥାକୁ ଜଣେ ଲେଖିକା, ତେଣୁ ସେ ତାଙ୍କ ଅନ୍ତର୍ମନକୁ ଭଲ ଭାବରେ ଅନୁଭବୀ ପାରିଛନ୍ତି ବୋଲି ମତ ଦେଇଥିଲେ।

ଏହି ସମାରୋହରେ ବିଶିଷ୍ଟ ସାହିତ୍ୟିକା ଚିରଶ୍ରୀ ଇନ୍ଦ୍ରସିଂଙ୍କୁ ‘ମନୋଜ କୁମାର ପଣ୍ଡା ସର୍ଜନ ପୁରସ୍କାର - ୨୦୨୫’ ପ୍ରଦାନ କରାଯାଇଥିଲା। ଅତିଥିମାନେ ଇନ୍ଦ୍ରସିଂଙ୍କୁ ଉତ୍ତରୀୟ, ସମ୍ମାନପତ୍ର ଓ ୧୦ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ମନୋଜ ପଣ୍ଡାଙ୍କ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ ପରେ କଣ୍ଠଶିଳ୍ପୀ ଦୁଃଖିଶ୍ୟାମ ତ୍ରିପାଠୀ ଭକ୍ତିଗୀତ ପରିବେଷଣ କରିଥିଲେ। ‘ରଚନା’ର ସମ୍ପାଦକ ଭାଗୀରଥି ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସହସମ୍ପାଦକ ରତ୍ନମୟ ତ୍ରିପାଠୀ ଗାଳ୍ପିକ ମନୋଜ ପଣ୍ଡାଙ୍କ ଜୀବନ ଓ କୃତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। କବି ବିଜୟ କୁମାର ତ୍ରିପାଠୀ ମନୋଜ ପଣ୍ଡାଙ୍କ ଶାରଳା ପୁରସ୍କାରପ୍ରାପ୍ତ ପୁସ୍ତକ ‘ମାୟା ବଗିଚା’ରୁ ଏକ ଗଳ୍ପର ଉପସ୍ଥାପନା କରିଥିଲେ। କବି ସସ୍ମିତା ନେପାକ ସଭା ସଂଯୋଜନା କରିଥିଲେ। ଶେଷରେ ‘ରଚନା’ର ସଭାପତି ସନାତନ ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମାରୋହରେ ବଲାଙ୍ଗୀର ଓ ପଡୋଶୀ ଜିଲାର ବହୁ ଲେଖିକା, ଲେଖକ, ବୁଦ୍ଧିଜୀବୀ ଓ ସାହିତ୍ୟପ୍ରେମୀ ଯୋଗଦାନ କରିଥିଲେ।


ସାହିତ୍ୟିକା ଚିରଶ୍ରୀ ଇନ୍ଦ୍ରସିଂଙ୍କୁ ‘ମନୋଜ କୁମାର ପଣ୍ଡା ସର୍ଜନ ପୁରସ୍କାର - ୨୦୨୫’ ପ୍ରଦାନ କରାଯାଉଛି।

**ମନୋଜ କୁମାର ପଣ୍ଡା ସ୍ମାରକୀ ବକ୍ତୃତା, ସର୍ଜନ ପୁରସ୍କାର ସମାରୋହ**

# ବ୍ଲକସ୍ତରୀୟ ନୂଆଁଖାଇ ଭେଟ ଉତ୍ସବ


ନୂଆଁଖାଇ ଭେଟ ଉତ୍ସବ ଅବସରରେ ଶିକ୍ଷକ ପ୍ରଦୀପ ଛତ୍ରିଆଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଦେଓଗାଁ,୫।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ବଙ୍ଗଳାଛକଠାରେ ଲକ୍ଷେ ଘର ଗଣ୍ଡା ସମାଜ ତରଫରୁ ରବିବାର ବ୍ଲକ ସ୍ତରୀୟ ନୂଆଁଖାଇ ଭେଟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଲକ୍ଷେ ଘର ଗଣ୍ଡା ସମାଜର ସଭାପତି ଯୌବନ ନନ୍ଦଙ୍କ ସଭାପତିତ୍ୱରେ ତଥା ସମ୍ପାଦକ ଶ୍ରୀବଚ୍ଛି ନାଗଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ପ୍ରକଳ୍ପ ଅଧିକାରୀ ତରଣୀସେନ ସୁନା ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସ୍ଥାନୀୟ ବିଡିଓ ପ୍ରିୟ ରଞ୍ଜନ କୁମାର, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତି ଛତ୍ରିଆ, ପଶ୍ଚିମ ଓଡିଶା ଲକ୍ଷେ ଘର ଗଣ୍ଡା ସମାଜ ସଭାପତି ଓମପ୍ରକାଶ କୁମ୍ଭାର, କୁତୁର୍ଲା ସରପଞ୍ଚ ତେଜ ହରପାଲ, ସାମାଜିକ କର୍ମୀ ଡମ୍ବରୁଧର ହରପାଲ ଯୋଗ ଦେଇଥିଲେ। ଅତିଥିମାନେ ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ଏହି ପର୍ବ ପ୍ରତି ସମାଜରେ ଏକତାର ବାର୍ତ୍ତା ଦେଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପୁରସ୍କାରପ୍ରାପ୍ତ ଶିକ୍ଷକ ପ୍ରଦୀପ କୁମାର ଛତ୍ରିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସ୍ଥାନୀୟ ଲକ୍ଷେ ଘର ଗଣ୍ଡା ସମାଜର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

# ହାଟପଦାରେ ରାବଣ ଦହନ

**ଟିଟିଲାଗଡ଼,୫।୧୦(ସନ୍ତୋଷ ପଟନାୟକ)**

ସ୍ଥାନୀୟ ହାଟପଦାପଡ଼ା ରାବଣ ଦହନ କମିଟି ପକ୍ଷରୁ ରାବଣ ଦହନ କାର୍ଯ୍ୟକ୍ରମ ଡ଼ିଏଭି କଲେଜ ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ଯୋଗଦେଇ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଆସିବା ପରେ ଟିଟିଲାଗଡ଼ ଅଞ୍ଚଳର ବିକାଶ ହୋଇଥିବା କହିଥିଲେ। ସଭାରେ ପୌରାଧ୍ୟକ୍ଷା ମମତା ଜୈନ, ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା ନାଏକ, ପୂର୍ବତନ ନଗରପାଳ ଶୁଭ୍ରାଂଶୁ ଦାଶ, ସୁମନ୍ତ ବେହେରା, ସଞ୍ଜୀବ ତ୍ରିପାଠୀ, ଶେଖର ସିହ୍ନା, ହର ପ୍ରତାପ ଦାଶ, ହିଫଜୁଲ ରେହମାନ, ରାବଣ ଦହନ କମିଟି ସଭାପତି ଶ୍ରୀପତି ସାହୁ, ସମ୍ପାଦକ ସୁଧୀର ଘଡେଇ, କୋଷାଧ୍ୟକ୍ଷ ରିଙ୍କୁ ଦାଶ, ଖାଜା ମହମ୍ମଦ ପ୍ରମୁଖ ମତବ୍ୟକ୍ତ କରିଥିଲେ। କୈଳାସ ସାହୁ, ଦେବେନ ବେହେରା, ଚନ୍ଦ୍ରଶେଖର ବେହେରା, ଗୋପାଳ ମେହେର, ଗୁରିଆ ସୁନା, ଶିବ ସାହୁ, କିଶୋର ପ୍ରମୁଖ ଉପସ୍ଥିତ ଥିଲେ।


**GOVERNMENT OF ODISHA** e-mail: eerw_sunabeda@yahoo.co.in

**OFFICE OF THE SUPERINTENDING ENGINEER, RURAL WORKS DIVISION, SUNABEDA**

No. O-934

**e-Procurement Notice for Road Works**

Letter No. 3691 — Identification No. Online Tender/05/RWD-SBD/2025-26 — Date: 26.09.2025

1. Name of the Work : Road Work, Lamtaput, Pottangi Block
2. Total Number of Works : 03 Nos. Works
3. Estimated Cost : 60.00 to 90.00 lakhs
4. Class of Contractor : “B” Class
5. Period of Completion : 02 Months
6. Other details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. S.E., .R.W. Division, Sunabeda | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division, Sunabeda | Online Tender/05/RWD-SBD/2025-26 | Date: 06.10.2025 at 11.00 A.M. | Date: 22.10.2025 upto 5.00 P.M. | Date: 20.10.2025 upto 5.00 P.M. | Date: 23.10.2025 at 11.00 A.M. | Will be intimated later |

Further details can be seen from the website: **www.tendersorissa.gov.in**.

OIPR-25059/11/0022/2526 — Sd./- Superintending Engineer, Rural Works Division, Sunabeda


# ଗଜଲକ୍ଷ୍ମୀ ପୂଜା ପାଇଁ କଳସ ଶୋଭାଯାତ୍ରା


ନୁନହାଡ଼ରେ କଳସ ଶୋଭାଯାତ୍ରା।

**ବେଲପଡା,୫।୧୦ (ମନୋଜ କୁମାର ମିଶ୍ର)**

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ଅନ୍ତର୍ଗତ ନୁନହାଡ଼ ଗ୍ରାମରେ ଚଳିତବର୍ଷ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି। ଅଧିବାସ ଅବସରରେ ରବିବାର ସନ୍ଧ୍ୟାରେ ଗାଁର ମହିଳା ଓ ପୁରୁଷ ସ୍ଥାନୀୟ ପୂଜା ମଣ୍ଡପରୁ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିବା ପରେ ଲାହାନ୍ତ ନଦୀ ନିକଟରେ ପହଞ୍ଚି ଥିଲେ। ସେଠାରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରି ଜଳପୂର୍ଣ୍ଣ କଳସ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ପରେ ପୂଜା ଆରମ୍ଭ ହୋଇଛି। ଚଳିତବର୍ଷ ପୂଜା କର୍ତ୍ତା ଭାବରେ ସୁଶାନ୍ତ ସାହୁ ଓ ତାଙ୍କ ପତ୍ନୀ କଳ୍ପନା ସାହୁ ଦାୟିତ୍ୱ ତୁଲାଉଥିବା ବେଳେ ପୂଜକ ତଥା ପୁରାଣ ଗାୟକ ଶ୍ୟାମସୁନ୍ଦର ପଣ୍ଡା ରହିଛନ୍ତି। ଏବର୍ଷ ଗଜଲକ୍ଷ୍ମୀ ପୂଜା ୪୦ ତମ ବର୍ଷରେ ପଦାର୍ପଣ କରିଛି। ଏହି ଅବସରରେ ମୀନାବଜାର, ଅପେରା, ଦଣ୍ଡନୃତ୍ୟ, ଅର୍କେଷ୍ଟ୍ରା ଓ ବିଭିନ୍ନ କାର୍ଯ୍ୟକ୍ରମ ରହିଥିବା କମିଟି ସୂତ୍ରରୁ ପ୍ରକାଶ। କମିଟିର ସଭାପତି ଗଣେଶ ମେହେର, ଉପସଭାପତି ନରେଶ ସାହୁ, ସମ୍ପାଦକ ସୂର୍ଯ୍ୟକାନ୍ତ ପୁଟେଲ, ସହ ସମ୍ପାଦକ ଉଗ୍ରେସନ ନାଏକ, କୋଷାଧ୍ୟକ୍ଷ ରୋହିତ ବେହେରା ପ୍ରମୁଖ ସହଯୋଗ କରୁଛନ୍ତି।

# ଗଜଲକ୍ଷ୍ମୀ ପୂଜା ପାଇଁ କଳସ ଯାତ୍ରା

**ପାଟଣାଗଡ଼,୫।୧୦ (ସଚ୍ଚିଦାନନ୍ଦ ମହାକୁର)**

ପାଟଣାଗଡ଼ ଏନଏସିସ୍ଥିତ ବରପଡାରେ ଗଜଲକ୍ଷ୍ମୀ ପୂଜା ପାଇଁ ରବିବାର କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଉକ୍ତ ପଡାର ଶତାଧିକ ମହିଳା ଓ ପୁରୁଷ ସ୍ଥାନୀୟ ମାୟାବତୀ ନଦୀ ନିକଟରେ ପହଞ୍ଚି ସେଠାର ପୂଜାର୍ଚ୍ଚନା କରିଥିଲେ। ପରେ କଳସରେ ପାଣି ଧରି ସହରର ମୁଖ୍ୟ ରାସ୍ତାଦେଇ ଶୋଭାଯାତ୍ରାରେ ଆସି ପୂଜା ମଣ୍ଡପରେ ପହଞ୍ଚି ଥିଲେ। ଏଥର ପୂଜା ଅଷ୍ଟମ ବର୍ଷରେ ପହଞ୍ଚି ଥିବା ବେଳେ ୫ ଦିନ ଧରି ଧୂମଧାମରେ ପାଳିତ ହେବ । ପ୍ରତିଦିନ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବାର ଅଛି।

# ଟିଟିଲାଗଡ଼ରେ ଡକାୟତ ଗ୍ୟାଙ୍ଗ ସକ୍ରିୟ

**ଟିଟିଲାଗଡ଼,୫।୧୦(ସନ୍ତୋଷ ପଟ୍ଟନାୟକ)**

ଟିଟିଲାଗଡ଼ ଥାନା ଅଞ୍ଚଳରେ ଏକ ଡକାୟତ ଗ୍ୟାଙ୍ଗ ସକ୍ରିୟ ରହିଛି । ଟିଟିଲାଗଡ଼ ଥାନା ଅନ୍ତର୍ଗତ ବୁର୍ଡିପଡା ଗ୍ରାମର ମନିଷ ମାଝୀ ଗତ ୨ ତାରିଖ ରାତିରେ ଟିଟିଲାଗଡ଼ ସହରରୁ ନିଜ ଗ୍ରାମକୁ ଫେରୁଥିବା ବେଳେ ବାଟରେ ୬ ଜଣ ଡକାୟତଙ୍କ ହାବୁଡରେ ପଡିଥିଲେ। ସେମାନେ ପିସ୍ତଲ, ଭୁଜାଲି ଆଦି ମାରଣାସ୍ତ୍ରରେ ତାଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ହାତ ପାପୁଲି କାଟି ଦେବା ସହ ମାଡ଼ ମାରିଥିଲେ। ଏପରି କି ସିଗାରେଟ ଚେଙ୍କ ଦେଇ ଫେରାର ହୋଇ ଯାଇଥିଲେ। ଡକାୟତମାନେ କଳା ରଙ୍ଗର ଜ୍ୟାକେଟ, ହାତରେ ଗ୍ଲୋଭସ ଓ ସ୍ପୋର୍ଟ୍ସ ଜୋତା ପିନ୍ଧିଥିଲେ। କଟକିଆ ଭାଷାରେ କଥା ହେଉଥିଲେ । ଏ ନେଇ ମନୀଷ ଟିଟିଲାଗଡ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏହି ଡକାୟତ ଗ୍ୟାଙ୍ଗକୁ ନେଇ ଟିଟିଲାଗଡ଼ ଅଞ୍ଚଳରେ ଆଲୋଚନା ଜୋର ଧରିଛି । ବୁର୍ଡିପଡା ଗାଁକୁ ଯିବା ବେଳେ ଜଙ୍ଗଲିଆ ରାସ୍ତା ଦେଇ ଯିବାକୁ ପଡିଥାଏ। ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା କରିବା ସହ ଯଥାଶୀଘ୍ର ଡକାୟତ ଦଳକୁ ଠାବ କରି କାବୁ କରିବାକୁ ଦାବି ହେଉଛି।

# ବ୍ରିଜ୍ ଉପରୁ ଡେଇଁପଡ଼ି ଜୀବନ ହାରିଲେ ବୃଦ୍ଧ

**ଗୁଡଭେଲା,୫।୧୦(ମନୋଜ କୁମାର ଜୈନ)**

ରବିବାର ତୁଷୁରା ସହରର ଧାନଘରା ଗ୍ରାମସ୍ଥିତ ତେଲ ନଦୀ ବ୍ରିଜ୍ ଉପରୁ ଜଣେ ୭୫ ବର୍ଷୀୟ ବୃଦ୍ଧ ଡେଇଁ ପଡ଼ି ଆତ୍ମହତ୍ୟା କରିଛନ୍ତି । ମୃତକ ହେଲେ ତୁଷୁରା ଥାନା ଅନ୍ତର୍ଗତ ଧାନଘରା ଗ୍ରାମର କୀର୍ତ୍ତି ରଣା(୭୫)। ସେ ବ୍ରିଜ୍ ଉପରେ କିଛି ସମୟ ବସିଥିଲେ। ତେବେ ହଠାତ୍ କୌଣସି କାରଣରୁ ବ୍ରିଜ୍ ଉପରୁ ତଳକୁ ଡେଇଁ ପଡିଥିଲେ। ସେ ଡେଇଁଥିବା ସ୍ଥାନରେ ନଦୀରେ ପାଣି ନ ଥିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ତୁଷୁରା ପୋଲିସ ମୃତଦେହ ଜବତ କରି ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ବାଇକ୍ ଧକ୍କାରେ ଚାଷୀ ମୃତ

**ବଲାଙ୍ଗୀର,୫।୧୦(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର-ପାଟଣାଗଡ ୪୨ ନମ୍ବର ରାଜ୍ୟ ରାଜପଥର ଚୁଡାପାଲିଠାରେ ରବିବାର ଏକ ସଡକ ଦୁର୍ଘଟଣାରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚୁଡାପାଲି ଗ୍ରାମର କଷ୍ଟ କୁମୁରା (୫୮) । ସେ ସକାଳେ ନିଜ ଚାଷ ଜମିକୁ ଚାଲିକି ଯାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ କଷ୍ଟଙ୍କ ମୃତ୍ୟୁ ଘଟିଥିଲା। ପ୍ରକାଶ ଯେ, ଏକ ବାଇକ୍‌ରେ ଦୁଇ ଜଣ ବ୍ୟକ୍ତି ଦ୍ରୁତଗତିରେ ବଲାଙ୍ଗୀର ରେଲୱେ ଷ୍ଟେଶନକୁ ଆସୁଥିଲେ। ଷ୍ଟେଶନରେ ବାଇକ୍ ରଖିଦେଇ ଟ୍ରେନ୍‌ରେ ଝାରସୁଗୁଡ଼ା ଯିବାର ଥିଲା। ସେମାନେ ଷ୍ଟେଶନରେ ଶୀଘ୍ର ପହଞ୍ଚିବା ପାଇଁ ଜୋରରେ ଗାଡ଼ି ଚଳାଇ ଆସୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ତେବେ ବାଇକ୍ ଆରୋହୀ ଜଣକ ଚାଷୀଙ୍କୁ ଧକ୍କା ଦେଇ ପ୍ରାୟ ୨୦ ମିଟର ଦୂର ପର୍ଯ୍ୟନ୍ତ ଘୋଷାଡ଼ି ନେଇଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀଙ୍କ ସୂତ୍ରରୁ ଜଣାଯାଇଛି। ଫଳରେ ଏହି ଦୁର୍ଘଟଣାକୁ ନେଇ କିଛି ସମୟ ଧରି ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ସଦର ଥାନା ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କୁ ବୁଝାଶୁଝା କରିଥିଲା। ମୃତଦେହକୁ ପୋଲିସ ଜବତ କରି ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ଚାଷୀଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

# ସୁଜିଆ-ବଡ଼ଟୀକା ମଧ୍ୟରେ ପ୍ରଥମ ସେମି ମୁକାବିଲା


କ୍ୱାର୍ଟର ଫାଇନାଲ ଖେଳର ଦୃଶ୍ୟ।

**ନଅଗାଁ(ଖ) ଫୁଟବଲ ଟୁର୍ନାମେଣ୍ଟ**

**ଲୋଇସିଂହା,୫।୧୦(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ଗ୍ରାମର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପଲ୍ଲୀ ଆଲୋକ ପାଠାଗାର ଓ ଗ୍ରାମବାସୀଙ୍କ ସହଯୋଗରେ ହାଇସ୍କୁଲ ଖେଳପଡିଆରେ ପଞ୍ଚ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେଉଛି। ରବିବାର ଦ୍ୱିତୀୟ ଦିବସରେ ୩ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ବଲାଙ୍ଗୀର ଓ ସୁଜିଆ ମଧ୍ୟରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ଖେଳ ଅମୀମାଂସିତ ରହିବାରୁ ଟ୍ରାଇ ବ୍ରେକରରେ ଫଳାଫଳ ନିର୍ଣ୍ଣୟ ହୋଇଥିଲା। ଏଥିରେ ବଲାଙ୍ଗୀରକୁ ହରାଇ ସୁଜିଆ ଦ୍ୱିତୀୟ ଦଳ ଭାବରେ ସେମି ଫାଇନାଲକୁ ଉନ୍ନୀତ ହୋଇଛି। ଆସନ୍ତା ୮ ତାରିଖରେ ଉଭୟ ଦଳ ମଧ୍ୟରେ ପ୍ରଥମ ସେମି ଫାଇନାଲ ଖେଳାଯିବ। ରବିବାର ପ୍ରଥମ ମ୍ୟାଚରେ ୩-୦ ଗୋଲରେ ଖଲିଆପାଲିକୁ ହରାଇ ସୁଜିଆ କ୍ୱାର୍ଟର ଫାଇନାଲକୁ ପ୍ରବେଶ କରିଥିଲା। ସେହିପରି ଦ୍ୱିତୀୟ ମ୍ୟାଚରେ ୧-୦ ଗୋଲରେ ଖରମୁଣ୍ଡାକୁ ହରାଇ ବଲାଙ୍ଗୀର ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ନାରାୟଣ ମିଶ୍ର ଧାରା ବିବରଣୀ ପ୍ରଦାନ କରିଥିଲେ। ମ୍ୟାଚ କମିଶନର ଦିଲୀପ ଧରୁଆଙ୍କ ନେତୃତ୍ୱରେ ସୁରେଶ ନାଏକ, ଜ୍ୟୋତିରଞ୍ଜନ ପଟେଲ, କରୁଣାକର ପଧାନ ଓ ବୀରେନ୍ଦ୍ର ଧରୁଆ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ରବିବାର ମୁଖ୍ୟଅତିଥି ଥିଲେ ସାମାଜିକ କର୍ମୀ ଯୁଧିଷ୍ଠିର ପଧାନ। ବୁରୋଭାଡି ପାକ୍ସ ବୋର୍ଡ ସଭାପତି ଫକିର ବିଶ୍ୱାଳ, ସମ୍ପାଦକ ପ୍ରୀତମ ମିଶ୍ର, ନରସିଂହ ସାହୁ, ସଦାନନ୍ଦ ପଶାୟତ, ନାଗର ହରପାଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।


**OFFICE OF THE BHAWANIPATNA MUNICIPALITY, DIST.: KALAHANDI**

No. 2972/BPM — Date: 03.10.2025

**TENDER CALL NOTICE**

No. C-1203: Sealed Tender Call Notice are invited from the **Authorised Supplier/Firm/Manufacturer/Agency** for supply of **50 pices of 80×2 Litre dual stand mounted plastic dustbins (Green & Blue) coloured** under Bhawanipatna Municipality.

The bidders should submit their tender in their **official letter head** as per the prescribed format (Annexure - II) and send it by **Registered Post/Speed Post** addressed to **The Executive Officer, Bhawanipatna Municipality, Bhawanipatna,** super scribing on the envelope *“Tender for Supply of Litter Bins”*. The tender paper must reach this office on or before **13.10.2025 by 1.00 P.M.** “The tender will be opened on the same day at 3.00 P.M. in the presence of the bidders or their authorized representatives”.

**Terms & Conditions:**

1. The tender paper must be accompanied by the following documents:
   - Self-attested photocopy of valid **GST Registration Certificate**.
   - Self-attested photocopy of **PAN Card**.
   - **Paper Cost of Rs.4,000/-** (Non-refundable) in shape of Demand Draft in favour of **Executive Officer, Bhawanipatna Municipality**, payable at Bhawanipatna.
   - **Security Deposit of Rs.20,000/-** (refundable) in shape of Demand Draft in favour of **Executive Officer, Bhawanipatna Municipality**, payable at Bhawanipatna.
2. The bidders must also submit **brand details and illustrative design** of the item along with the **Technical Bid**.
3. Bidders must quote the product strictly as per the **specification provided in the NIT**.
4. The **quoted rate shall remain valid for one year**.
5. The selected agency must **supply and install all items within 07 (Seven) days** from the date of issue of the Supply Order.
6. The **quantity of items may vary** (increase or decrease upto 25%) at the time of placing the order.
7. The complete quotation document may be downloaded from the Municipality website: **www.bhawanipatnamunicipality.in** & Kalahandi District website **www.kalahandi.odisha.gov.in**.
8. The authority reserves the right to **accept or reject any or all quotations** and/or negotiate with more than one agency without assigning any reason thereof.
9. The bidder must supply/fulfil complete order, partial bid is not allowed.

OIPR-13100/11/0018/2526 — **Sd./- Executive Officer, Bhawanipatna Municipality**



**ODISHA SCHOOL EDUCATION PROGRAMME AUTHORITY**

**“SHIKSHA SOUDHA”, UNIT-V, BHUBANESWAR-751001**

**Notice Inviting RFP**

**No. 10773/Ped/25** — **Date : 04/10/2025**

**Selection of Agency for Implementation of Reading Promotion Program for PM SHRI Schools (Grades 1-10)**

**No.n-** : Odisha School Education Programme Authority (OSEPA), under the administrative control of the School & Mass Education Department, Government of Odisha, invites sealed proposals from eligible bidders for the **implementation of a Reading Promotion Program across 462 PMSHRI Schools in the state for Grades 1 to 10** during the Financial Year 2025-26.

The objective of the program is to strengthen reading comprehension, fluency and literary engagement among students in Primary, Upper Primary and Secondary Grades, through structured interventions, capacity building of teachers and ongoing monitoring and evaluation. The RFP document will be available on the OSEPA website at **osepa.odisha.gov.in**. Bidders meeting the eligibility criteria as prescribed in the RFP can access and download the complete RFP and apply accordingly.

The major events under the bid process are:

| Sl. No. | List of Key Events | Critical Dates |
|---|---|---|
| 1 | Date of availability of RFP document in OSEPA website | 04/10/2025 |
| 2 | Last Date for Submission of Bid | By 5:00 PM of 24/10/2025 |
| 3 | Date of Opening of Technical Bid | At 11:00 AM of 27/10/2025 |
| 4 | Date of Opening of Financial Bid | Date will be communicated to the technically qualified bidder/s through e mail. |

The proposal complete in all respects must reach the undersigned by **Speed Post/ Registered Post/ Courier** only latest by **5:00 PM of 24/10/2025** in a sealed envelope super scribed as **"REQUEST FOR PROPOSAL - Selection of Agency for implementation of Reading Promotion Program in PM SHRI Schools (Grades 1-10)"**. The proposals received beyond the last date and time will be rejected. The Tender Inviting Authority i.e. OSEPA reserves the right to accept / reject any/all BIDS / cancel the entire selection process at any stage without assigning any reason thereof

Address for Submission of Proposal:
**State Project Director,**
**Odisha School Education Programme Authority (OSEPA) “Shiksha Soudha”, Unit-V, Bhubaneswar, Odisha-751001**

**OIPR-27068/11/0073/2526** — **Sd./- State Project Director**

# ଭସାଣି ଯାତ୍ରାରେ ଦୁଲୁକିଲା ସହର

**ସୋନପୁର,୫।୧୦(ମୃତ୍ୟୁଞ୍ଜୟ ଶତପଥୀ)**

ଶାରଦୀୟ ଦୁର୍ଗାପୂଜା ଶାନ୍ତିଶୃଙ୍ଖଳାର ସହ ସମାପନ ହୋଇଛି। ରବିବାର ସନ୍ଧ୍ୟାରୁ ସହରର ୪ଟି ଦୁର୍ଗାପୂଜା କମିଟି ପକ୍ଷରୁ ଭସାଣି ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ବ୍ଲକ ଛକ, ପଟାଭାଡି, ଘୋଡାଘାଟପଡା ଓ ବଡବଜାର ଦୁର୍ଗାମଣ୍ଡପ ପୂଜା କମିଟି ପକ୍ଷରୁ ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ଲୋକନୃତ୍ୟ, ସଂକୀର୍ତ୍ତନ ଦଳ, ବାଜା, ଡିଜେ ଓ ଆକର୍ଷଣୀୟ ଲାଇଟ୍ ସୋର ଆୟୋଜନ ହୋଇଥିଲା। ପୂଜା କମିଟିର କର୍ମକର୍ତ୍ତା ଆନନ୍ଦ ଉଲ୍ଲାସର ସହିତ ଦେବୀ ପ୍ରତିମାଙ୍କୁ ସହର ପରିକ୍ରମା କରାଇ ମହାନଦୀ ଘାଟରେ ବିସର୍ଜନ କରାଇଥିଲେ। ବ୍ଲକ ଛକ ପୂଜା କମିଟି ପକ୍ଷରୁ ଘେଂସର ଘଣ୍ଟବାଦ୍ୟ, ରଫାଖାଳ(ସାଲେଭଟା)ର ଦୁଲଦୁଲି, ପାରମ୍ପରିକ ବାଡିନୃତ୍ୟ, ଶବର ଶବରଣୀ ନୃତ୍ୟ ଓ ଘୋଡାଘାଟପଡା, ପଟାଭାଡି




## ସୁବର୍ଣ୍ଣପୁରଃ ମେଲାଣି ନେଲେ ମା'

ଏବଂ ଦୁର୍ଗାମଣ୍ଡପ ପୂଜା କମିଟି ପକ୍ଷରୁ ରଙ୍ଗାରଙ୍ଗ ବିସର୍ଜନ ପର୍ବ ଏବଂ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସୋମବାର ଥନାପତିପଡା ଓ ଅନ୍ୟ ପୂଜା କମିଟି ପକ୍ଷରୁ ଭସାଣି ଶୋଭାଯାତ୍ରାରେ ମା'ଙ୍କୁ ବିଦାୟ ଦିଆଯିବ ବୋଲି ଜଣାପଡିଛି। ବିସର୍ଜନ ଶୋଭାଯାତ୍ରାକୁ ସୁରୁଖୁରୁରେ ପରିଚାଳିତ କରିବା ପାଇଁ ଜିଲା ଓ ପୋଲିସ ପ୍ରଶାସନ ଏବଂ ପୂଜା କମିଟି ଗୁଡିକ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଶାନ୍ତି ଶୃଙ୍ଖଳାର ସହ ଶୋଭାଯାତ୍ରା କରିବା ଏବଂ ଭିଡ ପରିଚାଳନା ଉପରେ ବିଶେଷ ଗୁରୁତ୍ୱ ଦିଆ ଯାଇଥିଲା ।

# ଆର୍‌ଏସ୍‌ଏସ୍‌ର ଶତାବ୍ଦୀ ବର୍ଷ, ବିଜୟା ଦଶମୀ ଉତ୍ସବ

**ସୋନପୁର,୫।୧୦(ମୃତ୍ୟୁଞ୍ଜୟ ଶତପଥୀ)**

ବିଜୟା ଦଶମୀ ଦିନ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆରଏସଏସ) ପ୍ରତିଷ୍ଠାକୁ ୧୦୦ବର୍ଷ ଛୁଇଁଛି। ଶତାବ୍ଦୀ ବର୍ଷ ଓ ପବିତ୍ର ବିଜୟା ଦଶମୀ ଉପଲକ୍ଷେ ସଂଘର ସୁବର୍ଣ୍ଣପୁର ଜିଲା ଶାଖା ପକ୍ଷରୁ ରବିବାର ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ଜିଲାର ଶତାଧିକ ସ୍ୱୟଂ ସେବକ ପୂର୍ଣ୍ଣ ଗଣବେଶରେ ଯୋଗଦାନ କରିଥିଲେ। ଅପରାହ୍ନରେ ଅଧିଷ୍ଠାତ୍ରୀ ଦେବୀ ମା' ସୁରେଶ୍ୱରୀଙ୍କ ମନ୍ଦିର ସମ୍ମୁଖରୁ ସ୍ୱୟଂ ସେବକମାନେ ପଥ ସଞ୍ଚାଳନରେ ବାହାରି ସହର ପରିକ୍ରମା କରିବା ସହ ରୟାଲ ପଡିଆରେ ପହଞ୍ଚିଥିଲେ। ପରେ ପଡିଆରେ ପାରମ୍ପରିକ ଅସ୍ତ୍ର ପୂଜନ ଓ ଧ୍ୱଜାରୋହଣ କରା ଯାଇଥିଲା। ସ୍ୱୟଂ ସେବକ ମାନେ ନିୟୁଦ୍ଧ, ସୂର୍ଯ୍ୟ ନମସ୍କାର, ଦଣ୍ଡ ଯୋଗ, ବ୍ୟାୟାମ, ପ୍ରହାର ଓ ବିଭିନ୍ନ ପ୍ରକାର ଶାରୀରିକ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ସେନା ଅଧିକାରୀ ପଦ୍ମଲୋଚନ ମହାଲିଙ୍ଗ ମୁଖ୍ୟ ଅତିଥିଭାବେ ଯୋଗଦାନ କରି ସ୍ୱୟଂ ସେବକମାନଙ୍କୁ ଦେଶର ସେନା ବାହିନୀ ସହିତ ତୁଳନା କରିଥିଲେ। ଡାକ୍ତର ବିଭୁଦତ୍ତ ପ୍ରମୋଦ କୁମାର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାରତକୁ ପରମ ବୈଭବଶାଳୀ ଭାବେ ଗଢି


ସ୍ୱୟଂ ସେବକମାନେ ପଥ ସଞ୍ଚାଳନରେ ସୁବର୍ଣ୍ଣପୁର ସହର ପରିକ୍ରମା କରୁଛନ୍ତି।

ତୋଳିବା ପାଇଁ ଶାଖା ଦ୍ୱାରା ଉତ୍ତମ ଓ ଚରିତ୍ରବାନ ମଣିଷ ନିର୍ମାଣ ସଂଘର ଲକ୍ଷ୍ୟ ବୋଲି କହିଥିଲେ। ସୁବର୍ଣ୍ଣପୁର ଜିଲା ସଂଘ ଚାଳକ ଦିଲ୍ଲିପ କୁମାର ତ୍ରିପାଠୀ ଓ ଜିଲା କାର୍ଯ୍ୟବାହ ଧର୍ମେନ୍ଦ୍ର ବଡମାଳି ମଞ୍ଚାସିନ ରହି ସଂଘର ଇତିହାସ ଓ ସଂଘର ପ୍ରତିଷ୍ଠାତା ଡାକ୍ତର କେଶବ ବଳିରାମ ହେଡଗୱାରଙ୍କ ସଂଘର୍ଷମୟ ଜୀବନୀ ଉପରେ ଆଲୋଚନା କରିଥିଲେ। ସଂଘର ମୂଳଲକ୍ଷ୍ୟ ସ୍ୱ-ବୋଧ, ସାମାଜିକ ସମରସତା, ନାଗରିକ କର୍ତ୍ତବ୍ୟ, କୁଟୁମ୍ବ ପ୍ରବୋଧନ ଓ ପର୍ଯ୍ୟାବରଣ ବିଷୟରେ ଅତିଥିମାନେ ଆଲୋଚନା କରିଥିଲେ। ଆରଏସ୍‌ଏସ୍‌ର ସହ ଜିଲା ସଂଘ ଚାଳକ ଜୟଦ୍ରଥ ଜଗଦଲା, ସହ ଜିଲା କାର୍ଯ୍ୟବାହ ହୃଷିକେଶ ଭୋଇ, ତରଭା ଖଣ୍ଡ ସଂଘ ଚାଳକ ମାଙ୍ଗେଲାଲ ଅଗ୍ରୱାଲ, ସୋନପୁର ନଗର ସଂଘ ଚାଳକ ଶିବ ପ୍ରସାଦ ପାତ୍ର, ସହ ପ୍ରାନ୍ତ ପ୍ରଚାର ପ୍ରମୁଖ ପ୍ରଣବ ନାୟକ, ସେବା ପ୍ରମୁଖ କୃପାସିନ୍ଧୁ ମହାକୁର, ଜିଲା ପ୍ରଚାର ପ୍ରମୁଖ ରଶ୍ମି ରଞ୍ଜନ ଦାସ, ପୂର୍ଣ୍ଣଚନ୍ଦ୍ର ଖମାରୀ, ରାଜେନ୍ଦ୍ର ନାୟକ, ଦୀପକ ମହାପାତ୍ର, କେଦାର ଦାଶ, ସଞ୍ଜୟ ମହାପାତ୍ର, ରାଜେଶ ସିଂ ଓ ଚନ୍ଦନ ପ୍ରହରାଜ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଭାଜପା ଜିଲା ସଭାପତି ବେଣୁଧର ଦାଶ, ପ୍ରମୋଦ କୁମାର ମହାପାତ୍ର, ବଳଦେବ ପ୍ରସାଦ ବେଦବାକ୍, ଅଶୋକ କୁମାର ପୃଷ୍ଟି, ନବ କୃଷ୍ଣ ଦନ୍ତା, ଶରତ କୁମାର ଶତପଥୀ ପ୍ରମୁଖ ପୂର୍ଣ୍ଣ ଗଣବେଶରେ ଯୋଗଦାନ କରିବା ସହ ପଥ ସଞ୍ଚାଳନରେ ସାମିଲ ହୋଇଥିଲେ।

# ଡୁଲେଶ୍ୱର କ୍ରିକେଟ: କେନ୍ଦ୍ରାପଡ଼ା ଫାଇନାଲରେ

**ଅମରପାଲି,୫।୧୦(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ପିତାମହୁଲ ପଞ୍ଚାୟତର ଡୁଲେଶ୍ୱର ଗ୍ରାମରେ ବାଗ୍ଦେବୀ କ୍ଲବ ଆନୁକୂଲ୍ୟରେ ଦ୍ୱିତୀୟ ସମଲେଶରୀ ଡୁଲେଶ୍ୱର କ୍ରିକେଟ କପ ରବିବାର ଥିଲା ଦ୍ୱିତୀୟ ଦିବସ। ଏହି ଦିବସରେ ୩ଟି ମ୍ୟାଚ ଖେଳା ଯାଇଥିଲା। ସେମିଫାଇନାଲରେ ସିଆରଏନ ତାଳଚେରକୁ ହରାଇ ଡିସିସି ଶାନ୍ତାପୁର କେନ୍ଦ୍ରାପଡ଼ା ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ସୋମବାର ଏମଏସଟି ବଲାଙ୍ଗୀର ଓ କେନ୍ଦ୍ରାପଡ଼ା ମଧ୍ୟରେ ଫାଇନାଲ ମ୍ୟାଚ ହେବ। ରବିବାର ପ୍ରଥମ ମ୍ୟାଚ ଆଂଶ ଏକାଦଶ ବୀରମହାରାଜପୁର ଓ ଡିସିସି ଶାନ୍ତାପୁର କେନ୍ଦ୍ରାପଡ଼ା ମଧ୍ୟରେ ହୋଇଥିଲା। କେନ୍ଦ୍ରାପଡ଼ା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୫ ଉଇକେଟ ହରାଇ ୮୩ ରନ କରିଥିଲା। ଜବାବରେ ବୀରମହାରାଜପୁର ଦଳ ନିର୍ଦ୍ଧାରିତ ଓଭରରେ ୩ ଉଇକେଟ ହରାଇ ୮୦ ରନ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚ ସୁହାନି -୧୧ ୱେଷ୍ଟବେଙ୍ଗଲ ଓ ସିଆରଏନ ତାଳଚେର ମଧ୍ୟରେ ହୋଇଥିଲା। ଦ୍ୱତାଳଚେର ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୫ ଉଇକେଟ ହରାଇ ୮୯ ରନ କରିଥିଲା। ଜବାବରେ ୱେଷ୍ଟବେଙ୍ଗଲ ୮ ଓଭରରେ ୯ ଉଇକେଟ ହରାଇ ୫୭ ରନ କରି ପରାସ୍ତ ହୋଇଥିଲା। ସେମି ଫାଇନାଲ ପ୍ରଥମ ମ୍ୟାଚ ବିଜେତା କେନ୍ଦ୍ରାପଡ଼ା ଓ ତାଳଚେର ମଧ୍ୟରେ ହୋଇଥିଲା। ତାଳଚେର ପ୍ରଥମେ ବ୍ୟାଟିଂ କରି ୭ଓଭରରେ ୩ ଉଇକେଟ ହରାଇ ୫୭ ରନ କରିଥିଲା। ଜବାବରେ କେନ୍ଦ୍ରାପଡ଼ା ଦଳ ୫ ଓଭରରେ ୨ ଉଇକେଟ ହରାଇ ୫୮ ରନ କରି ପରାସ୍ତ ହୋଇଥିଲା। ଫଳରେ କେନ୍ଦ୍ରାପଡ଼ା ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି।

## ଗୁରୁହାଣ୍ଡି ଜୋରରୁ ବୃଦ୍ଧାଙ୍କ ମୃତଦେହ ଜବତ

**ବିନିକା, ୫।୧୦(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଜୁଲୁଣ୍ଡା-କାପାସିରା ଗୁରୁହାଣ୍ଡି ଜୋରରୁ ରବିବାର ଜଣେ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତା ହେଲେ ଜୁଲୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଆମମୁଣ୍ଡା ଗାଁର ସରସ୍ୱତୀ ପଧାନ(୭୫)। ଗୁରୁହାଣ୍ଡି ଜୋରର ପ୍ରଖର ପାଣିସ୍ରୋତରେ କେହି ଜଣେ ଭାସି ଯାଉଥିବାର ଦେଖି ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀକୁ ଫୋନ କରି ଜଣାଇଥିଲେ। ଅଗ୍ନିଶମ ବାହିନୀ କର୍ମଚାରୀ ଖୋଜାଖୋଜି କରି ମୃତଦେହ ଜବତ କରିଥିଲେ। ଲଛିପୁର ପୋଲିସ ମୃତଦେହ ବିନିକା ମେଡିକାଲରେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସରସ୍ୱତୀ ଶନିବାର ସନ୍ଧ୍ୟାରୁ ନିଖୋଜ ଥିଲେ।

# ଚଣ୍ଡ, ମୁଣ୍ଡ ନିହତ: ମହିଷାସୁର ମର୍ମାହତ

## କାନପୁର ମହାଖଳା ପୂଜା ପାଇଁ ମହିଷାସୁର ଦରବାର

**ବୀରମହାରାଜପୁର,୫।୧୦(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ପ୍ରସିଦ୍ଧ ମାହେଶ୍ୱରୀ ପୀଠ କାନପୁର ମହାଖଳା ପୂଜା ଓ ଡିମ୍ବୁଲ ଯାତ୍ରା ପାଇଁ ପୂଜା କମିଟି ତରଫରୁ ପ୍ରଥମ କରି ମହିଷାସୁର ଦରବାର ଅନୁଷ୍ଠିତ ହେଉଛି। ବର୍ଷା ଯୋଗୁଁ ଶନିବାର ଦରବାର ବାଧାପ୍ରାପ୍ତ ହେଉଥିଲା। ରବିବାର ଦରବାର ପୂର୍ବରୁ ମହାରାଜା ଭୂମିକାରେ ଅଭିନୟ କରୁଥିବା ବିଶିଷ୍ଟ ମଞ୍ଚ ଅଭିନେତା ଗୋପାଳ ଦାସ ପାତ୍ରମନ୍ତ୍ରୀଙ୍କ ସହିତ ମା' ମାହେଶ୍ୱରୀଙ୍କ ଆଶୀର୍ବାଦ ଭିକ୍ଷା କରି ନଗର ପରିଭ୍ରମଣରେ ବାହାରିଥିଲେ। ପରେ ଡିମ୍ବୁଲଠାରେ ମହିଷାସୁର ଦରବାରରେ ମା' ଦୁର୍ଗାଙ୍କ ହସ୍ତରେ ଚଣ୍ଡ, ମୁଣ୍ଡ ନିହତ ହୋଇଥିଲେ। ଏଥିରେ ମହିଷାସୁର ମର୍ମାହତ ହୋଇ ଶୁମ୍ଭ ନିଶୁମ୍ଭଙ୍କୁ ପ୍ରେରଣ କରିଛନ୍ତି ମହାରାଜ ମହିଷାସୁର।




## ଖଟଖଟିଆ ବଣିକ ସଂଘର ନୂତନ କର୍ମକର୍ତ୍ତା

**ପଲସାଗୋରା,୫।୧୦(ଅଶ୍ୱିନୀ କୁମାର ନନ୍ଦ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଖଟଖଟିଆ କଲ୍ୟାଣ ମଣ୍ଡପରେ ରବିବାର ବଣିକ ସଂଘର ପ୍ରଥମ ସାଧାରଣ ବୈଠକ ବରିଷ୍ଠ ବ୍ୟବସାୟୀ ଜଗମୋହନ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ସିପୁନ କୁମାର ପାଢ଼ୀଙ୍କୁ ମନୋନୀତ କରାଯାଇଥିବା ବେଳେ ଅଜିତ କୁମାର ବସ୍ତିଆ ଉପସଭାପତି, ନିମାଇଁ ପାତ୍ର ସମ୍ପାଦକ, ଜିତେନ୍ଦ୍ର ବାରିକ ସହ ସମ୍ପାଦକ ଏବଂ ସୁନନ୍ଦ ଦାଶ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ। ଉପଦେଷ୍ଟା ମଣ୍ଡଳୀରେ ବିଶ୍ୱଜିତ ବସ୍ତିଆ, ନାରାୟଣ ସାହୁ, ଜଗମୋହନ ନନ୍ଦ, ବିଶ୍ୱନାଥ ମହାପାତ୍ର, ଦୌଲତ ସାହୁ, ବିନୋଦ ନାୟକ, କୁଳମଣି ସାମର୍ଥ ରହିଥିବାବେଳେ ରାଧେଶ୍ୟାମ ମିଶ୍ର, ଗଣେଶ ବାରିକ, ରାଜେନ୍ଦ୍ର ଭୋଇ, ଲୋଚନ ମିଶ୍ର, ସୁଧୀର ମିଶ୍ର, ଉଦ୍ଧବ ଅମାତ, ଲଳିତ ବସ୍ତିଆ, ପ୍ରଭାଂଶୁ ବାରିକ, ନୟନ କର୍ଣ୍ଣ ଓ ସତ୍ୟ ପଲିଆଙ୍କୁ ସର୍ବସମ୍ମତି କ୍ରମେ କାର୍ଯ୍ୟକାରୀ ସଭ୍ୟ ମନୋନୀତ କରାଯାଇଥିଲା। ଆଗାମୀ ଦିନରେ ଖଟଖଟିଆ ଅଞ୍ଚଳର ବ୍ୟବସାୟୀମାନଙ୍କ ବିଭିନ୍ନ ସମସ୍ୟା ଓ ସାମଗ୍ରିକ ବିକାଶ ପ୍ରତି ସଂଘ ଉଦ୍ୟମ ଜାରି ରଖିବ ବୋଲି ନୂତନ ସଭାପତି ପାଢ଼ୀ ଜଣାଇଛନ୍ତି।

# ସାମାଜିକ ନାଟକ ମଞ୍ଚସ୍ଥ

**ବାଉଁଶୁଣୀ,୫।୧୦(ଦେବାଶିଷ ନେପାକ)**

ବୌଦ୍ଧ ବ୍ଲକ ଅନ୍ତର୍ଗତ ବହିରାରେ ଶନିବାର ଗ୍ରାମ୍ୟ ଉନ୍ନୟନ ଯୁବକ ସଂଘ ପକ୍ଷରୁ ସାମାଜିକ ନାଟକ 'ଜୀବନ ଛକରେ ମଣିଷ ହାଟ' ମଞ୍ଚସ୍ଥ ହୋଇଯାଇଛି। ନାଟକର ଉଦ୍‌ଘାଟନୀ ସଭାରେ ସଂଘ ସଭାପତି ତଥା ସରପଞ୍ଚ ଯଯାତି କେଶରୀ ମହାଲିକ ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ପୟୋଧର ମହାକୁଲ, ସମିତି ସଭ୍ୟା ପ୍ରତିନିଧି କହେଁଇ ବାଦୀ, ଶିବ ପଣୁଆ, ନଗେନ ବେବର୍ତ୍ତା, ଦେବଦତ୍ତ ବଘାର, ନିରଞ୍ଜନ ପଣୁଆ, ଖଗେଶ୍ୱର ସେଠି, ନବୀନ ସାହୁ, ଜୟନ୍ତ ପଣୁଆ ଏବଂ ଗୁଣନିଧି ମେହେର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସଂଘର ଉପଦେଷ୍ଟା ତଥା ହାଇସ୍କୁଲ ଶିକ୍ଷକ ଦେଶବନ୍ଧୁ ମହାକୁଲ ମଞ୍ଚ ପରିଚାଳନା କରିଥିଲେ। ନାଟ୍ୟକାର ଶ୍ରୀବଲ୍ଲଭ ପ୍ରସାଦ ନାଏକ ନିର୍ଦ୍ଦେଶନା ଦେଇଥିଲେ। ନାଟକରେ ବହୁ ଉଦୀୟମାନ କଳାକାରଙ୍କ ସମେତ ଶିଶୁ କଳାକାର ଅଭିନୟ କରିଥିଲେ।

# କାନପୁର ପ୍ରସିଦ୍ଧ ମହାଖଳା ପୂଜା ପାଇଁ ଅଧିବାସ


ଅଧିବାସ କର୍ମ ପରେ ତିନି ଛତ୍ର ମଣ୍ଡପ ବିଜେ ହୋଇଛନ୍ତି।

## ଛତିଛତ୍ର ସହିତ ମଣ୍ଡପ ବିଜେ ହେଲେ ମା' ମାହେଶ୍ୱରୀ

**ବୀରମହାରାଜପୁର,୫।୧୦ (ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମାହେଶ୍ୱରୀ ପୀଠ କାନପୁରରେ ମା' ମାହେଶ୍ୱରୀଙ୍କ ମହାଖଳା ପୂଜା ପାଇଁ ରବିବାର ସନ୍ଧ୍ୟାରେ ଅଧିବାସ କାର୍ଯ୍ୟ ସମାପନ ହୋଇଛି। ଏହାପରେ ମା' ମାହେଶ୍ୱରୀ ଛତି, ଛତ୍ର, ପାରମ୍ପରିକ ପଞ୍ଚବାଦ୍ୟ ବାଡି ଖେଳ ସହିତ ଗମ୍ଭିରାରୁ ବାହାରି ମଣ୍ଡପକୁ ବିଜେ କରି ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। କାନପୁର ଗୌନ୍ତିଆ ସ୍ୱୟମ୍ଭୁନାଥ ଖଣ୍ଡଗିରୀ କର୍ତ୍ତାଭାବେ ଛେରାପହଁରା କରିଥିଲେ। ପଣ୍ଡିତ ତପନ ଚାନ୍ଦ କାର୍ଯ୍ୟ ନିର୍ବାହ କରିଥିବାବେଳେ ମାହେଶ୍ୱରୀ ସେବାୟତ ପୂଜକ ଭାବରେ ରବୀନ୍ଦ୍ର ଦେହୁରୀ, ବିଷ୍ଣୁ ଚରଣ ଦେହୁରୀ, ସୁରେନ୍ଦ୍ର ଦେହୁରୀ, ରମେଶ ଦେହୁରୀ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଆଲମରେ ରଣଘଣ୍ଟା ପୂଜା ପାଉଥିବାବେଳେ ଧଳା ଛତ୍ରରେ ପରମେଶ୍ୱରୀ ଓ କଳା ଛତ୍ରରେ ମାହେଶ୍ୱରୀ ଖମ୍ଭେଶ୍ୱରୀ ଓ ଅନ୍ୟାନ୍ୟ ଦେବୀଙ୍କ ପୂଜା କରୁଛନ୍ତି ଦେହୁରୀମାନେ। ଏହି କାର୍ଯ୍ୟକ୍ରମରେ ଚମ୍ପେଶ୍ୱର ମିଶ୍ର, ଅଜତ୍ନ କଲତା, ପ୍ରକାଶ ପ୍ରଧାନ, ଆଲୋକ ପ୍ରଧାନ, ସୁଦର୍ଶନ ମହାକୁଡ଼, ବୈଶାଖୁ ମହାକୁଡ଼, ମାନଭଞ୍ଜନ ଦେହୁରୀ, ସିଦ୍ଧାର୍ଥ ପାତ୍ର, ରମେଶ ପ୍ରଧାନ, ଚମ୍ପେଶ୍ୱର କଲତା, ସତ୍ୟ ନାରାୟଣ ମହାକୁଡ଼ଙ୍କ ସହିତ ପଞ୍ଚ ବାଦ୍ୟରେ କଂଗ୍ରେସ ବାଦି, ସାନ ବାଦି ଓ ତାଙ୍କ ଦଳ ସହାୟତା କରିଥିଲେ। ସୋମବାର ମା' ମାହେଶ୍ୱରୀଙ୍କ ଡିମ୍ବୁଲ ଯାତ୍ରା ଅନୁଷ୍ଠିତ ହେବ।


**GOVERNMENT OF ODISHA** e-mail: eerw_sunabeda@yahoo.co.in

**OFFICE OF THE SUPERINTENDING ENGINEER, RURAL WORKS DIVISION, SUNABEDA**

No. O-934
Letter No. 3691

**e-Procurement Notice for Road Works**
**Identification No. Online Tender/05/RWD-SBD/2025-26**

Date: 26.09.2025

1. Name of the Work : Road Work, Lamtaput, Pottangi Block
2. Total Number of Works : 03 Nos. Works
3. Estimated Cost : 60.00 to 90.00 lakhs
4. Class of Contractor : "B" Class
5. Period of Completion : 02 Months
6. Other details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. S.E., .R.W. Division, Sunabeda | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division, Sunabeda | Online Tender/05/RWD-SBD/2025-26 | Date: 06.10.2025 at 11.00 A.M. | Date: 22.10.2025 upto 5.00 P.M. | Date: 20.10.2025 upto 5.00 P.M. | Date: 23.10.2025 at 11.00 A.M. | Will be intimated later |

Further details can be seen from the website: **www.tendersorissa.gov.in**.

OIPR-25059/11/0022/2526 **Sd./- Superintending Engineer, Rural Works Division, Sunabeda**



**ODISHA SCHOOL EDUCATION PROGRAMME AUTHORITY**

**"SHIKSHA SOUDHA", UNIT-V, BHUBANESWAR-751001**

**Notice Inviting RFP**

**No. 10773/Ped/25** **Date : 04/10/2025**

**Selection of Agency for Implementation of Reading Promotion Program for PM SHRI Schools (Grades 1-10)**

**No.n-** : Odisha School Education Programme Authority (OSEPA), under the administrative control of the School & Mass Education Department, Government of Odisha, invites sealed proposals from eligible bidders for the **implementation of a Reading Promotion Program across 462 PMSHRI Schools in the state for Grades 1 to 10** during the Financial Year 2025-26.

The objective of the program is to strengthen reading comprehension, fluency and literary engagement among students in Primary, Upper Primary and Secondary Grades, through structured interventions, capacity building of teachers and ongoing monitoring and evaluation. The RFP document will be available on the OSEPA website at **osepa.odisha.gov.in**. Bidders meeting the eligibility criteria as prescribed in the RFP can access and download the complete RFP and apply accordingly.

The major events under the bid process are:

| Sl. No. | List of Key Events | Critical Dates |
|---|---|---|
| 1 | Date of availability of RFP document in OSEPA website | 04/10/2025 |
| 2 | Last Date for Submission of Bid | By 5:00 PM of 24/10/2025 |
| 3 | Date of Opening of Technical Bid | At 11:00 AM of 27/10/2025 |
| 4 | Date of Opening of Financial Bid | Date will be communicated to the technically qualified bidder/s through e mail. |

The proposal complete in all respects must reach the undersigned by **Speed Post/ Registered Post/ Courier** only latest by **5:00 PM of 24/10/2025** in a sealed envelope super scribed as **"REQUEST FOR PROPOSAL - Selection of Agency for implementation of Reading Promotion Program in PM SHRI Schools (Grades 1-10)"**. The proposals received beyond the last date and time will be rejected. The Tender Inviting Authority i.e. OSEPA reserves the right to accept / reject any/all BIDS / cancel the entire selection process at any stage without assigning any reason thereof.

Address for Submission of Proposal:
**State Project Director,**
**Odisha School Education Programme Authority (OSEPA) "Shiksha Soudha", Unit-V, Bhubaneswar, Odisha-751001**

**OIPR-27068/11/0073/2526** **Sd./- State Project Director**



**OFFICE OF THE**
**BHAWANIPATNA MUNICIPALITY, DIST.: KALAHANDI**

No. 2972/BPM Date: 03.10.2025

**TENDER CALL NOTICE**

No. C-1203: Sealed Tender Call Notice are invited from the **Authorised Supplier/Firm/Manufacturer/Agency** for supply of **50 pices of 80×2 Litre dual stand mounted plastic dustbins (Green & Blue) coloured** under Bhawanipatna Municipality.

The bidders should submit their tender in their **official letter head** as per the prescribed format (Annexure - II) and send it by **Registered Post/Speed Post** addressed to **The Executive Officer, Bhawanipatna Municipality, Bhawanipatna,** super scribing on the envelope *"Tender for Supply of Litter Bins"*. The tender paper must reach this office on or before **13.10.2025 by 1.00 P.M.** "The tender will be opened on the same day at 3.00 P.M. in the presence of the bidders or their authorized representatives".

**Terms & Conditions:**

1. The tender paper must be accompanied by the following documents:
   - Self-attested photocopy of valid **GST Registration Certificate**.
   - Self-attested photocopy of **PAN Card**.
   - **Paper Cost of Rs.4,000/-** (Non-refundable) in shape of Demand Draft in favour of **Executive Officer, Bhawanipatna Municipality**, payable at Bhawanipatna.
   - **Security Deposit of Rs.20,000/-** (refundable) in shape of Demand Draft in favour of **Executive Officer, Bhawanipatna Municipality**, payable at Bhawanipatna.
2. The bidders must also submit **brand details and illustrative design** of the item along with the **Technical Bid**.
3. Bidders must quote the product strictly as per the **specification provided in the NIT**.
4. The **quoted rate shall remain valid for one year**.
5. The selected agency must **supply and install all items within 07 (Seven) days** from the date of issue of the Supply Order.
6. The **quantity of items may vary** (increase or decrease upto 25%) at the time of placing the order.
7. The complete quotation document may be downloaded from the Municipality website: **www.bhawanipatnamunicipality.in** & Kalahandi District website **www.kalahandi.odisha.gov.in**.
8. The authority reserves the right to **accept or reject any or all quotations** and/or negotiate with more than one agency without assigning any reason thereof.
9. The bidder must supply/fulfil complete order, partial bid is not allowed.

**Sd./- Executive Officer**
**Bhawanipatna Municipality**

OIPR-13100/11/0018/2526

# ଜଙ୍ଗଲ, ବନ୍ୟପ୍ରାଣୀଙ୍କ ସୁରକ୍ଷା ଅପରିହାର୍ଯ୍ୟ

## ତିଲଡେଗାରେ ୭୧ତମ ବନ୍ୟପ୍ରାଣୀ ସପ୍ତାହ ପାଳନ

ସୁନ୍ଦରଗଡ଼, ୫।୧୦
(ଜୟ ନାରାୟଣ ମେଣ୍ଡୁଲି)


ବନ୍ୟପ୍ରାଣୀ ସପ୍ତାହ ପାଳନ ସମାରୋହରେ ଅତିଥି ଓ ଅନ୍ୟମାନେ।

ଆଧୁନିକ ଦୁନିଆରେ ବଢି ଚାଲିଛି ଜଗତିକରଣ ସଙ୍ଗେ ସଙ୍ଗେ ବ୍ୟାପକ ଶିଳ୍ପାୟନ। ଜଳବାୟୁ ପରିବର୍ତ୍ତନ ବର୍ତ୍ତମାନର ସମୟରେ ସବୁଠୁ ବଡ ଆହ୍ୱାନ ହୋଇଛି। ପ୍ରାକୃତିକ ସମ୍ବଳର ସୁପରିଚାଳନା ଆଗାମୀ ପିଢୀ ପାଇଁ ନିତାନ୍ତ ଆବଶ୍ୟକ ବୋଲି ରବିବାର ସୁନ୍ଦରଗଡ଼ ବନଖଣ୍ଡର ଉଜ୍ଜ୍ୱଳପୁର ବନାଞ୍ଚଳ ତରଫରୁ ଆୟୋଜିତ ବନ୍ୟପ୍ରାଣୀ ସପ୍ତାହ ପାଳନ ସମାରୋହରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବାଲିଶଙ୍କରା ବ୍ଲକ ଅନ୍ତର୍ଗତ ତିଲଡ଼େଗା ଗ୍ରାମରେ ଆୟୋଜିତ ୭୧ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ସମାରୋହରେ ମୁଖ୍ୟ ଅତିଥି ଭାବରେ ସୁନ୍ଦରଗଡ଼ ବନଖଣ୍ଡର ସହକାରୀ ବନ ସଂରକ୍ଷକ ରାଜକୁମାର ସେଠୀ ଯୋଗଦାନ କରି ମନୁଷ୍ୟ ଓ ବନ୍ୟପ୍ରାଣୀ ମଧ୍ୟରେ ଚାଲିଥିବା ସଂଘର୍ଷ ନିମନ୍ତେ ବ୍ୟାପକ ସଚେତନତାର ଆବଶ୍ୟକତା ଅଛି ବୋଲି ମତ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବରେ ପରିବେଶବିତ ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଦିଗାମ୍ବର ଉପାଧ୍ୟାୟ ବିଭିନ୍ନ ପ୍ରାକୃତିକ ସମ୍ବଳ ମଧ୍ୟରେ ଜଳ, ଜମି, ଜଙ୍ଗଲ, ଜନ୍ତୁର ସୁପରିଚାଳନା ଉପରେ ଗୁରୁତ୍ୱାରୋପ କରିବା ସହ ବନ୍ୟପ୍ରାଣୀଙ୍କ ସୁରକ୍ଷା ପରିବେଶ ସନ୍ତୁଳନ ପାଇଁ ଅପରିହାର୍ଯ୍ୟ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବରେ ଉଜ୍ଜ୍ୱଳପୁର ବନାଞ୍ଚଳ ଅଧିକାରୀ ଦେବଦତ୍ତ ନନ୍ଦ, କିଞ୍ଜିରକେଲା ବନପାଳ ରାଜୀବ ସାହୁ, ବନରକ୍ଷୀ ରଜତ ନାଏକ ଉପସ୍ଥିତ ରହି ବନ୍ୟପ୍ରାଣୀଙ୍କ ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ--୨ର ଉଜ୍ଜ୍ୱଳପୁର ଟିମ୍ ଲିଡର ହରିପ୍ରିୟା ନାଏକ ଏକ ସଚେତନତା ସଭାର ଆୟୋଜନ କରିଥିଲେ। ପରିବେଶବିତ ଦିଗାମ୍ବର ଉପାଧ୍ୟାୟ ସମସ୍ତଙ୍କୁ ବନ୍ୟପ୍ରାଣୀ ସଂରକ୍ଷଣ ଓ ଜଙ୍ଗଲ ସୁରକ୍ଷା ଉପରେ ଶପଥ ପାଠ କରାଇଥିଲେ। ଏହି ଅବସରରେ ବିଶିଷ୍ଟ ପାଲା ଗାୟକ ଦୁର୍ଯ୍ୟୋଧନ ପ୍ରଧାନ ଓ ତାଙ୍କ ଦଳ ବନ୍ୟପ୍ରାଣୀ ସଂରକ୍ଷଣ ଉପରେ ଏକ ସଚେତନତା ମୂଳକ ପାଲା ପରିବେଷଣ କରିଥିଲେ।

## ରାଜଗାଙ୍ଗପୁର ବିକାଶ ପରିଷଦର ନିର୍ବାଚନ
### ସନ୍ଦିପ ଅଗ୍ରୱାଲ ସଭାପତି

ରାଜଗାଙ୍ଗପୁର, ୫।୧୦(ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରରେ ଥିବା ରାଜଗାଙ୍ଗପୁର ବିକାଶ ପରିଷଦର ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ନିର୍ବାଚନରେ ସଭାପତି ପଦ ପାଇଁ ସନ୍ଦିପ ଅଗ୍ରୱାଲ ଓ ସୁନିଲ ଅଗ୍ରୱାଲଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହୋଇଥିଲା। ୬୧୫ ଜଣ ସଭ୍ୟ ବିଶିଷ୍ଟ ଏହି ପରିଷଦରେ ୪୬୭ ଜଣ ସଦସ୍ୟ ମତଦାନ କରିଥିଲେ। ସନ୍ଦିପ ଅଗ୍ରୱାଲ ୨୫୧ ଖଣ୍ଡ ଭୋଟପାଇ ସଭାପତି ପଦରେ ବିଜୟ ଲାଭ କରିଛନ୍ତି। ପରବର୍ତ୍ତୀ ସମୟରେ ସେ ଅନ୍ୟ ପଦପଦବୀ ପାଇଁ ବାଛି ନିଯୁକ୍ତି କରିବେ। ଏହି ନିର୍ବାଚନକୁ ବିନୋଦ ଶର୍ମା, ଅଶୋକ ଅଗ୍ରୱାଲ ଓ ସୁଭାଷ ଅଗ୍ରୱାଲ ପରିଚାଳନା କରିଥିଲେ।

## ବେଆଇନ ଗୋ-ଚାଲାଣ: ୨ ଗିରଫ


ଗୋ-ଚାଲାଣ କରୁଥିବା ୨ ଯୁବକ।

କୁଆଁରମୁଣ୍ଡା, ୫।୧୦
(ମହେନ୍ଦ୍ର କୁମାର ସାହୁ)

ଶନିବାର ବିଳମ୍ବିତ ରାତିରେ ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ପୋଲିସ ପାଟ୍ରୋଲିଂ କରୁଥିଲାବେଳେ ରାଏବୋଗା ପଟରୁ ବୀରମିତ୍ରପୁର ଆଡ଼କୁ ଆସୁଥିବା ଏକ ଗୋରୁ ବୋଝେଇ ଟ୍ରକକୁ ଜବତ କରିଛି। ଉକ୍ତ ଗାଡ଼ି ନଂ.ଜେଏଚ ୦୧ ଏଫଏକ୍ସ ୫୬୩୦କୁ ପୋଲିସ ଜବତ କରିବା ସହ ସେଥିରେ ଚାଲାଣ ହେଉଥିବା ୧୭ଟି ଗୋରୁକୁ ଉଦ୍ଧାର କରାଯାଇଛି। ଗୋ-ଚାଲାଣ କରୁଥିବା ସୋହେବ ଖାନ(୩୮) ଓ କରନ ଗୁଡିଆ(୨୧)ଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କଠାରୁ ପୋଲିସ ୩ଟି ମୋବାଇଲ ଓ ୫୫୦ ଟଙ୍କା ଜବତ କରିଛି। ସେମାନଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି ବୋଲି ଆଇଆଇସି ରାମପ୍ରସାଦ ନାଗ ସୂଚନା ଦେଇଛନ୍ତି। ଏ ନେଇ ବୀରମିତ୍ରପୁର ଥାନାରେ ଏକ ମାମଲା (ନଂ.୪୬୩/୨୦୨୫) ରୁଜୁ ହୋଇଛି।

## ହାଟପଦାରେ ରାବଣ ଦହନ

ଟିଟିଲାଗଡ଼,୫।୧୦
(ସନ୍ତୋଷ ପଟନାୟକ)

ସ୍ଥାନୀୟ ହାଟପଦାପଡା ରାବଣ ଦହନ କମିଟି ପକ୍ଷରୁ ରାବଣ ଦହନ କାର୍ଯ୍ୟକ୍ରମ ଡ଼ିଏଭି କଲେଜ ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ଯୋଗଦେଇ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଆସିବା ପରେ ଟିଟିଲାଗଡ଼ ଅଞ୍ଚଳର ବିକାଶ ହୋଇଥିବା କହିଥିଲେ। ସଭାରେ ପୌରାଧକ୍ଷା ମମତା ଜୈନ, ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା ନାଏକ, ପୂର୍ବତନ ନଗରପାଳ ଶୁଭ୍ରାଂଶୁ ଦାଶ, ସୁମନ୍ତ ବେହେରା, ସଞ୍ଜୀବ ତ୍ରିପାଠୀ, ଶେଖର ସିହ୍ନା, ହର ପ୍ରତାପ ଦାଶ, ହିଫଜୁଲ ରେହମାନ, ରାବଣ ଦହନ କମିଟି ସଭାପତି ଶ୍ରୀପତି ସାହୁ, ସମ୍ପାଦକ ସୁଧୀର ଘଡେଇ, କୋଷାଧକ୍ଷ ରିଙ୍କୁ ଦାଶ, ଖାଜା ମହମ୍ମଦ ପ୍ରମୁଖ ମତବ୍ୟକ୍ତ କରିଥିଲେ। କୈଳାସ ସାହୁ, ଦେବେନ ବେହେରା, ଚନ୍ଦ୍ରଶେଖର ବେହେରା, ଗୋପାଳ ମେହେର, ଗୁରିଆ ସୁନା, ଶିବ ସାହୁ, କିଶୋର ପ୍ରମୁଖ ଉପସ୍ଥିତ ଥିଲେ ।

## ଡକାୟତ ଗ୍ୟାଙ୍ଗ ସକ୍ରିୟ

ଟିଟିଲାଗଡ଼,୫।୧୦(ସନ୍ତୋଷ ପଟ୍ଟନାୟକ)

ଟିଟିଲାଗଡ଼ ଥାନା ଅଞ୍ଚଳରେ ଏକ ଡକାୟତ ଗ୍ୟାଙ୍ଗ ସକ୍ରିୟ ରହିଛି। ଟିଟିଲାଗଡ଼ ଥାନା ଅନ୍ତର୍ଗତ ବୁର୍ଡିପଡା ଗ୍ରାମର ମନିଷ ମାଝୀ ଗତ ୨ ତାରିଖ ରାତିରେ ଟିଟିଲାଗଡ଼ ସହରରୁ ନିଜ ଗ୍ରାମକୁ ଫେରୁଥିବା ବେଳେ ବାଟରେ ୬ ଜଣ ଡକାୟତଙ୍କ ହାବୁଡରେ ପଡିଥିଲେ। ସେମାନେ ପିସ୍ତଲ, ଭୁଜାଲି ଆଦି ମାରଣାସ୍ତ୍ରରେ ତାଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ହାତ ପାପୁଲି କାଟି ଦେବା ସହ ମାଡ଼ ମାରିଥିଲେ। ଏପରି କି ସିଗାରେଟ ଚେଙ୍କ ଦେଇ ଫେରାର ହୋଇ ଯାଇଥିଲେ। ଡକାୟତମାନେ କଳା ରଙ୍ଗର ଜ୍ୟାକେଟ, ହାତରେ ଗ୍ଲୋଭସ ଓ ସ୍ପୋର୍ଟ୍ସ ଜୋତା ପିନ୍ଧିଥିଲେ। କଟକିଆ ଭାଷାରେ କଥା ହେଉଥିଲେ । ଏ ନେଇ ମନୀଷ ଟିଟିଲାଗଡ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏହି ଡକାୟତ ଗ୍ୟାଙ୍ଗକୁ ନେଇ ଟିଟିଲାଗଡ଼ ଅଞ୍ଚଳରେ ଆଲୋଚନା ଜୋର ଧରିଛି । ବୁର୍ଡିପଡା ଗାଁକୁ ଯିବା ବେଳେ ଜଙ୍ଗଲିଆ ରାସ୍ତା ଦେଇ ଯିବାକୁ ପଡିଥାଏ।

# ଫ୍ଲାଏଆଶ୍ ବେଆଇନ ଡମ୍ପିଂକୁ ବିରୋଧ

## ଭାଜପା ପକ୍ଷରୁ ଗଣଧାରଣା

ସୁନ୍ଦରଗଡ଼,୫।୧୦
(ଜୟନାରାୟଣ ମେଣ୍ଡୁଲି)



ଭାଜପା ପକ୍ଷରୁ ଦର୍ଲିପାଲି ଯାଦୁଗର ଛକରେ ଗଣଧାରଣା ଦିଆଯାଇଛି।

ସୁନ୍ଦରଗଡ଼ ଦର୍ଲିପାଲି ଏନ୍‌ଟିପିସିରୁ ନିର୍ଗତ ବର୍ଜ୍ୟବସ୍ତୁ ଫ୍ଲାଏଆସ ଅବୈଧ ଭାବରେ ଜଙ୍ଗଲ ଜମି, ଚାଷ ଜମି ଓ ନଦୀନାଳଗୁଡିକରେ ପକାଯିବାକୁ ବିରୋଧ କରିଛି ଭାଜପା । ଏନେଇ ରବିବାର ଜିଲା ଭାଜପା ପକ୍ଷରୁ ଦର୍ଲିପାଲି ଯାଦୁଗର ଛକରେ ଗଣଧାରଣା ଦିଆଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଫଳରେ ଫ୍ଲାଏଆସ ପରିବହନ ଏକ ପ୍ରକାର ବନ୍ଦ ହୋଇଯାଇଛି। ଶହ ଶହ ଫ୍ଲାଏଆସ ବୋଝେଇ ଗାଡ଼ି ରାସ୍ତାରେ ଅଟକି ରହିଛି। ଜିଲା ଭାଜପା ସଭାପତି ଗିରିଶ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଗଣଧାରଣାରେ ବହୁ ସଂଖ୍ୟାରେ ଭାଜପା କର୍ମୀ ଓ ପ୍ରଭାବିତ ଗ୍ରାମବାସୀ ସାମିଲ ହୋଇଥିଲେ। ପ୍ରକାଶ ଯେ, ଏନଟିପିସି ପ୍ଲାଣ୍ଟରୁ ନିର୍ଗତ ବର୍ଜ୍ୟବସ୍ତୁ ତଥା ଫ୍ଲାଏଆସ ଡମ୍ପିଂ କେବଳ ପରିବେଶ ନୁହେଁ, ମାନବ ଜୀବନ ପାଇଁ ମଧ୍ୟ ବିପଦ ସୃଷ୍ଟି କରୁଛି ଯାହାକି ଜିଲାବାସୀଙ୍କ ପାଇଁ ମୁଣ୍ଡ ବ୍ୟଥା ସାଜିଛି। ଏହି ପାଉଁଶ ପରିବହନକାରୀମାନେ ବେନିୟମ ଭାବେ ରାତି ଅଧରେ ରାସ୍ତା କଡ଼ରେ, ଚାଷ ଜମିରେ, ନଦୀ କଡ଼ରେ ଓ ଏପରିକି ଜଙ୍ଗଲ ଜମିରେ ପକାଇ ଦେଉଥିବା ଦେଖିବାକୁ ମିଳିଛି। ଫ୍ଲାଏଆସରେ ଥିବା ବିଷାକ୍ତ ତତ୍ତ୍ୱ ମାଟି ଓ ପାଣିରେ ମିଶି ଚାଷ ଓ ଜଳ ସମ୍ପଦକୁ ଦୂଷିତ କରୁଛି। ଏନେଇ ଭାଜପା ଜିଲା ସଭାପତି ଗିରିଶ ଚନ୍ଦ୍ର ସାହୁ ଗତ ସେପ୍ଟେମ୍ବର ୨୨ରେ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇବାର ୧୦ଦିନ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବା ଭାଜପା ସଭାପତି ସାହୁ ଅଭିଯୋଗ କରିଛନ୍ତି। ଫଳରେ ରବିବାର ବାଧହୋଇ ଫ୍ଲାଏଆସ ପରିବହନକୁ ବନ୍ଦ କରି ଗଣଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ତେବେ ବିଭିନ୍ନ ଗ୍ରାମବାସୀଙ୍କ ସମେତ ଜିଲା ଭାଜପା ପକ୍ଷରୁ ଏହି ଅବୈଧ ଫ୍ଲାଏଆସ ଡମ୍ପିଂ ରୋକାଯିବା ସହ ଡମ୍ପିଂ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏନେଇ ଲେଫ୍ରିପଡ଼ା ତହସିଲଦାର ଇଜିୟସ କୁଲୁଙ୍କ ପ୍ରତିକ୍ରିୟା ନେବାରୁ କହିଥିଲେ, ଏହାର ଏକ ଏକ୍ସନ ପ୍ଲାନ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

GOVERNMENT OF ODISHA e-mail: eerw_sunabeda@yahoo.co.in
**OFFICE OF THE SUPERINTENDING ENGINEER, RURAL WORKS DIVISION, SUNABEDA**

No. O-934
Letter No. 3691

**e-Procurement Notice for Road Works**
**Identification No. Online Tender/05/RWD-SBD/2025-26**

Date: 26.09.2025

1. Name of the Work : Road Work, Lamtaput, Pottangi Block
2. Total Number of Works : 03 Nos. Works
3. Estimated Cost : 60.00 to 90.00 lakhs
4. Class of Contractor : "B" Class
5. Period of Completion : 02 Months
6. Other details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. S.E., .R.W. Division, Sunabeda | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division, Sunabeda | Online Tender/05/RWD-SBD/2025-26 | Date: 06.10.2025 at 11.00 A.M. | Date: 22.10.2025 upto 5.00 P.M. | Date: 20.10.2025 upto 5.00 P.M. | Date: 23.10.2025 at 11.00 A.M. | Will be intimated later |

Further details can be seen from the website: **www.tendersorissa.gov.in**.
OIPR-25059/11/0022/2526 Sd./- Superintending Engineer, Rural Works Division, Sunabeda

# ରାଜପୁତ କ୍ଷତ୍ରିୟ ସମାଜ ଗୃହର ଉଦ୍‌ଘାଟନ

ସୁନ୍ଦରଗଡ଼, ୫।୧୦
(ଜୟନାରାୟଣ ମେଣ୍ଡୁଲି)


ରାଜପୁତ କ୍ଷତ୍ରିୟ ସମାଜର କର୍ମକର୍ତ୍ତା ଓ ଅତିଥି।

ରାଜପୁତ କ୍ଷତ୍ରିୟ ସମାଜ ଗୃହ ରବିବାର ଉଦ୍‌ଘାଟିତ ହୋଇଯାଇଛି। ସଭାପତି ରାଜୁ ଠାକୁରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବେ ସଦର ବିଧାୟକ ଯୋଗେଶ କୁମାର ସିଂହ ଯୋଗଦେଇ ନବନିର୍ମିତ ଗୃହ ଉଦ୍‌ଘାଟନ କରିଥିଲେ। ଏହି ଗୃହ ନିର୍ମାଣ ପାଇଁ ପୂର୍ବର ବିଜେଡି ସରକାରଙ୍କ ସମୟରେ ଅନୁଦାନ ମିଳିଥିଲା। ଏହି ଗୃହକୁ ବୀର ସୁରେନ୍ଦ୍ର ସାଏଙ୍କ ନାମରେ ନାମିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସମାଜର ବୟୋଜ୍ୟେଷ୍ଠ ବ୍ୟକ୍ତି, ସାମାଜିକ କର୍ମୀ, ଯୁବକ ଓ ମହିଳା ମଣ୍ଡଳୀର ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ଗୃହ ସମାଜର ସଙ୍ଗଠନ, ସାମାଜିକ କାର୍ଯ୍ୟ, ଶିକ୍ଷା ଓ ସେବାମୂଳକ କାର୍ଯ୍ୟକ୍ରମ ପାଇଁ ଏକ କେନ୍ଦ୍ର ଭାବେ କାମ କରିବ ବୋଲି ଅତିଥିମାନେ ତାଙ୍କ ଅଭିଭାଷଣରେ କହିଥିଲେ। ସେହିପରି ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ଯୋଗେଶ ସିଂହ ମଧ୍ୟ ସମାଜ ଏକତା ସୂତ୍ରରେ ସମସ୍ତ ଜାତି ସମ୍ପ୍ରଦାୟର ଲୋକଙ୍କୁ ବାନ୍ଧି ରଖିବାର ପୌରାଣିକ ପରମ୍ପରା ରହିଛି ବୋଲି କହିଥିଲେ। ଅନ୍ୟାନ୍ୟ ଅତିଥିମାନେ ସମାଜର ଏକତା, ସଂସ୍କୃତି ସୁରକ୍ଷା ଓ ଯୁବପିଢ଼ିକୁ ସଚେତନ କରିବା ପାଇଁ ଏହି ପଦକ୍ଷେପକୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମର ଶେଷରେ ସାଂସ୍କୃତିକ ଅନୁଷ୍ଠାନ ଓ ମିଳନ ସଭା ଆୟୋଜିତ ହୋଇଥିଲା। ସମାଜର ପଦାଧିକାରୀମାନେ ଭବିଷ୍ୟତରେ ଏହି ଗୃହ ମାଧ୍ୟମରେ ଶିକ୍ଷା, ସହଯୋଗ ଓ ସାମାଜିକ ସମ୍ପ୍ରିତିକୁ ଆଗେଇ ନେବା ପ୍ରତିଶ୍ରୁତି ଦେଇଥଲେ।ଏହି କାର୍ଯ୍ୟକ୍ରମରେ ଆନନ୍ଦ ଠାକୁର, ଜିତୁ ଶେଖର ଦେଓ, ଅନିଲ ସିଂହଙ୍କ ସମେତ ସମସ୍ତ ରାଜପୁତ ପରିବାର ଯୋଗ ଦେଇଥିଲେ।

# ମା' ଦୁର୍ଗାଙ୍କ ଭସାଣି ଶୋଭାଯାତ୍ରା

ଲହୁଣୀପଡ଼ା, ୫।୧୦
(ଦାଶରଥି ପଣ୍ଡା)


ଲହୁଣୀପଡ଼ାରେ ମା' ଦୁର୍ଗାଙ୍କୁ ଭସାଣି ଶୋଭାଯାତ୍ରାରେ ନିଆଯାଉଛି।

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବସଷ୍ଟାଣ୍ଡଠାରେ ଅନୁଷ୍ଠିତ ଦୁର୍ଗାପୂଜାର ରବିବାର ମା'ଦୁର୍ଗାଙ୍କ ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଯାଇଛି। ରବିବାର ସନ୍ଧ୍ୟାରେ ବିଭିନ୍ନ ରଙ୍ଗୀନ ଆଲୋକମାଳାରେ ସାଜସଜ୍ଜା କରି ବାଦ୍ୟନୃତ୍ୟର ତାଳେ ତାଳେ ଶ୍ରଦ୍ଧାଳୁମାନେ ଭସାଣି ଶୋଭାଯାତ୍ରା କରିଥିବା ଦେଖିବାକୁ ମିଳିଥିଲା। ପୂଜା ମଣ୍ଡପଠାରୁ ଶୋଭାଯାତ୍ରାରେ ବାହାରି ମୁଖ୍ୟ ବଜାର ଓ ରାଜାମୁଣ୍ଡା ପରିକ୍ରମା କରି ବ୍ରାହ୍ମଣୀ ନଦୀରେ ବିସର୍ଜନ କରିଥିଲେ। ଚଳିତବର୍ଷ ଆଡମ୍ବର ସହକାରେ ଲହୁଣୀପଡ଼ା ବସଷ୍ଟାଣ୍ଡ ସ୍ଥିତ ଦୁର୍ଗା ମଣ୍ଡପଠାରେ ମା'ଦୁର୍ଗାଙ୍କର ପୂଜା ନୀତିକାନ୍ତି ଅନୁସାରେ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ଅତି ଆକର୍ଷଣୀୟ ତୋରଣ ସାଙ୍ଗକୁ ରଙ୍ଗୀନ ଆଲୋକମାଳାରେ ଲହୁଣୀପଡ଼ା ସଜେଇ ହୋଇଥିବା ଦେଖିବାକୁ ମିଳିଥିଲା। ଚଳିତବର୍ଷ ପଣ୍ଡିତ ଭାବେ ଗିରିଶ ପଣ୍ଡା, ଭୀଷ୍ମଦେବ ପଣ୍ଡା, ଧନେଶ୍ୱର ପଣ୍ଡା, ଶ୍ରୀମନ୍ତ ଅଧିକାରୀ ଦାୟିତ୍ୱ ତୁଲାଉଥିବାବେଳେ ଶମ୍ଭୁ ରାୟ କର୍ତ୍ତା ଦାୟିତ୍ୱ ତୁଲାଇଥିବା ଜଣାପଡିଛି। ପ୍ରମୋଦ ସା, ଗଣେଶ ଚୌଧୁରୀ, ମୁକେଶ ରାୟ, ରାକେଶ ସା, ଅରୁଣ ସିଂ, ଅମିତ ରାୟ, ବୁଲା ମାହାନ୍ତ, ବିକାଶ ସା, ବିକି ମାହାନ୍ତ, ସାଗର ନାଏକ, ସୁନୀଲ ମାହାତୋ, ମୁନା ସା ପ୍ରମୁଖ ଦୁର୍ଗାପୂଜା କମିଟି କର୍ମକର୍ତ୍ତାଙ୍କ ତତ୍ତ୍ୱାବଧାନରେ ଏହି ପୂଜା ହୋଇଥିଲା।

**OFFICE OF THE BHAWANIPATNA MUNICIPALITY, DIST.: KALAHANDI**

No. 2972/BPM Date: 03.10.2025

**TENDER CALL NOTICE**

No. C-1203: Sealed Tender Call Notice are invited from the **Authorised Supplier/Firm/Manufacturer/Agency** for supply of **50 pices of 80×2 Litre dual stand mounted plastic dustbins (Green & Blue) coloured** under Bhawanipatna Municipality.

The bidders should submit their tender in their **official letter head** as per the prescribed format (Annexure - II) and send it by **Registered Post/Speed Post** addressed to **The Executive Officer, Bhawanipatna Municipality, Bhawanipatna,** super scribing on the envelope *"Tender for Supply of Litter Bins"*. The tender paper must reach this office on or before **13.10.2025 by 1.00 P.M.** "The tender will be opened on the same day at 3.00 P.M. in the presence of the bidders or their authorized representatives".

**Terms & Conditions:**
1. The tender paper must be accompanied by the following documents:
   - Self-attested photocopy of valid **GST Registration Certificate**.
   - Self-attested photocopy of **PAN Card**.
   - **Paper Cost of Rs.4,000/-** (Non-refundable) in shape of Demand Draft in favour of **Executive Officer, Bhawanipatna Municipality**, payable at Bhawanipatna.
   - **Security Deposit of Rs.20,000/-** (refundable) in shape of Demand Draft in favour of **Executive Officer, Bhawanipatna Municipality**, payable at Bhawanipatna.
2. The bidders must also submit **brand details and illustrative design** of the item along with the **Technical Bid**.
3. Bidders must quote the product strictly as per the **specification provided in the NIT**.
4. The **quoted rate shall remain valid for one year**.
5. The selected agency must **supply and install all items within 07 (Seven) days** from the date of issue of the Supply Order.
6. The **quantity of items may vary** (increase or decrease upto 25%) at the time of placing the order.
7. The complete quotation document may be downloaded from the Municipality website: **www.bhawanipatnamunicipality.in** & Kalahandi District website **www.kalahandi.odisha.gov.in**.
8. The authority reserves the right to **accept or reject any or all quotations** and/or negotiate with more than one agency without assigning any reason thereof.
9. The bidder must supply/fulfil complete order, partial bid is not allowed.

OIPR-13100/11/0018/2526 Sd./- Executive Officer, Bhawanipatna Municipality

**ODISHA SCHOOL EDUCATION PROGRAMME AUTHORITY**
"SHIKSHA SOUDHA", UNIT-V, BHUBANESWAR-751001

**Notice Inviting RFP**

**No. 10773/Ped/25** **Date : 04/10/2025**

**Selection of Agency for Implementation of Reading Promotion Program for PM SHRI Schools (Grades 1-10)**

**No.n-** : Odisha School Education Programme Authority (OSEPA), under the administrative control of the School & Mass Education Department, Government of Odisha, invites sealed proposals from eligible bidders for the **implementation of a Reading Promotion Program across 462 PMSHRI Schools in the state for Grades 1 to 10** during the Financial Year 2025-26.

The objective of the program is to strengthen reading comprehension, fluency and literary engagement among students in Primary, Upper Primary and Secondary Grades, through structured interventions, capacity building of teachers and ongoing monitoring and evaluation. The RFP document will be available on the OSEPA website at **osepa.odisha.gov.in**. Bidders meeting the eligibility criteria as prescribed in the RFP can access and download the complete RFP and apply accordingly.

The major events under the bid process are:

| Sl. No. | List of Key Events | Critical Dates |
|---|---|---|
| 1 | Date of availability of RFP document in OSEPA website | 04/10/2025 |
| 2 | Last Date for Submission of Bid | By 5:00 PM of 24/10/2025 |
| 3 | Date of Opening of Technical Bid | At 11:00 AM of 27/10/2025 |
| 4 | Date of Opening of Financial Bid | Date will be communicated to the technically qualified bidder/s through e mail. |

The proposal complete in all respects must reach the undersigned by **Speed Post/ Registered Post/ Courier** only latest by **5:00 PM of 24/10/2025** in a sealed envelope super scribed as **"REQUEST FOR PROPOSAL - Selection of Agency for implementation of Reading Promotion Program in PM SHRI Schools (Grades 1-10)"**. The proposals received beyond the last date and time will be rejected. The Tender Inviting Authority i.e. OSEPA reserves the right to accept / reject any/all BIDS / cancel the entire selection process at any stage without assigning any reason thereof.

Address for Submission of Proposal:
**State Project Director,**
**Odisha School Education Programme Authority (OSEPA) "Shiksha Soudha", Unit-V, Bhubaneswar, Odisha-751001**

OIPR-27068/11/0073/2526 **Sd./- State Project Director**

**ମା' ରାମଚଣ୍ଡୀଙ୍କ କଳସ ଯାତ୍ରା**

ବେଲପାହାଡ଼,(ସୁବାସ ପ୍ରଧାନ): ଝାରସୁଗୁଡ଼ା ଜିଲା ବେଲପାହାଡ଼ କଦେଲପିଟାସ୍ଥିତ ମା' ରାମଚଣ୍ଡୀଙ୍କ ଦଶହରା ପୂର୍ଣ୍ଣିମା ଉତ୍ସବ ପାଇଁ କଳସ ଯାତ୍ରା ରବିବାର ଅନୁଷ୍ଠିତ ହୋଇଛି। ନିକଟସ୍ଥ ପୋଖରୀରୁ କଳସରେ ଜଳ ଆଣି ମନ୍ଦିରରେ ସ୍ଥାପନ କରାଯାଇଥିଲା। ସୋମବାର ସକାଳ ୮ଟାରେ ଚଣ୍ଡୀପାଠ ସହ ପୂଜାର୍ଚ୍ଚନା କରାଯିବ। ମଙ୍ଗଳବାର ପୂର୍ଣ୍ଣାହୁତି ସହ ପୂଜା ସମାପନ ହେବ। ପୂଜକ ଭାବରେ ଜୟ ପ୍ରକାଶ ମହାପାତ୍ର ଏବଂ ମୁକ୍ତେଶ୍ୱର ପ୍ରଧାନ ପୂଜାର୍ଚ୍ଚନା କରୁଛନ୍ତି। କଳସ ଯାତ୍ରା କାର୍ଯ୍ୟକ୍ରମରେ କଦେଲପିଟା ପୀଠର ସଭାପତି କ୍ଷୀରୋଦ ପ୍ରଧାନ, ସମ୍ପାଦକ ଜଗଦୀଶ ପ୍ରଧାନ, ରମେଶ ସା, କୋଷାଧକ୍ଷ ନିରାକାର ବଡ଼େଇ, ଟିକିନାଥ ବଡ଼େଇ, ରାଜେନ୍ଦ୍ର ଭୋଇ, ଖଗେଶ୍ୱର ପ୍ରଧାନଙ୍କ ସମେତ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

# ଧାନଗଛରେ ନଳୀପୋକ, ଚିନ୍ତାରେ ଚାଷୀ

■ ଫସଲ ନଷ୍ଟ ଆଶଙ୍କା

■ ଚାଷୀଙ୍କୁ ସଚେତନ କରାଯାଉ ନାହିଁ

ଝାରସୁଗୁଡ଼ା,୫।୧୦(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାରେ ଖରିଫ ଧାନ ଫସଲ ଅମଳ ହେବାକୁ ବସିଛି। ହେଲେ ଏବେ ଧାନଗଛରେ ନଳୀପୋକ ଲାଗିଥିବା ଦେଖିବାକୁ ମିଳିଛି। ଫଳରେ ଫସଲ ନଷ୍ଟ ହେବା ଆଶଙ୍କାରେ ଚାଷୀମାନେ ଚିନ୍ତିତ ହୋଇପଡିଛନ୍ତି। ଅପରପକ୍ଷେ ବର୍ଷା ଚାଷୀଙ୍କ ଉପରେ ଦାଉ ସାଧୁଛି।

ସୂଚନା ଅନୁଯାୟୀ, ଝାରସୁଗୁଡ଼ା ଏକ ଶିଳ୍ପ କୈନ୍ଦ୍ରିକ ଜିଲା ହୋଇଥିଲେ ମଧ୍ୟ ଲଖନପୁର, ଲଇକେରା, କିର୍ମିରା, କୋଲାବିରା, ଝାରସୁଗୁଡ଼ା ବ୍ଲକ ଅଞ୍ଚଳରେ ପ୍ରାୟ ୩୦ ପ୍ରତିଶତ ଲୋକ ଧାନଚାଷ ଉପରେ ନିର୍ଭରଶୀଳ। ଚାଷୀମାନେ ଖରିଫ ଧାନଚାଷ କରିଥିବାବେଳେ ଆସନ୍ତା ୧ ମାସ ମଧ୍ୟରେ ଅମଳ ପାଇଁ ଲକ୍ଷ୍ୟ ରଖିଛନ୍ତି। ହେଲେ ଏବେ ନଳୀପୋକ ଧାନକେଣ୍ଡାକୁ କାଟି ନଷ୍ଟ କରୁଥିବାରୁ ତାହା ଅପରିପକ୍ୱ ହୋଇଯାଉଛି। ନଳୀପୋକ କବଳରୁ ଫସଲକୁ ରକ୍ଷା କରିବା ପାଇଁ ଦୋକାନରୁ ଔଷଧ ଆଣି ସିଞ୍ଚନ କଲେ ମଧ୍ୟ ଅଧିକାଂଶ ସମୟରେ ବର୍ଷା ହେବାରୁ ତାହା କାମ କରୁ ନ ଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ଏନେଇ କନକତୋରା ଅଞ୍ଚଳର କନ୍ହେଇ ସାହୁ, ସଞ୍ଜୟ ମେହେର, ଦେହେରିପାଢର ଅନନ୍ତ ଦେହେରି, ବିଜାପାଲି ଗ୍ରାମର ଜଗମୋହନ ପ୍ରଧାନ କହିଛନ୍ତି, ଫସଲ ଅମଳ ସମୟରେ ନଳୀପୋକ ଚାଷୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। କୃଷି ବିଭାଗ ପକ୍ଷରୁ ଏକ ଯୋଜନା ରହିଛି, ଯେଉଁଥିରେ ଚାଷୀମାନେ ରୋଗ ବିଷୟରେ ସ୍ଥାନୀୟ କୃଷି ଅଧିକାରୀଙ୍କୁ ଜଣାଇବା ସହ ପରମିଟ୍ ଇସ୍ୟୁ କରି ଆଣି ରେଜିଷ୍ଟର କୀଟନାଶକ ଔଷଧ ଦୋକାନରେ ଦେବେ ଓ ଉନ୍ନତମାନର ଔଷଧ କିଣିବେ। ପରବର୍ତ୍ତୀ ସମୟରେ ଏ ବାବଦରେ ୧ ହେକ୍ଟର ପ୍ରତି ଉକ୍ତ ଚାଷୀଙ୍କ ଖାତାକୁ କୃଷି ବିଭାଗ ପକ୍ଷରୁ ୫୦୦ ଟଙ୍କା ସବ୍‌ସିଡି ରାଶି ପ୍ରଦାନ କରାଯିବ। କିନ୍ତୁ ଝାରସୁଗୁଡ଼ା ଜିଲାରେ କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ ଏହି ଯୋଜନା ବିଷୟରେ ସଚେତନ କରାଯାଉନାହିଁ। ସେହିପରି ଚାଷଜମିରୁ ନଳୀପୋକକୁ କିପରି ଦମନ କରାଯିବ ସେ ବିଷୟରେ ଜିଲା କୃଷି ବିଭାଗ ତରଫରୁ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ତୁରନ୍ତ ଜିଲା କୃଷି ବିଭାଗ ଜିଲାର ଚାଷୀଙ୍କୁ ସହାୟତା ପ୍ରଦାନ ପାଇଁ ଚାଷୀ ମହଲରେ ଦାବି ହେଉଛି। ଏନେଇ ଜିଲା କୃଷି ଅଧିକାରୀ ପ୍ରଦୀପ କୁମାର ନନ୍ଦଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ।



ଧାନଗଛରେ ଲାଗିଥିବା ନଳୀପୋକ।

## ୨୩ ଅଭିଯୋଗର ଶୁଣାଣି କଲେ ବିଧାୟକ

ଦେବଗଡ଼,୫।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟସ୍ଥିତ ବିଧାୟକଙ୍କ ନିଜସ୍ୱ କାର୍ଯ୍ୟାଳୟରେ ଜନ ଅଭିଯୋଗ ଶୁଣାଣି ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଯୋଗଦେଇ ଜନସାଧାରଣ ଆଣିଥିବା ୨୩ଟି ବ୍ୟକ୍ତିଗତ ଏବଂ ସାମୁହିକ ଅଭିଯୋଗ ଶୁଣିଥିଲେ। ବିଶେଷକରି ରାସ୍ତା ମରାମତି ଓ ନୂତନ ରାସ୍ତା ନିର୍ମାଣ, ସ୍ୱାସ୍ଥ୍ୟସେବା, ଉନ୍ନତିମୂଳକ କାର୍ଯ୍ୟ, ପାନୀୟଜଳ ଓ ଭତ୍ତା ସମ୍ବନ୍ଧୀୟ ଅଭିଯୋଗ ଆଗତ ହୋଇଥିଲା। ଏହାର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ଅଭିଯୋଗ ଆଣିଥିବା ଜନସାଧାରଣଙ୍କୁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ସେହିପରି କେତେକ ଅଭିଯୋଗ ପାଇବା ପରେ ବିଭାଗୀୟ ଅଧିକାରୀଙ୍କ ସହ ଫୋନ୍‌ରେ ଯୋଗାଯୋଗ କରି ସମସ୍ୟାର ତୁରନ୍ତ ସମାଧାନ ପାଇଁ ପରାମର୍ଶ ଦେଇଥିଲେ। ଉକ୍ତ ଅଭିଯୋଗ ଶୁଣାଣି ଶିବିର ମାଧ୍ୟମରେ ଲୋକଙ୍କ ସମସ୍ୟା ଜାଣି ସମାଧାନର ବାଟ ବାହାର କରାଯାଉଛି ବୋଲି ବିଧାୟକ କହିଛନ୍ତି।

## ହିର୍ମା, ତରେଇକେଲାରେ ବଏଲ ଯାତ୍ରା



ହିର୍ମା ଗ୍ରାମରେ ଆୟୋଜିତ କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ସହିତ ଅନ୍ୟମାନେ।

ଝାରସୁଗୁଡ଼ା,୫।୧୦(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସଦର ବ୍ଲକ ଅଧୀନ ହିର୍ମା ଓ ତରେଇକେଲା ଗ୍ରାମର ସମଲେଶ୍ୱରୀ ମନ୍ଦିରରେ ମା'ଙ୍କ ପ୍ରସିଦ୍ଧ ବଏଲ ଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ପ୍ରଥମେ ତରେଇକେଲା ଓ ପରେ ହିର୍ମାସ୍ଥିତ ସମଲେଶ୍ୱରୀ ମନ୍ଦିରରେ ମା'ଙ୍କ ଦର୍ଶନ କରିବା ସହ ବଏଲ ଯାତ୍ରାରେ ଯୋଗଦେଇଥିଲେ। ହିର୍ମା ଗ୍ରାମର ଅନିଲ ସାହୁ, ଭୋଜରାଜ ସାହୁ, ଦିଲୀପ ବଡ଼େଇ, ରାଧେଶ୍ୟାମ ସାହୁ, ଅନିଲ କିଷାନ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ଯାତ୍ରାରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ମା'ଙ୍କ ଦର୍ଶନ କରିଥିଲେ।

## ସଂକ୍ଷେପରେ

### ଠିକାଦାରଙ୍କ ଗାଡ଼ି ପୋଡିଦେଲେ ଦୁର୍ବୃତ୍ତ

ବ୍ରଜରାଜନଗର, ୫।୧୦ (ବିଜୟ ବରାଡ଼)

ବ୍ରଜରାଜନଗର ଥାନା ଗାନ୍ଧୀଛକ ଫାଣ୍ଡି ଅନ୍ତର୍ଗତ ଲୋଇସିଂ ଗ୍ରାମର ଠିକାଦାର ସୁମିତ୍ ପଟେଲଙ୍କ ଗାଡିକୁ ଶନିବାର ରାତିରେ କେହି ଦୁର୍ବୃତ୍ତ ପୋଡ଼ି ଦେଇଛନ୍ତି। ଏନେଇ ସେ ଫାଣ୍ଡିରେ ଅଭିଯୋଗ କରିବା ପରେ ଫାଣ୍ଡି ଅଧିକାରୀ ମଦନ ନାୟକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ସୁମିତ୍‌ଙ୍କ କହିବା ଅନୁଯାୟୀ, ତାଙ୍କ ମହିନ୍ଦ୍ରା ଏସ୍‌ୟୁଭି ୫୦୦ ଗାଡ଼ିଟି ଘର ପାଖ ପାର୍କିଂରେ ରହିଥିଲା। ହେଲେ କେହି ଦୁର୍ବୃତ୍ତ ଗାଡ଼ିରେ ନିଆଁ ଲଗାଇ ଦେଇଛନ୍ତି। ନିଆଁ ଲଗାଇବାର କାରଣ ଜଣାପଡି ନ ଥିବାବେଳେ ବ୍ୟକ୍ତିଗତ ଶତ୍ରୁତାରୁ ଏଭଳି ହୋଇଥିବା ଅନୁମାନ କରାଯାଉଛି।

### ପ୍ରେସର ମେଶିନରେ ଚାପିହୋଇ ଶ୍ରମିକଙ୍କ ମୃତ୍ୟୁ ଘଟଣା: ମାଲିକ କୋର୍ଟ ଚାଲାଣ

ଝାରସୁଗୁଡ଼ା,୫।୧୦(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସଦର ଥାନା ଅନ୍ତର୍ଗତ ବାଇପାସ୍ ରାସ୍ତା ନିକଟ ଏକ ଗ୍ୟାରେଜରେ ଥିବା ପ୍ରେସର ମେଶିନରେ ଚାପିହୋଇ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଗ୍ୟାରେଜ ମାଲିକ ସଦର ଥାନା ଅଧୀନ ମାଲିପଡା ଗ୍ରାମର ଗୁଲ୍‌ସନ ଗିରିଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ଗତ ସେପ୍ଟେମ୍ବର ୧୧ରେ ଅନୁଗୋଳ ଜିଲା ଚାଟିମାଲ ଗ୍ରାମର ଜିପୁନ ସାହୁ(୨୮) ଉକ୍ତ ଗ୍ୟାରେଜରେ ଶ୍ରମିକ ଭାବେ କାମ କରୁଥିଲେ। ଏହି ସମୟରେ ସେ ପ୍ରେସର ମେଶିନ ତଳେ ଚାପି ହୋଇଯାଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ନିକଟସ୍ଥ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା।

# ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ




ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

ଝାରସୁଗୁଡ଼ା,୫।୧୦(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସହରସ୍ଥିତ ଏକ ହୋଟେଲ ସଭାଗୃହରେ କୋଶଲ ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କୋଶଳବାଦୀ ନେତା ତଥା ଝାରସୁଗୁଡ଼ା ଜିଲା ଓକିଲ ସଂଘର ପୂର୍ବତନ ସଭାପତି ନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ସୀତାରାମ ବିର୍ତ୍ତିଆ, ମୁଖ୍ୟବକ୍ତା ଭାବେ କୋଶଲ ରାଜ୍ୟ ସମନ୍ୱୟ ସମିତି କେନ୍ଦ୍ରୀୟ କମିଟିର ମୁଖ୍ୟ ସଂଯୋଜକ ପ୍ରଶାନ୍ତ ମାଝୀ ଯୋଗଦେଇ କୋଶଲ ରାଜ୍ୟର ଆବଶ୍ୟକତାକୁ ନେଇ ମତବ୍ୟକ୍ତ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଝାରସୁଗୁଡ଼ା ବାର୍ ଆସୋସିଏଶନ ସଭାପତି ତ୍ରିନାଥ ଗୋଆଲ, ପୂର୍ବତନ ସଭାପତି ସିଆରାମ ଦାସ, ସାମାଜିକ କର୍ମୀ ବିରଞ୍ଚି ସାହୁ, ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ତ୍ରିପାଠୀ, ପରିବେଶବିତ୍ ସତ୍ୟନାରାୟଣ ରାଓ, ବର୍ଷୀୟାନ କୋଶଳବାଦୀ ସଙ୍ଗଠକ ଭାଗବତ ସା, ସାବରମଲ ଅଗ୍ରୱାଲ, ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ପ୍ରଧାନ, ନାରୀନେତ୍ରୀ ସଂଯୁକ୍ତା ମାଝୀ, ଅମିତା ନାଏକ, ଆରତୀ ଚୌଧୁରୀ, ଲକ୍ଷେଘର ସମାଜ ସଭାପତି ପ୍ରେମ୍ ସାଗର, ଯୁବ ସଙ୍ଗଠକ ଗଙ୍ଗାଧର କଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଯୁବ ସଙ୍ଗଠକ, କଳାକାର, ସାମାଜିକ କର୍ମୀଙ୍କ ସମେତ କୋଶଲ ସଙ୍ଗଠନର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୃଷକ ନେତା ସୁରେନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମନ୍ୱୟ ସମିତିର ଝାରସୁଗୁଡ଼ା ସହର ସଭାପତି ନୋବଲ ଶର୍ମା, ବ୍ରଜରାଜନଗର ସହର ସଭାପତି ନାରାୟଣ ଅଗ୍ରୱାଲ, ଲଖନପୁର ଆବାହକ ଭୋନାଥ ବଡେଇ, ବନମାଳୀ ବିଶ୍ୱାଳ, କୋଶଲ ସେନା କେନ୍ଦ୍ରୀୟ କମିଟି ଉପସଭାପତି ଗଣେଶ ମଟାରି, କୋଶଲ ସେନା ଜିଲା ସଭାପତି ଆକାଶ କଲେଓ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। କୋଶଲ ରାଜ୍ୟ ସମନ୍ୱୟ ସମିତି ଜିଲା ସଭାପତି ଗୌରୀ ଶଙ୍କର ତନ୍ତି ଧନ୍ୟବାଦ ଦେଇଥିଲେ।

## ଟ୍ରକ ଧକ୍କାରେ ଯୁବକଙ୍କ ମୃତ୍ୟୁ

ସମ୍ବଲପୁର,୫।୧୦(ପ୍ରମୋଦ ବହିଦାର)

ସମ୍ବଲପୁର ବରେଇପାଲି ଥାନା ରେମେଡ଼ ଟ୍ରାଫିକ ଛକରେ ଟ୍ରକ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଗୋପାଳପାଲିରେ ରହୁଥିବା ଅକ୍ଷୟ ସ୍ୱାଇଁ(୫୨)। ସେ କ୍ଷେତରାଜପୁରର ଜଣେ ବ୍ୟବସାୟୀଙ୍କ ଗାଡ଼ି ଚଳାଉଥିଲେ। ରବିବାର ପୂର୍ବାହ୍ନରେ ସେ ରେମେଡ ଛକ ନିକଟରେ ରାସ୍ତା ପାର ହେବା ବେଳେ ଏକ ମାଲ ବୋଝେଇ ଟ୍ରକ(ଏଚଆର୍-୫୬-ସି-୦୮୭୬) ତାଙ୍କୁ ଧକ୍କା ଦେଇଥିଲା। ତାଙ୍କ ଗୋଡ଼ ଉପରେ ଟ୍ରକ ଚଢ଼ି ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଭିମସାରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଚାଳକ ଫେରାର ହୋଇଯାଇଛନ୍ତି। ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ ଓ ଟ୍ରକକୁ ଜବତ କରିଛି।

GOVERNMENT OF ODISHA e-mail: eerw_sunabeda@yahoo.co.in

**OFFICE OF THE SUPERINTENDING ENGINEER, RURAL WORKS DIVISION, SUNABEDA**

No. O-934
Letter No. 3691

**e-Procurement Notice for Road Works**
**Identification No. Online Tender/05/RWD-SBD/2025-26**

Date: 26.09.2025

1. Name of the Work : Road Work, Lamtaput, Pottangi Block
2. Total Number of Works : 03 Nos. Works
3. Estimated Cost : 60.00 to 90.00 lakhs
4. Class of Contractor : "B" Class
5. Period of Completion : 02 Months
6. Other details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. S.E., .R.W. Division, Sunabeda | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division, Sunabeda | Online Tender/05/RWD-SBD/2025-26 | Date: 06.10.2025 at 11.00 A.M. | Date: 22.10.2025 upto 5.00 P.M. | Date: 20.10.2025 upto 5.00 P.M. | Date: 23.10.2025 at 11.00 A.M. | Will be intimated later |

Further details can be seen from the website: **www.tendersorissa.gov.in**.

OIPR-25059/11/0022/2526 Sd./- Superintending Engineer, Rural Works Division, Sunabeda

# ରାଜ୍ୟସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପିତ

ଦେବଗଡ଼,୫।୧୦(ଶଶାଙ୍କ ଶେଖର ଝାଙ୍କର)

ଦୁର୍ଗାପୂଜାର ରୌପ୍ୟ ଜୟନ୍ତୀ ଉପଲକ୍ଷେ ବଳମ ଜାଗୃତି କ୍ଲବ୍ ଦୁର୍ଗାପୂଜା କମିଟି ପକ୍ଷରୁ ବଳମ ଆଦର୍ଶ ଖେଳପଡିଆଠାରେ ଗତ ୩୦ ତାରିଖରୁ ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ବଳମ ରାଜାବଗିଚା ନିଖିଲ ଏକାଦଶ ଫୁଟ୍‌ବଲ ଟିମ୍‌କୁ ୨-୦ ଗୋଲରେ ପରାସ୍ତ କରି ସମ୍ବଲପୁରର ଖୁଲିଆ ଫୁଟ୍‌ବଲ କ୍ଲବ୍ ଚାମ୍ପିୟନ ହୋଇଛି । ଫାଇନାଲ ମ୍ୟାଚ୍‌କୁ ରେଫରି ଭାବେ ପରେଶ ଭୋଇ, ପରେଶ ପ୍ରଧାନ, ବିଜୟ ଓରାମ, ଦେବାନନ୍ଦ ମିର୍ଦ୍ଧା ଓ ସରୋଜ ଗଡନାୟକ ପରିଚାଳନା କରିଥିବାବେଳେ ଭାଷ୍ୟକାର ଫକୀର ମୋହନ ଦଳବେହେରା ଧାରା ବିବରଣୀ ଦେଇଥିଲେ। ଜାଗୃତି କ୍ଲବ୍ ଦୁର୍ଗାପୂଜା କମିଟି ସଭାପତି ରଞ୍ଜିତ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ବଳମ ସରପଞ୍ଚ ଅମୃତି ନାଏକ ଓ ସମିତି ସଭ୍ୟା ମାମି ବେହେରା ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୩୦ ହଜାର ୧ ଟଙ୍କା ଓ ରନର ଅପ୍ ଟିମ୍‌କୁ ଟ୍ରଫି ସହ ୨୦ ହଜାର ୧ ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। କମିଟି ସମ୍ପାଦକ ସଞ୍ଜୀବ କୁମାର ଶତପଥୀ ଧନ୍ୟବାଦ ଦେଇଥିଲେ। ପ୍ରତିଯୋଗିତା ଆୟୋଜନରେ ପାଣ୍ଡବ ବେହେରା, ଜଗମୋହନ ଜୟସ୍ୱାଲ ଓ ଶ୍ରୀଧର ଦୀପ ପ୍ରମୁଖ ସହଯୋଗ କରିଥିଲେ ।

# ଓମ୍‌ସାଇ ଫୁଟ୍‌ବଲ କ୍ଲବ୍ ଚାମ୍ପିୟନ




କାର୍ଯ୍ୟକ୍ରମରେ ଚାମ୍ପିୟନ ଟିମ୍‌ର ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

■ ମା' କଳାପାଟ ରାଜ୍ୟସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପିତ

ଦେବଗଡ଼,୫।୧୦ (ଶଶାଙ୍କ ଶେଖର ଝାଙ୍କର)

ବାରକୋଟ ବ୍ଲକ ବସାଇଲ ଗ୍ରାମପଞ୍ଚାୟତ ଅଧୀନ କୁଣ୍ଡାପିଠାସ୍ଥିତ ବାମଣ୍ଡା ଅଗ୍ରଗତି କ୍ଲବ୍ ଆନୁକୂଲ୍ୟରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ମା' କଳାପାଟ ରାଜ୍ୟସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୋଟ ୭ଟି ଟିମ୍ ଭାଗ ନେଇଥିଲା। ଫାଇନାଲ ମ୍ୟାଚ୍‌ରେ ସମ୍ବଲପୁରର ବାପୁଜୀ କ୍ଲବ୍‌କୁ ୨-୧ ଗୋଲରେ ପରାସ୍ତ କରି କଲାର ଓମ୍‌ସାଇ ଫୁଟ୍‌ବଲ କ୍ଲବ୍ ଚାମ୍ପିୟନ ହୋଇଛି। ରେଫରି ଅରୁଣ କୁମାର ଭୋଇ, ଶଶିକାନ୍ତ ଦାଶିଆ, ରୋଶନ କାଲୋ, ଅଶ୍ୱିନୀ ନାଏକ ଓ ପଞ୍ଚାନନ ପାତ୍ର ମ୍ୟାଚ୍ ପରିଚାଳନା କରିଥିଲେ। ବାମଣ୍ଡା ଅଗ୍ରଗତି କ୍ଲବ୍ ସଭାପତି ଶୁଭ୍ରଜ୍ୟୋତି ସାହୁଙ୍କ ସଭାପତିତ୍ୱ ଓ ବରିଷ୍ଠ ସଦସ୍ୟ ଛବିଳ ସାମଲଙ୍କ ପରିଚାଳନାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ବରେଣ୍ୟ ଅତିଥି ବସାଲଇ ସରପଞ୍ଚ ତେଜସ୍ୱିନୀ ସାହୁ, ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ଧୀରେନ୍ଦ୍ର ନାୟକ ଓ ହୀରାଲାଲ ସାହୁ ଯୋଗଦେଇଥିଲେ। ଏଥିରେ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହିତ ୬୦ ହଜାର ଟଙ୍କା ଓ ରନର ଅପ୍ ଟିମ୍‌କୁ ଟ୍ରଫି ସହିତ ୫୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। କ୍ଲବ୍‌ର ବରିଷ୍ଠ ସଦସ୍ୟ ଯଶୋବନ୍ତ ପ୍ରଧାନ ଧନ୍ୟବାଦ ଦେଇଥିଲେ। ପ୍ରତିଯୋଗିତା ଆୟୋଜନରେ କ୍ଲବ୍ ସଦସ୍ୟ ବିଭୂତି ଭୂଷଣ ପ୍ରଧାନ, ଯଶୋବନ୍ତ ସାହୁ, ଜିଲୁ ଗଡନାୟକ, ଟିକିଲାଲ ସ୍ୱାଇଁ, କେଦାର ମୁଣ୍ଡା, ପପୁନ ପ୍ରଧାନ ଓ ସୁମନ ଗଡ଼ନାୟକ ସହଯୋଗ କରିଥିଲେ।

**OFFICE OF THE BHAWANIPATNA MUNICIPALITY, DIST.: KALAHANDI**

No. 2972/BPM Date: 03.10.2025

**TENDER CALL NOTICE**

No. C-1203: Sealed Tender Call Notice are invited from the **Authorised Supplier/Firm/Manufacturer/Agency** for supply of **50 pices of 80×2 Litre dual stand mounted plastic dustbins (Green & Blue) coloured** under Bhawanipatna Municipality.

The bidders should submit their tender in their **official letter head** as per the prescribed format (Annexure - II) and send it by **Registered Post/Speed Post** addressed to **The Executive Officer, Bhawanipatna Municipality, Bhawanipatna,** super scribing on the envelope *"Tender for Supply of Litter Bins"*. The tender paper must reach this office on or before **13.10.2025 by 1.00 P.M.** "The tender will be opened on the same day at 3.00 P.M. in the presence of the bidders or their authorized representatives".

**Terms & Conditions:**

1. The tender paper must be accompanied by the following documents:
   - Self-attested photocopy of valid **GST Registration Certificate**.
   - Self-attested photocopy of **PAN Card**.
   - **Paper Cost of Rs.4,000/-** (Non-refundable) in shape of Demand Draft in favour of **Executive Officer, Bhawanipatna Municipality**, payable at Bhawanipatna.
   - **Security Deposit of Rs.20,000/-** (refundable) in shape of Demand Draft in favour of **Executive Officer, Bhawanipatna Municipality**, payable at Bhawanipatna.
2. The bidders must also submit **brand details and illustrative design** of the item along with the **Technical Bid**.
3. Bidders must quote the product strictly as per the **specification provided in the NIT**.
4. The **quoted rate shall remain valid for one year**.
5. The selected agency must **supply and install all items within 07 (Seven) days** from the date of issue of the Supply Order.
6. The **quantity of items may vary** (increase or decrease upto 25%) at the time of placing the order.
7. The complete quotation document may be downloaded from the Municipality website: **www.bhawanipatnamunicipality.in** & Kalahandi District website **www.kalahandi.odisha.gov.in**.
8. The authority reserves the right to **accept or reject any or all quotations** and/or negotiate with more than one agency without assigning any reason thereof.
9. The bidder must supply/fulfil complete order, partial bid is not allowed.

Sd./- Executive Officer
Bhawanipatna Municipality

OIPR-13100/11/0018/2526

**ODISHA SCHOOL EDUCATION PROGRAMME AUTHORITY**

**"SHIKSHA SOUDHA", UNIT-V, BHUBANESWAR-751001**

**Notice Inviting RFP**

No. 10773/Ped/25 Date : 04/10/2025

**Selection of Agency for Implementation of Reading Promotion Program for PM SHRI Schools (Grades 1-10)**

**No.n-** : Odisha School Education Programme Authority (OSEPA), under the administrative control of the School & Mass Education Department, Government of Odisha, invites sealed proposals from eligible bidders for the **implementation of a Reading Promotion Program across 462 PMSHRI Schools in the state for Grades 1 to 10** during the Financial Year 2025-26.

The objective of the program is to strengthen reading comprehension, fluency and literary engagement among students in Primary, Upper Primary and Secondary Grades, through structured interventions, capacity building of teachers and ongoing monitoring and evaluation. The RFP document will be available on the OSEPA website at **osepa.odisha.gov.in**. Bidders meeting the eligibility criteria as prescribed in the RFP can access and download the complete RFP and apply accordingly.

The major events under the bid process are:

| Sl. No. | List of Key Events | Critical Dates |
|---|---|---|
| 1 | Date of availability of RFP document in OSEPA website | 04/10/2025 |
| 2 | Last Date for Submission of Bid | By 5:00 PM of 24/10/2025 |
| 3 | Date of Opening of Technical Bid | At 11:00 AM of 27/10/2025 |
| 4 | Date of Opening of Financial Bid | Date will be communicated to the technically qualified bidder/s through e mail. |

The proposal complete in all respects must reach the undersigned by **Speed Post/ Registered Post/ Courier** only latest by **5:00 PM of 24/10/2025** in a sealed envelope super scribed as **"REQUEST FOR PROPOSAL - Selection of Agency for implementation of Reading Promotion Program in PM SHRI Schools (Grades 1-10)".** The proposals received beyond the last date and time will be rejected. The Tender Inviting Authority i.e. OSEPA reserves the right to accept / reject any/all BIDS / cancel the entire selection process at any stage without assigning any reason thereof

Address for Submission of Proposal:

**State Project Director,**
**Odisha School Education Programme Authority (OSEPA) "Shiksha Soudha", Unit-V, Bhubaneswar, Odisha-751001**

OIPR-27068/11/0073/2526 Sd./- State Project Director

**ସୁନାବେଡ଼ା ଘାଟିରେ ଓଲଟିଲା ପିକଅପ**

ନୂଆପଡା,(ମକାରୁ ବେମାଲ): କୋମନା ବ୍ଲକ ସୁନାବେଡ଼ା ଅଭୟାରଣ୍ୟ ଜାମଗାଁ ଘାଟିରେ ଭାରସାମ୍ୟ ହରାଇ ରବିବାର ଏକ ପିକଅପ ଭ୍ୟାନ ଓଲଟି ପଡ଼ିଛି। ଏଥିରେ ୩ ଜଣ ଆହତ ହୋଇଛନ୍ତି। କୋମନା ବ୍ଲକ ଲର୍କି ଗାଁର ୨୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଏକ ପିକଅପରେ ମାଁ ସୁନାଦେଇଙ୍କ ମନ୍ଦିରକୁ ଦର୍ଶନ ପାଇଁ ଯାଉଥିଲେ। ଜାମଗାଁ ଘାଟି ରାସ୍ତାରେ ଗାଡ଼ିଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ତିନି ଜଣ ଆହତମାନଙ୍କୁ ଉଦ୍ଧାର କରି କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଥିଲା। ସେଠାରେ ସମସ୍ତେ ଘରକୁ ଯାଇଛନ୍ତି।

# ବାହାରେ ଚକାଚକ୍, ଭିତରେ ଅଳିଆ

**ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ**

**ଅସ୍ୱାସ୍ଥ୍ୟକର ପରିବେଶରେ ରୋଗୀ, ସମ୍ପର୍କୀୟ**

ନୂଆପଡ଼ା,୫।୧୦(ମକାରୁ ବେମାଲ)

ନୂଆପଡ଼ାକୁ ଏକକ ବ୍ୟବହାର ପ୍ଲାଷ୍ଟିକ ମୁକ୍ତ ଜିଲା ଗଠନ କରି ଭାରତରେ ଏକ ନମ୍ବର କରିବା ପାଇଁ ଜିଲା ପ୍ରଶାସନ ପ୍ରୟାସ ଜାରି ରଖିଛନ୍ତି। ପ୍ରତ୍ୟେକ ସୋମବାର ଗୋଟିଏ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ଏକକ ବ୍ୟବହାର ପ୍ଲାଷ୍ଟିକମୁକ୍ତ ଉପରେ ଜନସାଧାରଣଙ୍କୁ ସଚେତନ କରୁଛନ୍ତି ଓ ପ୍ରତ୍ୟେକ ଶନିବାର କିମ୍ବା ପାଳନୀୟ ଦିବସରେ ସ୍ୱଚ୍ଛତା ଅଭିଯାନ କରି ଅଳିଆ ଆବର୍ଜନା ସଫା ସୁତୁରା କରିବାରେ ଅଧିକାରୀ, କର୍ମଚାରୀଠାରୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ, ଯୁବ ଅନୁଷ୍ଠାନ ଓ ପ୍ରତ୍ୟେକ ବିଦ୍ୟାଳୟର ଛାତ୍ରୀଛାତ୍ର ନିୟୋଜିତ ରହୁଛନ୍ତି। ହେଲ ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟତିକ୍ରମ ଦେଖାଦେଇଛି। ସାତ ମହଲା ବିଶିଷ୍ଟ ଜିଲା ମୁଖ୍ୟ ଚିକିତ୍ସାଳୟ ବାହାରେ ଚକାଚକ୍ ଦିଶୁଥିବା ବେଳେ ଭିତରେ ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ରହିଛି।

ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ମା' ଓ ଶିଶୁ ବିଭାଗରେ ବହୁତ ଅବ୍ୟବସ୍ଥା ଦେଖାଦେଇଛି। ଶୌଚାଳୟ ଓ ୱାର୍ଡଗୁଡ଼ିକ ନିୟମିତ ସଫା କରା ଯାଉ ନ ଥିବାରୁ ଦୁର୍ଗନ୍ଧରେ ଫାଟି ପଡୁଛି। ଫଳରେ ରୋଗୀ ଓ ସମ୍ପର୍କୀୟମାନେ ଅଣନିଃଶ୍ୱାସୀ ହେଉଛନ୍ତି। ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଇଲେ ମଧ୍ୟ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ କରିଛନ୍ତି। ସଫେଇ କର୍ମଚାରୀମାନେ ରୋଗୀ ୱାର୍ଡଗୁଡ଼ିକୁ ଫିନାଇଲ ବଦଳରେ ପାଣି ଛିଞ୍ଚି ନାମକୁ ମାତ୍ର ସଫେଇ କରି ଚାଲିଯାଉଛନ୍ତି। ଶୌଚାଳୟ ବା ଅନ୍ୟସ୍ଥାନଗୁଡ଼ିକୁ ଭଲରେ ସଫା କରୁ ନାହାନ୍ତି । ଡଷ୍ଟବିନଗୁଡ଼ିକରେ ଭଲ ଭାବରେ ପଲିଥିନ ଲାଗୁ ନ ଥିବାରୁ ଅଳିଆ ଆବର୍ଜନା ସେଠାରେ ପଡ଼ି ରହୁଛି। ନିୟମିତ ଭାବରେ ସଫା ସୁତୁରା ହେଉ ନ ଥିବାରୁ ଆବର୍ଜନା ପଚିଶଢ଼ି ଦୁର୍ଗନ୍ଧ ହେଉଛି। ଅନେକ ସମୟରେ ତଦାରଖ ଅଭାବରୁ ରୋଗୀ ଓ ସମ୍ପର୍କୀୟମାନେ ଭଲ ଭାବରେ ସଫା ନ କରି ଶୌଚାଳୟରୁ ବାହାରି ଆସୁଛନ୍ତି, ଯାହାକୁ



ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ।

ଅନ୍ୟ ରୋଗୀ ବା ସମ୍ପର୍କୀୟମାନେ ବ୍ୟବହାର କରିପାରୁ ନାହାନ୍ତି। ସେହିଭଳି ମା' ଓ ଶିଶୁ ବିଭାଗର ଶୌଚାଳୟଗୁଡ଼ିକ ମଧ୍ୟ ବହୁ କଦର୍ଯ୍ୟ ଅବସ୍ଥାରେ ପଡ଼ିଛି। ଗର୍ଭବତୀ ଓ ପ୍ରସୂତାମାନେ ଶୌଚ ପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାଣିର ସୁବିଧା ଥିଲେ ମଧ୍ୟ ରୋଗୀ ଓ ସମ୍ପର୍କୀୟମାନେ ସଫା ନ କରି ପଳାଇ ଆସୁଛନ୍ତି। ଅପରିଷ୍କାର ଶୌଚାଳୟରେ ଶୌଚ କରି ଅନ୍ୟମାନେ ସଂକ୍ରମିତ ହେଉଛନ୍ତି। ହସ୍ପିଟାଲ ଡ୍ରେନ୍‌ରେ ଅଳିଆ ଆବର୍ଜନା ଭର୍ତ୍ତି ହୋଇ ରହିଥିବାରୁ ମଶା ମାଛି ବଂଶ ବୃଦ୍ଧି ହୋଇ ସଂକ୍ରମଣକୁ ଆମନ୍ତ୍ରଣ କରୁଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରତିଦିନ ଜିଲା ତଥା ଜିଲା ବାହାରୁ ହଜାର ହଜାର ରୋଗୀ ଆସୁଛନ୍ତି। ଚିକିତ୍ସାଳୟ ପରିସର ଅପରିଷ୍କାର ଅପରିଚ୍ଛନ୍ନତା ରହୁଥିବାରୁ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ୮ଟି ଲିଫ୍ଟ ରହିଥିବା ବେଳେ ୫ଟି ସମ୍ପୂର୍ଣ୍ଣ ଅଚଳ ହୋଇ ପଡ଼ିଛି। ଫଳରେ କାର୍ଯ୍ୟକ୍ଷମ ରହିଥିବା ୩ଟି ଲିଫ୍ଟରେ ରୋଗୀ ଠିକ ସମୟରେ ଠିକଣା ସ୍ଥାନକୁ ପହଞ୍ଚି ପାରୁ ନାହାନ୍ତି । ଏହା ଉପରେ ତଦନ୍ତ କରିବା ପାଇଁ ସାଧାରଣରେ ଦାବି ହୋଇଛି । ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଧନେଶ୍ୱର ସେଠୀଙ୍କୁ ପଚାରିବାରୁ ପ୍ରତ୍ୟେକ ଦିନ ସଫା କରାଯାଉଛି। ସଫେଇ ଓ ଲିଫ୍ଟ ପାଇଁ ଏଜେନ୍ସିଙ୍କୁ ଦିଆଯାଇଛି । ଏହାର ତଦାରଖ ପାଇଁ ହସ୍ପିଟାଲ ମ୍ୟାନେଜର ଓ ସୁପରଭାଇଜର ରହିଛନ୍ତି। ସେମାନେ ପ୍ରତିଦିନ ଯାଇ ତଦାରଖ କରୁଛନ୍ତି। କେଉଁଠି ଛାଡ଼ି ହୋଇଯାଇଥିବ ବୋଲି ସେଠୀ କହିଥିଲେ । ଜିଲାପାଳ ମଧୁସୂଦନ ଦାଶଙ୍କୁ ପଚାରିବାରୁ ଏହା ଉପରେ ତଦନ୍ତ କରାଯିବ। କାର୍ଯ୍ୟରେ ଯିଏ ଅବହେଳା କରୁଛି ତା' ଉପରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ସମସ୍ୟା ସମାଧାନ ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବିପତ୍ର


ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଖଡ଼ିଆଲ,୫।୧୦(ସୁଜିତ କୁମାର ପ୍ରଧାନ)

ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ମନ୍ତ୍ରୀ ମୁକେଶ ମହାଲିଙ୍ଗ ରବିବାର ଦିନିକିଆ ନୂଆପଡ଼ା ଗସ୍ତ କରିଥିଲେ। ଏହି ଗସ୍ତ ସମୟରେ ଖଡ଼ିଆଳରେ ମନ୍ତ୍ରୀ ମହାଲିଙ୍ଗଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜିଲା ସଭାପତି ଓବିସି ମୋର୍ଚ୍ଚା ଅଜିତ କିଶୋର ଚଲାନ ଖଡ଼ିଆଳର ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ବ୍ଲଡ ବ୍ୟାଙ୍କ ସ୍ଥାପନ, ମହିଳା ପ୍ରସୂତି ଡାକ୍ତର ନିଯୁକ୍ତି, ସ୍ଥାୟୀ ଚିକିତ୍ସା ଅଧିକାରୀ ନିଯୁକ୍ତି ଓ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ସମସ୍ୟା ନେଇ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ସମୟରେ ଖଡ଼ିଆଳର ପୂର୍ବତନ ବିଧାୟକ ହିତେଶ ବଗର୍ତ୍ତୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିବପ୍ରସାଦ ମୁଣ୍ଡ, ମଣ୍ଡଳ ସଭାପତି ଯୁଧିଷ୍ଠିର ହଂସ, ସୁଶାନ୍ତ ବିଶି, ରତ୍ନାକର ହଂସ, ଜୟରାମ କୈବର୍ତ୍ତ, ବରିଷ୍ଠ ନେତା ସଞ୍ଜୟ ତିୱାରୀ, ମନୋଜ ପଟ୍ଟନାୟକ, ପ୍ରିୟ ମେହେର, କାଉନ୍‌ସିଲର ଲକ୍ଷ୍ମଣ ଦୁରିଆ, ସୁନୀଲ ନାଗ, ଅଜିତ ପଟେଲ, ପ୍ରଶାନ୍ତ ଦାସ, ସରୋଜ ବାରିକଙ୍କ ସହ ଶତାଧିକ ଭାଜପା କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ହୃଦ୍‌ଘାତରେ ଖବରଦାତାଙ୍କ ପରଲୋକ

ଭବାନୀପାଟଣା,୫।୧୦(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଜୟପାଟଣାର ବରିଷ୍ଠ ଖବରଦାତା ପ୍ରଭାକର ପଟ୍ଟନାୟକ(୫୧)ଙ୍କ ଶନିବାର ବିଳମ୍ବିତ ରାତିରେ ନିଜ ବାସଭବନରେ ହୃଦଘାତରେ ପରଲୋକ ହୋଇଯାଇଛି। ସେ କଳାହାଣ୍ଡି ଜିଲା ଓଡ଼ିଶା ୟୁନିୟନ ଅଫ୍ ଜର୍ଣ୍ଣାଲିଷ୍ଟର ପୂର୍ବତନ ସାଧାରଣ ସମ୍ପାଦକ ରହିଥିଲେ। ଏହାସହ ଦୀର୍ଘ ବର୍ଷ ଧରି ସେ 'ଧରିତ୍ରୀ' ଖବରକାଗଜରେ ଜୟପାଟଣା ବ୍ଲକ ପ୍ରତିନିଧି ରହି ଅଞ୍ଚଳର ସମସ୍ୟାକୁ ପ୍ରଶାସନ ନିକଟରେ ଉପସ୍ଥାପନ କରୁଥିଲେ। ସେହିପରି ପୂର୍ବତନ ବିଧାୟକ ବଳଭଦ୍ର ମାଝୀ ଲାଞ୍ଜିଗଡ଼ ନିର୍ବାଚନମଣ୍ଡଳୀର ବିଧାୟକ ଥିବା ସମୟରେ ସେ ବିଧାୟକଙ୍କ ଜୟପାଟଣା ବ୍ଲକ ପ୍ରତିନିଧି ରହିଥିଲେ। ସ୍ଥାନୀୟ ଗୀତା ଭବନ, ରାମମନ୍ଦିର, ବିଭିନ୍ନ ସାମାଜିକ ସଙ୍ଗଠନ ସହ ଜଡ଼ିତ ରହି ବିକାଶ ପାଇଁ କାର୍ଯ୍ୟ କରି ଆସୁଥିଲେ। ତାଙ୍କର ଅକାଳ ବିୟୋଗରେ ପୂର୍ବତନ ମନ୍ତ୍ରୀ ବଳଭଦ୍ର ମାଝୀ, ସାମାଜିକ କର୍ମୀ ଶେଷଦେବ ବେହେରା, ପ୍ରବୀଣ ମୁଣ୍ଡ,ପ୍ରକାଶ ଦୁରିଆ, ରୁଦ୍ର ପାଣିଗ୍ରାହୀ, ବରିଷ୍ଠ କଂଗ୍ରେସ ନେତା ହେମନ୍ତ ପଣ୍ଡା, ଗଙ୍ଗାଧର ପାତ୍ର, ଗଙ୍ଗା ମାଝୀ, ଭାରତେନ୍ଦୁ ବେହେରା ,ଦିଲ୍ଲୀପ ବେହେରା ,ସୁବାସ ମୁଣ୍ଡ , ପ୍ରବୀର ବେହେରା, ଓୟୁଜେ ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତି, ସମ୍ପାଦକ କମ୍ବୁପାଣି ମିଶ୍ର, ଜିଲା ସାଧାରଣ ସମ୍ପାଦକ ସନ୍ତୋଷ ସିଂଦେଓଙ୍କ ସମେତ ଜିଲା ସଂଘ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି।


ପ୍ରଭାକର ପଟ୍ଟନାୟକ

## ବିକଶିତ ରାଜ୍ୟ, ଦେଶ ଗଠନରେ ସମସ୍ତେ ସହଯୋଗୀ ହେବା


ଶିକ୍ଷାର ବିକାଶ ଉପରେ ସମୀକ୍ଷା କରୁଛନ୍ତି।

ନୂଆପଡା,୫।୧୦ (ମକାରୁ ବେମାଲ)

ନୂଆପଡ଼ା ଜିଲାକୁ ଓଡ଼ିଶା ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି ମଙ୍ଗଳ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ ମଙ୍ଗଳ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆସି ବିଭାଗୀୟ ସମୀକ୍ଷା ବୈଠକରେ ଯୋଗଦାନ କରିଥିଲେ। ଏହି ବୈଠକରେ ଜିଲାପାଳ ମଧୁସୂଦନ ଦାଶ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲାପାଳ ସୁର୍ମୀ ସୋରେନ, ଖରିଆର ରୋଡ ଏନ୍‌ଏସି ଅଧ୍ୟକ୍ଷା ସୋନିଆ ଜୈନ, ଏମ୍‌ପି ପ୍ରତିନିଧି ପ୍ରେମ ଅଗ୍ରୱାଲ, ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୋଇ, ସମସ୍ତ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ମନ୍ତ୍ରୀ ଜିଲାରେ ଅଧାରୁ ପାଠ ଛାଡୁଥିବା ଛାତ୍ରୀଛାତ୍ରଙ୍କୁ ଆଣି ସ୍କୁଲରେ ନାମ ଲେଖାଇବା ଏବଂ ଉପଯୁକ୍ତ ଶିକ୍ଷା ପ୍ରଦାନ ପାଇଁ ଆହ୍ୱାନ କରିଛନ୍ତି। ଜିଲାରେ ସ୍କୁଲ ଚାଲ ଅଭିଯାନରେ ଅଭିନବ ଉପାୟରେ ଶୋଭାଯାତ୍ରା କରି ସଚେତନ କରିବାକୁ ଆହ୍ୱାନ ଦେଇଥିଲେ। ଚଳିତ ବର୍ଷ ଜିଲାରେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ୨ଜଣ ଏ-୧ ହୋଇଥିବା ବେଳେ ୧୦୦ରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ ବି- ୧ ରେ ଉତ୍ତୀର୍ଣ୍ଣ ହୋଇଥିବା ଜିଲାପାଳ ପ୍ରକାଶ କରିଥିଲେ। ଚଳିତ ବର୍ଷ ଏ-୧ ସଂଖ୍ୟା ବୃଦ୍ଧି କରିବାକୁ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଶିକ୍ଷା ବିଭାଗ ଅଧିକାରୀମାନେ ଶିକ୍ଷାର ବିକାଶ ପାଇଁ ସମସ୍ତ ପଦକ୍ଷେପ ନେବା ସହ ଜଣେ ବି ଡ୍ରପ ଆଉଟ ଯେମିତି ରହିବେ ନାହିଁ ସେଥିପ୍ରତି ଚେଷ୍ଟା କରିବେ। ସବୁ ବିଦ୍ୟାଳୟର ଭିତ୍ତିଭୂମିରେ ସୁଧାର ଅଣାଯିବ । ସେଠାରେ ବିଲ୍ଡିଂ, ପାଚେରି, ଶୌଚାଳୟ, ରୋଷେଘର ସବୁ ରହିବ। ଏହା ସହିତ ବିଜୁଳି ଓ ପାଇପ ପାଣି ସୁବିଧା ରହିବ। ସାମାଜିକ ସୁରକ୍ଷା ବିଭାଗ ସମୀକ୍ଷାରୁ ଅନ୍ୟ ଜାତିରେ ବିବାହ କରିଥିବା ଦମ୍ପତିଙ୍କୁ ଶୀଘ୍ର ସହାୟତା ରାଶି ଯୋଗାଇ ଦେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଜିଲାରେ ଏନ୍‌ଏଫବିଏସ ସ୍କିମରେ ୩୫୫ ଜଣ ହିତାଧିକାରୀଙ୍କୁ କୋଡିଏ ହଜାର ଟଙ୍କା ଲେଖାଏ ସହାୟତା ଯୋଗାଇ ଦିଆଯାଇଛି। ଜିଲାରେ ଗୋଟିଏ ମେଣ୍ଟାଲ ଏସାଇଲମ ପ୍ରତିଷ୍ଠା କରିବା ପାଇଁ ଜିଲାପାଳ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ । ସମସ୍ତେ ସମର୍ପିତ ଭାବରେ କାମ କରି ବିଭିନ୍ନ ବିଭାଗ ଦେଇଥିବା ଅନୁଦାନ ଶୀଘ୍ର ଖର୍ଚ୍ଚ କଲେ ଆହୁରି ଅନୁଦାନ ଯୋଗାଇ ଜିଲାକୁ ପ୍ରଗତି ପଥରେ ଆଗେଇ ନେବା ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ । ସମସ୍ତ ଅଧିକାରୀ, ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଛାତ୍ରୀଛାତ୍ର ସମ୍ମିଳିତ ଭାବରେ ବିକଶିତ ରାଜ୍ୟ ଓ ବିକଶିତ ଦେଶ ଗଠନରେ ସହଯୋଗୀ ହେବା ବୋଲି ମନ୍ତ୍ରୀ ଆହ୍ୱାନ ଦେଇଥିଲେ।

## ମା'ଦୁର୍ଗାଙ୍କ ଭସାଣି ଶୋଭାଯାତ୍ରା

ବେହେରା,୫।୧୦(ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଦଣ୍ଡପାଟ ବେହେରାରେ ୯ଦିନ ଧରି ଜଗତଜନନୀ ମା' ଦୁର୍ଗା ପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଥିଲେ। ଶନିବାର ସନ୍ଧ୍ୟା ସମୟରେ ପୂଜା ମଣ୍ଡପରୁ ବାହାରି ବିଦାୟ ନେଇଛନ୍ତି ମା' ଦଶଭୂଜା। ମା'ଙ୍କୁ ଦର୍ଶନ କରିବା ପାଇଁ ମଣ୍ଡପ ନିକଟରେ ସବୁଦିନେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଥିବାବେଳେ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମର ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ମା'ଙ୍କୁ ଖୋଳ, ତାଳ ସମ୍ବଲପୁରୀ ଢୋଲକୀ ବାଦ୍ୟର ତାଳେ ତାଳେ ସହର ପରିକ୍ରମା କରାଯାଇ ମେଲାଣି ଦେଇଥିଲେ ଭକ୍ତ। ମା'ଙ୍କ ଭସାଣି ଶୋଭାଯାତ୍ରା ଦେଖିବା ପାଇଁ ଅଞ୍ଚଳର ପ୍ରବଳ ଜନ ସମାଗମ ହୋଇଥିଲା। ପୂଜା କମିଟିର ସଭାପତି ଈଶ୍ୱର ଲାଲ ଅଗ୍ରୱାଲ,ସମ୍ପାଦକ ରଜନୀ ନାଏକ, ହେମାଳ ନାଏକ, ରାହାସ ନାଏକ, ବଳରାମ ପୂଝାରୀ, ତୁଳସୀ ରାମ ବାରିକ ପ୍ରମୁଖ ସହଯୋଗ କରିଥିଲେ।

## ନେଟୱର୍କ ସମସ୍ୟା ସମାଧାନ ପାଇଁ ଦାବି

**ଜିଲାପାଳଙ୍କୁ ଭେଟିଲେ ଝୋଲପଥରବାସୀ**

ଖଡିଆଲ,୫।୧୦(ସୁଜିତ କୁମାର ପ୍ରଧାନ)

ଖଡିଆଳ ବ୍ଲକ ଝୋଲପଥର ଗ୍ରାମରେ ମୋବାଇଲ ନେଟୱର୍କ ସମସ୍ୟା ରହିଥିବାରୁ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ରବିବାର ଝୋଲପଥର ଗ୍ରାମରୁ ଏକ ପ୍ରତିନିଧି ଦଳ ନୂଆପଡ଼ା ଜିଲାପାଳ ମଧୁସୂଦନ ଦାସଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟିଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଉପସ୍ଥିତିରେ ନେଟୱର୍କ ସମସ୍ୟାର ସମାଧାନ ପାଇଁ ଏକ ଆବେଦନ ପତ୍ର ସେମାନେ ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ଏହାର ସୁବିଚାର ପାଇଁ ଜିଲାପାଳ ପ୍ରତିଶ୍ରୁତି ଦେଇ ଦରଖାସ୍ତ ଗ୍ରହଣ କରିଥିଲେ। ଏହା ପୂର୍ବରୁ ଅଭିଯୋଗ ଶୁଣାଣି ଶିବିରରେ ମଧ୍ୟ ଜିଲାପାଳଙ୍କୁ ଦୁଇ ଥର ଅଭିଯୋଗ ପତ୍ର ଦିଆଯାଇଥିଲା। ଏହା ଛଡ଼ା କଳାହାଣ୍ଡି ଏମ୍‌ପି ମାଳବିକା ସିଂଦେଓଙ୍କୁ ମଧ୍ୟ ଦିଆଯାଇଥିଲା। ହେଲେ ସମସ୍ତ ପ୍ରକାର ପ୍ରତିଶ୍ରୁତି ପ୍ରତିଶ୍ରୁତିରେ ରହିଯାଇଛି। ବର୍ତ୍ତମାନ ସମୟରେ ନେଟୱର୍କର ମହତ୍ତ୍ୱ ଅଧିକ ରହିଥିବାରୁ ଏହାର ସୁବିଚାର ପାଇଁ ଜିଲାପାଳଙ୍କୁ ବିଶେଷ ଅନୁରୋଧ କରାଯାଇଛି। ଏହି ପ୍ରତିନିଧି ଦଳରେ ସର୍ବ ଡୋଲେଶ୍ୱର ହେର୍ଣ୍ଣା, ପରେଶ ହେର୍ଣ୍ଣା, ଗୋପ ମେହେର, ସଞ୍ଜୀବ ମେହେର, ଦେବାଶିଷ ମେହେର, ବୈବସ୍ୱତ ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।


ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ମହାପ୍ରୟାଣ ଗାଡ଼ିକୁ ଶୁଭାରମ୍ଭ କଲେ ଏମ୍‌ପି

ଥୁଆମୂଳ ରାମପୁର, ୫।୧୦(ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ ଥୁଆମୂଳ ରାମପୁର ଗସ୍ତକରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଉତ୍କଳ ଆଲୁମିନା କମ୍ପାନୀ ପକ୍ଷରୁ ଦିଆଯାଇଥିବା ଏକ ମହାପ୍ରୟାଣ ଗାଡ଼ିକୁ ଏମ୍‌ପି ମାଳବିକା ଦେବୀ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହା ପରେ ବିରିକୋଟଠାରେ ଜଗନ୍ନାଥ ସେବାଶ୍ରମ ପକ୍ଷରୁ ଦିଆଯାଇଥିବା କମ୍ବଳଗୁଡ଼ିକୁ ବଣ୍ଟନ ବଣ୍ଟନ କରିଥିଲେ। ପୂର୍ବରୁ ସେ ଦଳର ଏକ ମିଶ୍ରଣ ପର୍ବରେ ଯୋଗ ଦେଇଥିଲେ। ଭାରତୀୟ ଜନତା ପାର୍ଟି (ଭାଜପା) କଳାହାଣ୍ଡି ଜିଲା ସଭାପତି ଯୁଗଳ କିଶୋର ପୋଡ଼ଙ୍କ ଉପସ୍ଥିତିରେ ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ବିରିକୋଟ ଠାରେ ଏକ ମିଶ୍ରଣ ପର୍ବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନୀତି ଆଦର୍ଶ ଓ ରାଜ୍ୟର ମୋହନ ମାଝୀ ସରକାରଙ୍କ ଜନ କଲ୍ୟାଣ କାର୍ଯ୍ୟକ୍ରମରେ ଅନୁପ୍ରାଣିତ ହୋଇ ଥୁଆମୂଳ ରାମପୁର ବ୍ଲକର ବିଜେଡି ଏସ୍‌ସି ସେଲ ପୂର୍ବତନ ସଭାପତି ସଞ୍ଜୟ ନାଏକ, ବରିଷ୍ଠ କଂଗ୍ରେସ ନେତା ସଦା ନାଏକ, ଯୁବ କଂଗ୍ରେସ ନେତା ଉମାଶଙ୍କର ନାଏକଙ୍କ ସହ ଶତାଧିକ ବିଜେଡି କଂଗ୍ରେସ କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ, ପୂର୍ବତନ ଏମ୍‌ପି ଅର୍କ କେଶରୀ ଦେଓ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ଚନ୍ଦ୍ର ମାଝୀ ଉପସ୍ଥିତ ରହି ନୂତନ ଭାବରେ ଦଳରେ ଯୋଗଦେଇଥିବା ନେତା ଓ କର୍ମୀଙ୍କୁ ଉତ୍ତରୀୟ ଓ ଟୋପି ପିନ୍ଧାଇ ଦଳରେ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବରେ ଏମ୍‌ପିଙ୍କ ପ୍ରତିନିଧି ପବିତ୍ର ନାଏକ, ବ୍ଲକ ଅଧ୍ୟକ୍ଷ ଦୟାନିଧି ମାଝୀ, ମଣ୍ଡଳ ସଭାପତି ପୁଷ୍ପ ନାଏକ, ମଣ୍ଡଳ ସଭାପତି ଦୟାନିଧି ଭୋଇ, ସାଧାରଣ ସମ୍ପାଦକ ତପନ ମାଝୀ, ମଣ୍ଡଳ ସାଧାରଣ ସମ୍ପାଦକ ଆଲୋକ କୁମାର ନାଏକ, ସାଧାରଣ ସମ୍ପାଦକ ଚନ୍ଦନ ନାଏକ, ବ୍ଲକ ଭାଜପା ମଣ୍ଡଳର ଉପସଭାପତି ରାଧାକୃଷ୍ଣ ନାଏକ ଏବଂ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ କୀୟାମଣୀ ନାଏକ, ଜିଲା ମିଡ଼ିଆ ସଂଯୋଜକ ନରହରି ପଟ୍ଟନାୟକଙ୍କ ସମେତ ସହସ୍ରାଧିକ କାର୍ଯ୍ୟକର୍ତ୍ତା ଓ ନେତୃବୃନ୍ଦ ଉପସ୍ଥିତ ରହିଥିଲେ।

## ଖାଲରେ ଫସିଥିବା ଟ୍ରକକୁ ଧକ୍କା ଦେଲା ଟ୍ରଲର

**ଟ୍ରକ୍ ଡ୍ରାଇଭରଙ୍କ ମୃତ୍ୟୁ**

ଲାଞ୍ଜିଗଡ଼, ୫।୧୦(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଡେଙ୍ଗେନ ଛକ ନିକଟରେ ରବିବାର ପୂର୍ବାହ୍ନ ୧୧ଟାରେ ସଡକ ଦୁର୍ଘଟଣା ଘଟି ଜଣେ ଟ୍ରକ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତ ଟ୍ରକ ଡ୍ରାଇଭର ଜଣକ ବଲାଙ୍ଗୀର ଜିଲା ପାଟଣାଗଡ ଥାନା ଅନ୍ତର୍ଗତ ଗହିରାମୁଣ୍ଡା ଗ୍ରାମର ବାରିକ ଧାରୁଆ ବୋଲି ସୂଚନା ମିଳିଛି। ଏକ ଚାଉଳ ବୋଝେଇ ଟ୍ରକ ନଂ. ସିଜି ୦୪ ଏମକେ ୦୩୮୭ ଡେଙ୍ଗେନ ଛକ ନିକଟରେ ଖାଲରେ ପଡି ଅଟକି ଯାଇଥିଲା। ଟ୍ରକ ଡ୍ରାଇଭର ତଳକୁ ଓହ୍ଲାଇ ପୁଣି ଗାଡି ଉପରକୁ ଚଢିବାପାଇଁ ଯାଉଥିବା ବେଳେ ବିଶାଖାପାଟଣାଠାରୁ ରାୟପୁର ଅଭିମୁଖେ ଯାଉଥିବା ଏକ ଟ୍ରଲର ନଂ. ଏପି-୩୯-ଭିବି-୧୫୬୬ ଦ୍ରୁତଗତିରେ ଆସି ଧକ୍କା ଦେବା ଫଳରେ ପୂର୍ବରୁ ଖାଲରେ ପଡିଥିବା ଟ୍ରକର ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ଜଣାପଡିଛି। ଦୁର୍ଘଟଣା ଘଟାଇ ଟ୍ରଲର ଘଟଣାସ୍ଥଳରେ ଓଲଟି ପଡିଥିବାବେଳେ ଡ୍ରାଇଭର ଫେରାର ହୋଇଯାଇଥିଲେ। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ଟ୍ରକ ଡ୍ରାଇଭରଙ୍କ ଦେହ ସମ୍ପୂର୍ଣ୍ଣ ଭାବେ ଖଣ୍ଡବିଖଣ୍ଡିତ ହୋଇଯାଇଥିଲା। ସ୍ଥାନୀୟ ଲୋକେ ଦୁର୍ଘଟଣା ଦେଖି ନର୍ଲା ପୋଲିସକୁ ଖବର ଦେଇଥିଲେ। ଉତ୍ତ୍ୟକ୍ତ ଲୋକେ ଭବାନୀପାଟଣା ଓ ବିଶାଖାପାଟଣାକୁ ସଂଯୋଗ କରୁଥିବା ୬ନମ୍ବର ରାଜ୍ୟ ରାଜପଥ ଡେଙ୍ଗେନ ଛକଠାରେ ଅବରୋଧ କରିଥିଲେ । ଖବର ପାଇ ନର୍ଲା ଥାନାଧିକାରୀ ବିଜୟ ରାଜ ମାଝୀଙ୍କ ନେତୃତ୍ୱରେ ପୋଲିସ ବଳ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ପରେ ରାସ୍ତା ଅବରୋଧ ହଟିଥିଲା । ପୋଲିସ ଘଟଣାସ୍ଥଳରୁ ଖଣ୍ଡବିଖଣ୍ଡିତ ମୃତଦେହ ଜବତକରି ଭବାନୀପାଟଣା ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ନର୍ଲା ଥାନାରେ ଏକ ମାମଲା ରୁଜୁ ହୋଇଛି।



## ଦେବୀ ଦନ୍ତେଶ୍ୱରୀଙ୍କ ଦଶରା ପର୍ବ

**ଖଣ୍ଡା ଧୁଆ ପରେ ଦିଆଯାଇଥିଲା ବଳି**

ବେହେରା ୫।୧୦( ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରା ପଞ୍ଚାୟତ ଅନ୍ତର୍ଗତ ବାଙ୍କିମୁଣ୍ଡାରେ ଦଣ୍ଡପାଟର ଅଧିଷ୍ଠାତ୍ରୀ ଦେବୀ ଦନ୍ତେଶ୍ୱରୀଙ୍କ ପୀଠରେ ପ୍ରତିବର୍ଷ ଆଶ୍ୱିନ ଶୁକ୍ଳ ଦ୍ୱାଦଶୀରେ ଖଣ୍ଡା ଧୁଆ ସହ ଦଶରା ପର୍ବ ପାଳିତ ହୁଏ। ଚଳିତବର୍ଷ ଶନିବାର ଦ୍ୱାଦଶୀ ତିଥି ହେତୁ ସନ୍ଧ୍ୟାରେ ଗ୍ରାମର ଗୌନ୍ତିଆ ଓ ପୂଜାରୀଙ୍କ ଘରୁ ଦେବୀଙ୍କ ଅସ୍ତ୍ରଶସ୍ତ୍ର ଖଣ୍ଡା ବାହାର କରାଯାଇ ପାଖ ବେହେରା ନଦୀକୁ ନିଆଯାଇ ଧୌତ ପୂର୍ବକ ପୁଣି ପୂଜାରୀଙ୍କ ଘରେ ସ୍ଥାପନ କରି ବଳି ଦିଆଯାଇଥିଲା। ରାତିରେ ମନ୍ଦିର ସର୍ବସାଧାରଣଙ୍କ ପାଇଁ ଖୋଲାଯାଇଥିଲା। ଭକ୍ତଙ୍କ ମାନସିକ ବୋଦାବଳିରେ ପୀଠ ରକ୍ତରଞ୍ଜିତ ହୋଇଥିଲା। ରକ୍ତମୁଖା ଦେବୀଙ୍କୁ ଶାନ୍ତ କରିବା ପାଇଁ ଉକ୍ତ ରାତିରେ ଦେବୀପୀଠରେ ବୀର ବାଦ୍ୟ ଘୁମୁରା ପ୍ରକମ୍ପିତ କରିବା ପ୍ରାଚୀନ ନିୟମ ରହିଛି । ଏହି ଅବସରରେ ଘୁମୁରାର ଅନ୍ୟତମ ପ୍ରଣେତା କୁହାଯାଉଥିବା ପଣ୍ଡିତ ରୀକ୍ଷିରାମ ତିୱାରୀଙ୍କ ସ୍ମୃତିରେ ଘୁମୁରା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଗ୍ରାମର ଗୌନ୍ତିଆ ଚିତ୍ତରଞ୍ଜନ ପୂଝାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବେହେରା ସମିତି ସଭ୍ୟ କିଶୋର ଚନ୍ଦ୍ର ନାଗ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବରେ ମୂଷାପାଲି ସରପଞ୍ଚ ଅକ୍ଷୟ କୁମାର ନାଏକ, ବେହେରା ଗ୍ରାମପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରାଙ୍ଗ ନାଗ, ପାକ୍ସ ସମ୍ପାଦକ ହେମନ୍ତ ନାଏକ, ସନ୍ଥ ନାଏକ, ଗୌର ଚନ୍ଦ୍ର ବାଗ, ଈଶ୍ୱର ଲାଲ ଅଗ୍ରୱାଲ, ମୁଖ୍ୟବକ୍ତା ଭାବରେ ପ୍ରଶାନ୍ତ ତିୱାରୀ, ସମ୍ପାଦକ ଭୂପେଶ ତିୱାରୀ,ପରିଚାଳନାରେ ପ୍ରଭାତ ତିୱାରୀ, ଅଖଣ୍ଡ ମଣି ଭାରତିଆ, ବିଚାରପତି ଭାବରେ ଦୁର୍ବଳ କାଣ୍ଡ, ପବିତ୍ର ସୁନାନି, ପ୍ରେମ କାଣ୍ଡ, ମଙ୍ଗଳୁ ପୂଝାରୀଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ସହଯୋଗ କରିଥିଲେ। ୯ଟି ଘୁମୁରା ଦଳ ପ୍ରତିଯୋଗିତାରେ ଭାଗ ନେଇଥିଲେ। କଦଳିମୁଣ୍ଡାର ମା' ଷୋହଳ କୋଟି କଳା ପରିଷଦ ପ୍ରଥମ, କାଶୀ ବାହାଲ ଦ୍ୱିତୀୟ ଓ ମାଲପଡାର ମା'ପେନ୍ଦ୍ରାଣୀ ଘୁମୁରା ଦଳ ତୃତୀୟ ପୁରସ୍କାର ବିଜେତା ହୋଇଥିଲେ। କ୍ଲବର ସଦସ୍ୟ ଉଜ୍ଜ୍ୱଳ ସିଂହ ପୂଝାରୀ, ତ୍ରିଲୋକ୍ୟ ପୂଝାରୀ, ଯୁଗେଶ୍ୱର୍ ମିଶ୍ରା, ନନ୍ଦ କିଶୋର ସୋନୀ, ଯୁଗେଶ୍ୱର ପୂଝାରୀ, ରୁକମନ ପୂଝାରୀ ତଥା ଅନ୍ୟାନ୍ୟ ସଦସ୍ୟ ସହଯୋଗ କରିଥିଲେ।


ଦେବୀ ଦନ୍ତେଶ୍ୱରୀଙ୍କ ପୀଠ।

## କେନାଲ ଉପରେ ହେଉନି ପୋଲ

**ବାଜିରେ ଲାଗୁଛି ଜୀବନ**

ଭବାନୀପାଟଣା,୫।୧୦(ଉତ୍ତମ କୁମାର ଦାଶ)

କେନାଲ ଉପରେ ପୋଲ ନ ଥିବାରୁ ଦୁଇ ପାର୍ଶ୍ୱରେ ଥିବା ଗ୍ରାମବାସୀ ଏବେ ବିପଦସଂକୁଳ ଅବସ୍ଥାରେ ଜୀବନକୁ ବାଜି ଲଗାଇ କେନାଲ ପାରି ହେଉଛନ୍ତି। କେନାଲରେ ପୋଲ ନିର୍ମାଣ ପାଇଁ ସ୍ଥାନୀୟ ରାଜନେତା, ବିଭାଗୀୟ ଅଧିକାରୀ ଓ ପ୍ରଶାସନଙ୍କୁ ସ୍ଥାନୀୟ ଗ୍ରାମବାସୀ ଗୁହାରୀ କରି ଆସୁଥିଲେ ସୁଦ୍ଧା ସେମାନଙ୍କ ଏହି ସମସ୍ୟା ପ୍ରତି କେହି କର୍ଣ୍ଣପାତ କରୁନାହାନ୍ତି। ଫଳରେ ଖରା ସମୟରେ କେନାଲ ଉପରେ ସ୍ଥାନୀୟ ଗ୍ରାମବାସୀ ଏକ କାଠପୋଲ ନିର୍ମାଣ କରିଥିଲେ। ହେଲେ ଏବେ ବର୍ଷା ସମୟରେ କେନାଲରେ ଅଧିକ ପାଣି ଆସୁଥିବାରୁ ତାହା ଭାଙ୍ଗି ଯାଇଛି। ଏପରି ଦୃଶ୍ୟ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ବଙ୍କିତୁଲସୀପାଲି ପଞ୍ଚାୟତ ରଣୁପର ଗ୍ରାମରେ। ଏହି ଗ୍ରାମକୁ ଲାଗିକି ଇନ୍ଦ୍ରାବତୀ ଦକ୍ଷିଣ ମୁଖ୍ୟ କେନାଲ ଯାଇଛି। ଏହି କେନାଲ ଅନେକ ବର୍ଷ ତଳେ ନିର୍ମାଣ ହୋଇଥିବା ବେଳେ ଗୋଟିଏ ପଟରେ ରଣପୁରର ଯୋଜନାପଡା ରହିଥିବାବେଳେ ଅନ୍ୟପଟେ ଝାଙ୍କରପଡା ରହିଛି। ଯୋଜନାପଡାରେ ପ୍ରାୟ ୫ଶହ ଲୋକ ବାସ କରୁଥିବାବେଳେ କେନାଲ ଆରପଟରେ ସେମାନଙ୍କ ୨ଶହରୁ ଊର୍ଦ୍ଧ୍ୱ ଏକର ଚାଷ ଜମି ରହିଛି। ସେହିପରି କେନାଲ ଆରପଟରେ ଥିବା ଝାଙ୍କରପଡାରେ ୨୫ଟି ଆଦିବାସୀ ପରିବାର ରହୁଥିବାବେଳେ ସେମାନେ ମଧ୍ୟ ପଡାକୁ ମୁଖ୍ୟ କେନାଲ ଡେଇଁ ବିଭିନ୍ନ କାମ ପାଇଁ ଆସିଥାନ୍ତି। ଯୋଜନାପଡାବାସୀଙ୍କୁ ଚାଷ ପାଇଁ ମୁଖ୍ୟ କେନାଲ ଡେଇଁ ଯିବାକୁ ପଡିଥାଏ। ଖରାଦିନ ପଡାବାସୀଙ୍କୁ କୌଣସି ସମସ୍ୟା ହେଉ ନ ଥିବାବେଳେ ବର୍ଷା ଋତୁରେ ବିପଦସଙ୍କୁଳ ଭାବେ କେନାଲ ପାର ହୋଇ ଚାଷ ଜମିକୁ ଯାଇଥାନ୍ତି ପଡାବାସୀ। ଝାଙ୍କର ପଡାବାସୀ କୌଣସି ରୋଗୀ ହେଉ କିମ୍ବା ଗର୍ଭବତୀ କି ପ୍ରସୂତୀଙ୍କୁ ଖଟିଆରେ ବୋହି କେନାଲ ପାର କରି ମୁଖ୍ୟ ରାସ୍ତାକୁ ଆଣିଥାନ୍ତି। ଏଠାକାର ଗରିବ ଲୋକମାନେ ସ୍ଥାନୀୟ ଘନା ଜଙ୍ଗଲ ଉପରେ ମଧ୍ୟ ନିର୍ଭର କରି ନିଜ ପରିବାର ପ୍ରତିପୋଷଣ କରିଥାନ୍ତି। ତେବେ ବର୍ଷା ସମୟରେ ସେମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ବିଶେଷକରି ଏଠାରେ ପଢୁଥିବା ସ୍କୁଲ ଓ ଅଙ୍ଗନୱାଡି ଛାତ୍ରୀଛାତ୍ର, ରୋଗୀ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ବର୍ତ୍ତମାନ କେତେକ ଲୋକ ବିପଦସଙ୍କୁଳ ଭାବେ କେନାଲ ପାଣିରେ ପାର ହୋଇ ଅନ୍ୟ ପଟକୁ ଯାଉଥିବାବେଳେ ଆଉ କିଛି ଲୋକ କେନାଲ ଉପରେ କରାଯାଇଥିବା ସିଡ଼ି (ଡ୍ରେନେଜ ପାଇଁ ବ୍ୟବହୃତ ହେଉଥିବା) ତଳେ ପାର ହୋଇ ଆରପଟକୁ ଯାଉଛନ୍ତି। ଏ ନେଇ ବିଭାଗୀୟ ଯନ୍ତ୍ରୀ ଶିଶିର କୁମାର ପଣ୍ଡାଙ୍କୁ ପଚାରିବାରୁ ସେଠାରେ ଏକ ପୋଲ ନିର୍ମାଣ ପାଇଁ ପ୍ରସ୍ତାବ ଯାଇଛି ବୋଲି କହିଥିଲେ।


କେନାଲ ଉପରେ କାଠ ପୋଲ ଭାଙ୍ଗିଯାଇଛି।

**୧୦୦ଫୁଟ ତଳକୁ ଖସିଲା ଟ୍ରକ୍**

ବରଗଡ଼,(ପ୍ରେମାନନ୍ଦ ଖମାରୀ): ବରଗଡ଼ ଜିଲା ଅମ୍ବାଭୋନା ରାସ୍ତାରେ ରବିବାର ସକାଳୁ ଏକ ବଡ଼ ଦୁର୍ଘଟଣା ଘଟିଛି। ଏହି ରାସ୍ତାର ଅମ୍ବାଭୋନା ଥାନା ସମ୍ବରଧରା ବୁଲାଣି ନିକଟରେ ଏକ ଟ୍ରକ୍ ଭାରସାମ୍ୟ ହରାଇ ରାସ୍ତା ଉପରୁ ୧୦୦ ଫୁଟ ତଳକୁ ଖସି ଯାଇଛି। ଦୁର୍ଘଟଣାରେ ସୌଭାଗ୍ୟକ୍ରମେ ଟ୍ରକ୍ ଡ୍ରାଇଭର ସୁରକ୍ଷିତ ଅଛନ୍ତି। ପୋଲିସ ଘଟଣାସ୍ଥଳକୁ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌କୁ ଜବତ କରିବା ସହିତ ଘଟଣାର ତଦନ୍ତ ଚଳାଇଛି।

# ପିପିପି ମୋଡ୍‌ରେ ଚାଲିବ ବରଗଡ଼ କ୍ୟାନ୍‌ସର ହସ୍ପିଟାଲ

- ସୂଚନା ଦେଲେ ବରଗଡ଼ ବିଧାୟକ
- ହାଇଦ୍ରାବାଦର ଏକ ଟିମ୍ କଲେ ପରିଦର୍ଶନ


ବରଗଡ଼ କ୍ୟାନ୍‌ସର ହସ୍ପିଟାଲ।

ବରଗଡ଼,୫।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ କ୍ୟାନ୍‌ସର ହସ୍ପିଟାଲରେ ଦୀର୍ଘଦିନ ହେଲା ତାଲା ଝୁଲୁଛି। ଏହାକୁ ନେଇ ଗତମାସ ବିରୋଧୀ ବିଜେଡି ଶାସକ ଭାଜପା ସରକାରକୁ କଡ଼ା ସମାଲୋଚନା କରିଥିବାବେଳେ ୟୁନାଇଟେଡ୍ ଫୋରମ ଫର୍ କ୍ୟାନ୍‌ସର ହସ୍ପିଟାଲ ଏଟ ବରଗଡ଼ ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ ହୋଇ କ୍ୟାନ୍‌ସର ହସ୍ପିଟାଲକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ଦାବି କରିଛି। ଏହାପରେ ରାଜ୍ୟ ସରକାର ଏଥିପ୍ରତି ତତ୍ପରତା ପ୍ରକାଶ କରିଛନ୍ତି। ରବିବାର ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଅନୁଷ୍ଠିତ ଏନିମିଆ ଓ କ୍ୟାନ୍‌ସର ରୋଗ ଚିହ୍ନଟ ଶିବିରରେ ଯୋଗ ଦେଇ ସ୍ଥାନୀୟ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ସୂଚନା ଦେଇ କହିଛନ୍ତି, ରାଜ୍ୟ ସରକାର ବରଗଡ଼ କ୍ୟାନ୍‌ସର ହସ୍ପିଟାଲକୁ ପ୍ରାଇଭେଟ-ପବ୍ଲିକ-ପାର୍ଟନରଶିପ (ପିପିପି) ଅର୍ଥାତ୍ ସର୍ବସାଧାରଣ ବେସରକାରୀ ଭାଗୀଦାରି ମୋଡ୍‌ରେ ଚଳାଇବାକୁ ଯୋଜନା କରିଛନ୍ତି। ଏହି କ୍ରମରେ ରବିବାର ହାଇଦ୍ରାବାଦର ଏକ ସଂସ୍ଥାର ଟିମ୍ ପହଞ୍ଚି ତାଙ୍କ ସହିତ ୪୫ ମିନିଟ ପର୍ଯ୍ୟନ୍ତ ଆଲୋଚନା କରିବା ପରେ କ୍ୟାନ୍‌ସର ହସ୍ପିଟାଲ ପରିଦର୍ଶନ କରିଛନ୍ତି। ଯଦି ଉଦ୍ଦିଷ୍ଟ ଗାଇଡଲାଇନ ଅନୁଯାୟୀ, ଉଭୟ ରାଜ୍ୟ ସରକାର ଓ ସମ୍ପୃକ୍ତ ସଂସ୍ଥା ମଧ୍ୟରେ ସହମତି ପ୍ରକାଶ ପାଇବ, ତେବେ ଆସନ୍ତା ୪ରୁ ୬ମାସ ମଧ୍ୟରେ ଉକ୍ତ କ୍ୟାନ୍‌ସର ହସ୍ପିଟାଲ କାର୍ଯ୍ୟକ୍ଷମ ହେବ ବୋଲି ବିଧାୟକ ଷଡ଼ଙ୍ଗୀ କହିଥିଲେ। ସେହିପରି ସେ ଆହୁରି କହିଥିଲେ, ଫୋରମ ଫର୍ କ୍ୟାନ୍‌ସର ହସ୍ପିଟାଲ ଏଟ ବରଗଡ଼ ତଥା ଫାଇଟର୍ସ ଗ୍ରୁପ୍‌ର ଏକ ପ୍ରତିନିଧି ଦଳ ସମେତ ମୁଖ୍ୟମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟିଥିଲେ। ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ ବିଭାଗୀୟ ଅଧିକାରୀଙ୍କୁ ନେଇ ବୈଠକ ବସିଥିଲା ଏବଂ ବରଗଡ଼ କ୍ୟାନ୍‌ସର ହସ୍ପିଟାଲକୁ ନେଇ ହୋଇଥିବା ଦାବି ସମୂହ ଉପରେ ଆଲୋଚନା ହୋଇଥିଲା। ମୁଖ୍ୟମନ୍ତ୍ରୀ ଉକ୍ତ କ୍ୟାନ୍‌ସର ହସ୍ପିଟାଲକୁ କାର୍ଯ୍ୟକ୍ଷମ କରିବାକୁ ଯଥେଷ୍ଟ ଗୁରୁତ୍ୱ ଦେଇଛନ୍ତି ଏବଂ ଇତିମଧ୍ୟରେ ୧୨୦ ଶଯ୍ୟା ଏବଂ ଆବଶ୍ୟକ ଔଷଧ ପର୍ଯ୍ୟାପ୍ତ ପରିମାଣରେ ବରଗଡ଼ କ୍ୟାନସର ହସ୍ପିଟାଲକୁ ପହଞ୍ଚି ସାରିଛି ବୋଲି ବିଧାୟକ ଷଡ଼ଙ୍ଗୀ କହିଛନ୍ତି। ସେହିପରି କଟକସ୍ଥିତ ଆଚାର୍ଯ୍ୟ ହରିହର କ୍ୟାନ୍‌ସର ହସ୍ପିଟାଲ ମାଧ୍ୟମରେ ବରଗଡ଼ କ୍ୟାନ୍‌ସର ହସ୍ପିଟାଲକୁ ଔଷଧ ନ ଆସି ଯେଭଳି ସିଧାସଳଖ ଉକ୍ତ ହସ୍ପିଟାଲକୁ ଉଦ୍ଦିଷ୍ଟ ଔଷଧ ପହଞ୍ଚି ପାରିବ, ସେ ନେଇ ମଧ୍ୟ ତାଙ୍କଠାରେ ଦାବି ହୋଇଥିଲା। ଏ ନେଇ ସେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଚିଠିରେ ଅବଗତ କରିଥିଲେ ଓ ଚିଠିର ମଧ୍ୟ ଉତ୍ତର ଆସି ଯାଇଛି ଏବଂ ସେହି ଦାବି ମଧ୍ୟ ପୂରଣ ହୋଇଯାଇଛି ବୋଲି ବିଧାୟକ ଷଡ଼ଙ୍ଗୀ ନିଜ ବକ୍ତବ୍ୟରେ ସୂଚନା ଦେଇଥିଲେ। ତେବେ ଡାକ୍ତରଖାନାକୁ ଯେଭଳି ଯିବାକୁ ପଡିବ ନାହିଁ, ସେଥିପ୍ରତି ସମସ୍ତେ ସଚେତନ ହୋଇ ନୀରୋଗ ରହିବା ପାଇଁ ମଧ୍ୟ ସେ ପରାମର୍ଶ ଦେଇଥିଲେ।

ସୂଚନା ଅନୁଯାୟୀ, ବରଗଡ଼ ଜିଲାରେ ଦିନକୁ ଦିନ କ୍ୟାନସର ଆକ୍ରାନ୍ତ ଏବଂ ମୃତକଙ୍କ ସଂଖ୍ୟା ବଢିବାରେ ଚାଲିଛି। ଏହା ଚିନ୍ତାଜନକ ହୋଇ ପଡିଥିବାବେଳେ ଦେଶରେ ବରଗଡ଼ ଜିଲା କ୍ୟାନସର ରୋଗର ଏକ ହବ୍ ପାଲଟିଥିବା ସାଧାରଣରେ ଆଲୋଚିତ ହେଉଛି।

ଏହି କ୍ରମରେ ଫୋରମ ଫର୍ କ୍ୟାନ୍‌ସର ହସ୍ପିଟାଲ ଏବଂ ବରଗଡ଼ ଫାଇଟର୍ସ ଗ୍ରୁପ ସମେତ ବିଭିନ୍ନ ଅନୁଷ୍ଠାନ ବରଗଡ଼ରେ କ୍ୟାନସର ହସ୍ପିଟାଲ ସ୍ଥାପନ ପାଇଁ ଦାବି କରିଥିଲେ। ସେହି ଦାବିକୁ ସମ୍ମାନ ଜଣାଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବରଗଡ଼ରେ କ୍ୟାନସର ହସ୍ପିଟାଲ ସ୍ଥାପିତ କରିଥିଲେ। ୨୦୨୧ ଶେଷଭାଗକୁ କ୍ୟାନସର ହସ୍ପିଟାଲ ନିର୍ମାଣ ପାଇଁ ଟେଣ୍ଡର ହୋଇ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥି ସଙ୍ଗେସଙ୍ଗେ ହସ୍ପିଟାଲ ପାଇଁ ଆବଶ୍ୟକୀୟ ଯନ୍ତ୍ରପାତି ଯୋଗାଇ ଦିଆଯାଇଥିଲା ଏବଂ ୨୦୨୪ ଜାନୁଆରୀ ମାସରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଏହା ଲୋକାର୍ପିତ ହୋଇଥିଲା। ଏଥିସହିତ ୩ଜଣ ଡାକ୍ତର ଓ ପାରା ମେଡିକାଲ ଷ୍ଟାଫ ନିଯୁକ୍ତି ଦିଆଯାଇ କ୍ୟାନସର ହସ୍ପିଟାଲ କାର୍ଯ୍ୟକ୍ଷମ କରାଯାଇଥିଲା। କିନ୍ତୁ ଉଚ୍ଚଶିକ୍ଷା ପାଇଁ ସମ୍ପୃକ୍ତ ଡାକ୍ତରମାନେ ରାଜ୍ୟ ବାହାରକୁ ଚାଲିଯିବା ପରେ ସେହିଦିନଠାରୁ ଉକ୍ତ କ୍ୟାନସର ହସ୍ପିଟାଲରେ ତାଲା ଝୁଲୁଛି। କ୍ୟାନସର ହସ୍ପିଟାଲର ଏଭଳି ଅଚଳାବସ୍ଥାକୁ ନେଇ ବରଗଡ଼ ଜିଲା ବିଜେଡି ଗତମାସ ୧୬ତାରିଖ ଏକ ଖବରଦାତା ସମ୍ମିଳନୀରେ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରି ଆନ୍ଦୋଳନ ଚେତାବନୀ ଦେଇଥିବାବେଳେ ଗତ ୨୦ତାରିଖ ଫୋରମ ଫର୍ କ୍ୟାନସର ହସ୍ପିଟାଲ ଏଟ ବରଗଡ଼ର ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟି ଉକ୍ତ କ୍ୟାନସର ହସ୍ପିଟାଲକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ଦାବି ଜଣାଇଥିଲେ।

## ବାଉଁଶୁଣୀରେ ଗଜଲକ୍ଷ୍ମୀ ପୂଜା ଆରମ୍ଭ


ବାଉଁଶୁଣୀରେ ପୂଜା ପାଉଥିବା ମା' ଗଜଲକ୍ଷ୍ମୀଙ୍କ ମୂର୍ତ୍ତି।

ବାଉଁଶୁଣୀ,୫।୧୦(ଦେବାଶିଷ ନେପାକ)

ବୌଦ୍ଧ ବ୍ଲକ ବାଉଁଶୁଣୀଠାରେ ରବିବାର ଅପରାହ୍ନ ୩ଟା ସମୟରେ ଗଜଲକ୍ଷ୍ମୀ ପୂଜା କମିଟି ଆନୁକୂଲ୍ୟରେ ୧୩ ତମ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି। ଏଥିରେ ପୂଜକ ସଚିନ ପୁରୋହିତ ପୂଜା କାର୍ଯ୍ୟ ତୁଲାଉଥିବା ବେଳେ ଚିତ୍ତ ରଞ୍ଜନ ମହାରଣା କର୍ତ୍ତା ଦାୟିତ୍ୱରେ ଅଛନ୍ତି। ସଦସ୍ୟ ଅଶ୍ୱିନୀ ସାହୁ, କାଳିଆ ନାଏକ, ଦେବାଶିଷ ନେପାକ, ବାସୁ ମେହେର, ଗଙ୍ଗା ମେହେର, ଆଶିଷ ମହାରଣା, ଅମ୍ବରେଶ ମେହେର, ରାଜା ଦାସ ପ୍ରମୁଖ ସହଯୋଗ କରୁଛନ୍ତି।

## ଅବସରପ୍ରାପ୍ତ ଯବାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ବରପାଲି,୫।୧୦(ଚିତ୍ତରଞ୍ଜନ ସାହୁ)

ବରପାଲି ବ୍ଲକ ସତଲମା ଗ୍ରାମପଞ୍ଚାୟତ ଅନ୍ତର୍ଗତ ସିର୍କିଡି ଗ୍ରାମର ଅବସରପ୍ରାପ୍ତ ଯବାନ ଗଣେଶ ସାହୁଙ୍କୁ ରବିବାର ସ୍ୱାଗତ ସମ୍ବର୍ଦ୍ଧନା ସଭା ନିଜ ଗାଁରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ବରପାଲି ଜଗନ୍ନାଥ ନଗର ଦୁର୍ଗାପୂଜା କମିଟି ତରଫରୁ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଜଗନ୍ନାଥ ନଗର ଦୁର୍ଗାପୂଜା କମିଟି ତରଫରୁ କିସନ ଅଗ୍ରୱାଲ ଏବଂ ସିର୍କିଡି ଗ୍ରାମ୍ୟ କମିଟିର ସଭାପତି ଗତିକୃଷ୍ଣ ତ୍ରିପାଠୀ, ସମ୍ପାଦକ ମାଣିଆ ମିର୍ଦ୍ଧା ପ୍ରମୁଖ ଉପସ୍ଥିତ ଥିଲେ। ପରେ ପରେ ଏକ ବିଶାଳ ଶୋଭାଯାତ୍ରାରେ ବରପାଲିରୁ ବାହାରି ସିର୍କିଡି ଗ୍ରାମ ପରିକ୍ରମା କରିଥିଲେ। ଏହି ଅବସରରେ ଗ୍ରାମର ଯୁବକମାନେ ବାଇକ୍ ଶୋଭାଯାତ୍ରା କରି ନିଜଗ୍ରାମକୁ ସ୍ୱାଗତ କରି ଆଣିଥିଲେ। ଜୟ ଯବାନ, ଜୟ କିଷାନ, ବନ୍ଦେ ମାତରମ୍, ଭାରତମାତା କି ଜୟ ଧ୍ୱନିରେ ସମଗ୍ର ଅଞ୍ଚଳ ମୁଖରିତ ହୋଇଥିଲା।

## ବୌଦ୍ଧରେ ମା' ଦୁର୍ଗାଙ୍କ ଭସାଣି ଉତ୍ସବ

ବୌଦ୍ଧ,୫।୧୦(ଅଜିତ କୁମାର ବାରିକ)

**ପାରମ୍ପରିକ ନୃତ୍ୟ, ବାଦ୍ୟରେ କମ୍ପିଲା ସହର**

ଦଶହରାରେ ବୌଦ୍ଧ ସହରର ବିଭିନ୍ନ ମଣ୍ଡପରେ ପୂଜିତ ମୂର୍ତ୍ତିଗୁଡିକର ଭସାଣ ଉତ୍ସବ ରବିବାର ପାଳିତ ହୋଇଛି। ଏହି ଅବସରରେ ସହରର ସମସ୍ତ ପୂଜା ମଣ୍ଡପରୁ ଦେବୀମାନଙ୍କୁ ସୁସଜ୍ଜିତ ଖୋଲା ଗାଡିରେ ସହର ପରିକ୍ରମା କରାଯାଇଥିଲା। ପରେ ମହାନଦୀ ବ୍ରିଜ୍ ନିକଟରେ ପୂର୍ବରୁ ପ୍ରସ୍ତୁତ ଥିବା କୃତ୍ରିମ ଜଳାଶୟରେ ମା'ଙ୍କ ପ୍ରତିମାଗୁଡିକୁ ବିସର୍ଜନ କରାଯାଇଥିଲା। ଭସାଣି ଉତ୍ସବରେ ପୂଜା କମିଟିଗୁଡିକ ପାରମ୍ପରିକ ନୃତ୍ୟ ଓ ବାଦ୍ୟକୁ ଆପଣାଇଥିଲେ। ଢୋଲ, ନିଶାନ, ଦୁଲଦୁଲି, ଘଣ୍ଟ, ଶଙ୍ଖ, ମୃଦଙ୍ଗ ବାଦ୍ୟର ତାଳେ ତାଳେ ପୂଜା କମିଟି ସଦସ୍ୟମାନେ ଦେବଦେବୀଙ୍କୁ ବିଦାୟ ଦେଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବୌଦ୍ଧ ଥାନା ପକ୍ଷରୁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।

## ଏସ୍‌ସି, ଏସ୍‌ଟି କର୍ମଚାରୀ କଲ୍ୟାଣ ସମନ୍ୱୟ ପରିଷଦ ଗଠିତ


ବୈଠକରେ ଉପସ୍ଥିତ କର୍ମଚାରୀଗଣ।

ବୌଦ୍ଧ,୫।୧୦(ଅଜିତ କୁମାର ବାରିକ)

ଓଡିଶା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କର୍ମଚାରୀ କଲ୍ୟାଣ ସମନ୍ୱୟ ପରିଷଦର ବୌଦ୍ଧ ଜିଲା ଶାଖା କମିଟିର ପୁନର୍ଗଠନ ହୋଇଛି। ଏହି ଉପଲକ୍ଷେ ସ୍ଥାନୀୟ କର୍ମଚାରୀ ଭବନରେ ରବିବାର ରାଜ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସଂଘ ପର୍ଯ୍ୟବେକ୍ଷକ କନ୍ଧମାଳ ଜିଲା ସଭାପତି ସୁଜନ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ହରଭଙ୍ଗା ବ୍ଲକ ସଭାପତି ଜିତନ୍ଦ୍ରେ ପ୍ରଧାନ, କଣ୍ଟାମାଳ ବ୍ଲକ ସଭାପତି ତିଳେଶ୍ୱର ଭୋଇ ଉପସ୍ଥିତ ଥିଲେ। ଏଥିରେ ଜିଲା ଶାଖା ସଭାପତି ଭାବେ ନବକିଶୋର ଦୀପ, କାର୍ଯ୍ୟକାରୀ ସଭାପତି ବେଦବର ପ୍ରଧାନ, ସମ୍ପାଦକ ଶଶାଙ୍କ ଶେଖର ଦାସ, ସଙ୍ଗଠନ ସମ୍ପାଦକ ସତ୍ୟନାରାୟଣ ନାୟକ, ନିୟୋଜନ ସମ୍ପାଦକ ମହେଶ କୁମାର ସେଠି, ସାଂସ୍କୃତିକ ସମ୍ପାଦକ ଅୟନ୍ ଲୁହା, ଅର୍ଥ ବିଭାଗ ସମ୍ପାଦକ ଭାବେ ରବୀନ ମଲିକଙ୍କୁ ମନୋନିତ କରାଯାଇଥିଲା। ସେହିପରି ଉପଦେଷ୍ଟା ଭାବେ କ୍ଷେତ୍ରବାସୀ ଭୋଇ, ରାଜକୁମାର ବେହେରା, ରଞ୍ଜିତ ନାଏକଙ୍କୁ ମନୋନିତ କରାଯାଇଥିଲା। ବୈଠକରେ ଗିରିଜା ଶଙ୍କର ଦାସ, ବେଦବ୍ୟାସ ବେହେରା, ମାନସ ରଞ୍ଜନ ନାଏକ, ଗୋପାଳ ମାଝୀ, ତେଜରାଜ କହଁର, ବିଜୟ କୁମାର ଦୀପ, ନିରଞ୍ଜନ ଭବସାଗର, ସଞ୍ଜୟ ନାୟକ, ସୁରେନ୍ଦ୍ର ମାଝୀ, ସତ୍ୟନାରାୟଣ ପ୍ରଧାନ, ଭାଗିରଥି ଦୀପ, ସୁଧାଂଶୁ ଶେଖର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## କୋଶଳ ଆନ୍ଦୋଳନ ରଣନୀତି ସମ୍ପର୍କରେ ବୈଠକ


ବୈଠକରେ ଆଲୋଚନା ଚାଲିଛି।

ପଦ୍ମପୁର,୫।୧୦(ପ୍ରଦୀପ୍ତ ଦାଶ)

ପଦ୍ମପୁର କଚେରି ପରିସରରେ କୋଶଳ ସେନା, କୋଶଳ ମୁକ୍ତି ମୋର୍ଚ୍ଚା, ପଶ୍ଚିମ ଓଡ଼ିଶା ଯୁବା ମଞ୍ଚ, ସଂଯୁକ୍ତ କୃଷକ ସଙ୍ଗଠନ ବରଗଡ଼ର ଆବାହକମାନଙ୍କୁ ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କୋଶଳ ମୁକ୍ତିମୋର୍ଚ୍ଚାର ମୁଖ୍ୟ ପରାମର୍ଶଦାତା ତଥା ସଂଯୁକ୍ତ କୃଷକ ସଙ୍ଗଠନର ଉପଦେଷ୍ଟା ଅଜିତ ଶତପଥୀ ସଭାପତିତ୍ୱ କରିଥିଲେ। କୋଶଳ ସେନାର ବୀରବଲ ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ। ଆଗାମୀ ଦିନରେ କୋଶଳ ଆନ୍ଦୋଳନର ରଣନୀତି ସାଙ୍ଗେ କୋଶଳ ମହାବନ୍ଦର ପ୍ରସ୍ତୁତି ଲାଗି ଆସନ୍ତା ୧୧ ତାରିଖ ନୃସିଂହନାଥରେ ପ୍ରସ୍ତୁତି ବୈଠକ ହେବ। ସବୁ କୋଶଳ ବାଦୀ ସଂଗଠନକୁ ବୈଠକରେ ଆହ୍ୱାନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା।

## ଆଦର୍ଶ ଶିକ୍ଷକଙ୍କ ଜୟନ୍ତୀ ସମାରୋହ


ଜୟନ୍ତୀ ସମାରୋହରେ ଅତିଥି ଏବଂ ଛାତ୍ରୀଛାତ୍ରବୃନ୍ଦ।

ବରଗଡ଼,୫।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତା ପ୍ରାଥମିକ ସ୍କୁଲର ପ୍ରଧାନ ଶିକ୍ଷକ ସ୍ୱର୍ଗତ ମହାଦେବ ଭୋଇଙ୍କ ଜୟନ୍ତୀ ସମାରୋହ ଶନିବାର ପାଳିତ ହୋଇଯାଇଛି। ଅମ୍ବାଭୋନା ବ୍ଲକ ବୁଙ୍ଗାପାଲି ନିକଟସ୍ଥ ଲାଉନସରା ଗ୍ରାମବାସୀ ଏବଂ କୋଶଳଟାଇମ ଆନୁକୂଲ୍ୟରେ ଏହି ସମାରୋହ ହୋଇଥିଲା। ଜୟନ୍ତୀ ସଭାରେ କୋଶଳ ଟାଇମର ସମ୍ପାଦକ ସଞ୍ଜୀବ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। ଲରମ୍ବା ମହା ବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ନେପାଳ ପ୍ରଧାନ ମୁଖ୍ୟ ଅତିଥି, ଆଦର୍ଶ ଶିକ୍ଷକ ଟଙ୍କଧର ପ୍ରଧାନ ମୁଖ୍ୟବକ୍ତା, ସୁରେଶ ପ୍ରଧାନ ଏବଂ ଶିକ୍ଷକ ବୈଷ୍ଣବ ଭୋଇ ସମ୍ମାନିତ ଅତିଥି ଭାବରେ ମଞ୍ଚାସୀନ ହୋଇଥିଲେ। ଏହି ଅବସରରେ ନବଘନ କାଲୋ ଏବଂ ପୁରଞ୍ଜନ ସେଠଙ୍କୁ ମାନପତ୍ର ଏବଂ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ସଭାରେ ଅଙ୍ଗିରା ଦେହେରି, ଟଙ୍କଧର ପ୍ରଧାନ, ପ୍ରେମାନନ୍ଦ ସା, ମହେନ୍ଦ୍ର ପଧାନ ପ୍ରମୁଖ ସ୍ୱର୍ଗତ ଭୋଇଙ୍କ ସ୍ମୃତିଚାରଣ କରିଥିଲେ। ଉପସ୍ଥିତ ଶିଶୁମାନଙ୍କୁ ଖାତା ଏବଂ କଲମ ବଣ୍ଟନ କରାଯାଇଥିଲା। ଶିକ୍ଷକ ମନୋହର ସାହୁ ସଭାକାର୍ଯ୍ୟ ସଂଯୋଜନା କରିଥିଲେ। ଲାଉନସରା ଗ୍ରାମର ଶିଶୁମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସଭାକାର୍ଯ୍ୟ ପରେ କୋଶଳଟାଇମର ଆବାହକତ୍ୱରେ ସାମାଜିକକର୍ମୀ ପ୍ରେମାନନ୍ଦ ସା କଲେଜ ଛାତ୍ରୀ ସୁବାସିନୀ ଧରାଇଙ୍କୁ ଉଚ୍ଚଶିକ୍ଷା ପାଇଁ ଅର୍ଥର ସୁବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସଭା ଶେଷରେ କଲେଜ ଛାତ୍ରୀ ସୁବାସିନୀ ଧରାଇ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଗ୍ରାମ ମଧ୍ୟରେ ଦୁଇଟି ବଉଳ ଗଛ ଏହି ସଭାର ସ୍ମାରକୀ ସ୍ୱରୂପ ରୋପଣ କରାଯାଇଥିଲା।

## କାରାଗାରରେ ପୋଲିସର ଅତର୍କିତ ଚଢ଼ାଉ

ବରଗଡ଼/ପଦ୍ମପୁର/ ସୋହେଲା, ୫।୧୦
(ପ୍ରେମାନନ୍ଦ ଖମାରୀ/ ପ୍ରଦୀପ୍ତ ଦାଶ/ ଅଶ୍ୱିନୀ ପାତ୍ର)

ବରଗଡ଼ ଜିଲାର କାରାଗାର (ଜେଲ) ଗୁଡିକରେ ରବିବାର ସକାଳୁ ପୋଲିସ ପକ୍ଷରୁ ଅତର୍କିତ ଚଢ଼ାଉ କରାଯାଇଥିଲା। ବରଗଡ଼ ଏସ୍‌ପି ପି.ଏସ୍. ମୀନାଙ୍କ ତତ୍ତ୍ୱାବଧାନରେ ବରଗଡ଼ କାରାଗାର ସମେତ ପଦ୍ମପୁର ଏବଂ ସୋହେଲା ଉପ କାରାଗାରରେ ଏହି ଚଢାଉ ହୋଇଥିଲା। ଚଢ଼ାଉରେ କାରାଗାର ଭିତରୁ ବିଭିନ୍ନ ତମାଖୁ ସାମଗ୍ରୀ ଅର୍ଥାତ୍ ଭାଙ୍ଗ, ବିଡି, ଗୁଟଖା ଏବଂ ଦିଆସିଲି ଆଦି ଜବତ ହୋଇଛି। ଜବତ ସାମଗ୍ରୀକୁ ନଷ୍ଟ କରି ଦିଆଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ କାରାଗାରଗୁଡିକରେ ସୁରକ୍ଷା ଦାୟିତ୍ୱରେ ଅନେକ କର୍ମଚାରୀ ନିୟୋଜିତ ରହିଥିବା ସତ୍ତ୍ୱେ କିଭଳି ତାହା ବିଚାରାଧୀନ ବନ୍ଦୀଙ୍କ ପାଖକୁ ପହଞ୍ଚିଲା, ତାକୁ ନେଇ ସାଧାରଣରେ ନାନା ସନ୍ଦେହ ପ୍ରକାଶ ପାଇଛି। କାରାଗାରରେ ଢିଲା ସୁରକ୍ଷା ବ୍ୟବସ୍ଥାକୁ ଏହା ପଦାରେ ପକାଇ ଦେଇଛି ବୋଲିସାଧାରଣରେଆଲୋଚିତହେଉଛି।

## ମହିଳାଙ୍କ ମୃତ୍ୟୁ, ହତ୍ୟା ଅଭିଯୋଗ ଆଣିଲେ ପରିବାର

ଭଟଲି,୫।୧୦(ବିଜୟ ମେହେର)

ବରଗଡ଼ ବ୍ଲକ ଅନ୍ତର୍ଗତ ତାଳଶ୍ରୀଗିଡ଼ା ଗ୍ରାମରେ ଶନିବାର ରାତିରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଭଟଲି ଗ୍ରାମର ଗୌରାଙ୍ଗ ସାହୁଙ୍କ ଝିଅ ତୁଳସୀ। ତୁଳସୀଙ୍କ ବାପାଘର ଲୋକେ ଏହା ଏକ ଯୌତୁକଜନିତ ହତ୍ୟା ବୋଲି ଅଭିଯୋଗ କରିଛନ୍ତି। ଏତଲାକୁ ଆଧାର କରି ବରାହଗୋଡା ଥାନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ୧୭ ଫେବୃଆରୀ ୨୦୨୪ରେ ବରଗଡ଼ ବ୍ଲକ ଅନ୍ତର୍ଗତ ତାଳଶ୍ରୀଗିଡ଼ା ଗ୍ରାମରେ ତୁଳସୀଙ୍କ ବିବାହ ହୋଇଥିଲା। ବିବାହ ସମୟରେ ବାପାଘର ଲୋକେ ଧାରକରଜ କରି ଝିଅକୁ ସବୁ ସାମଗ୍ରୀ ଦେଇଥିଲେ। ବିବାହର କିଛି ମାସ ସବୁ ଠିକ୍ ଥିଲା। ପରେ ଝିଅକୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଥିବା ନେଇ ତୁଳସୀ ପିତାଙ୍କୁ କହିଥିଲେ। ଗତ ୨୧ ଅଗଷ୍ଟ ୨୦୨୫ରେ ତୁଳସୀଙ୍କ ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। କିନ୍ତୁ ଶ୍ୱଶୁର ଘର ଲୋକେ ତୁଳସୀଙ୍କ ଯତ୍ନ ଠିକ୍ ଭାବରେ ନେଉ ନ ଥିଲେ। ଏ ନେଇ ତୁଳସୀ ତାଙ୍କ ବାପାଘର ଲୋକଙ୍କୁ ଜଣାଇଥିଲେ। ଶନିବାର ମଧ୍ୟରାତ୍ରିରେ ତୁଳସୀଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକେ ନ ଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ବରଗଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ଶ୍ୱଶୁର ଘରକୁ ହସ୍ତାନ୍ତର କରାଯାଇଛି।

## କାଳୀପୂଜା ପାଇଁ ପ୍ରସ୍ତୁତି ବୈଠକ

ପାଇକମାଳ,୫।୧୦(ବଡ଼ ଶତପଥୀ)

ପାଇକମାଳ ବ୍ଲକ ଜାମସେଠରେ ହେବାକୁ ଥିବା ସାର୍ବଜନୀନ କାଳୀପୂଜା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୂଜା କିପରି ଶାନ୍ତିଶୃଙ୍ଖଳାରେ ଆୟୋଜନ ହେବ ସେନେଇ ବୈଠକ ଆଲୋଚନା ହୋଇଥିଲା। ଏହା ଅକ୍ଟୋବର ୨୦ରୁ ଆରମ୍ଭ ହୋଇ ୨୨ରେ ସମ୍ପନ୍ନ ହେବ। ପ୍ରତ୍ୟେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ଓ ଶେଷ ଦିନ ରାବଣ ପୋଡ଼ି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ପୂଜା କମିଟି ସ୍ଥିର କରିଛି। ସର୍ବସମ୍ମତିକ୍ରମେ ସଭାପତି ଭାବରେ କ୍ଷିରୋଦ ମାଝୀ, ଉପସଭାପତି ପ୍ରମୋଦ ରାଏ, ସମ୍ପାଦକ ଶତ୍ରୁଘ୍ନ ସାହୁ, କୋଷାଧ୍ୟକ୍ଷ ସନ୍ତୋଷ ପୁଝାରୀ, ସହ କୋଷାଧ୍ୟକ୍ଷ କୁଶଳ ରଣା, ଉପଦେଷ୍ଟା ଭାବରେ ଆର୍ତ୍ତତ୍ରାଣ ସାହୁ, ସରୋଜ ପଟ୍ଟନାୟକ, ଅମୀୟ ରଣା, ନାରାୟଣ ପ୍ରଧାନ, ନଟବର ପ୍ରଧାନ, ରମାକାନ୍ତ ପ୍ରଧାନ, ପ୍ରଦୀପ ସାହୁ ଓ କାର୍ଯ୍ୟକାରୀ ସଭ୍ୟ ଭାବରେ ପାର୍ଥ ରଣା, ତ୍ରିନାଥ ରଣା, ପ୍ରଦୀପ ହଂସ, ଅକ୍ଷୟ ପ୍ରଧାନ, ନେତ୍ରାନନ୍ଦ ରଣା, ସୁରେଶ ରଣା, ରବି ରଣା, ପ୍ରତାପ ସାହୁ, ଦେବାଶିଷ ପଟ୍ଟନାୟକ, ମଦନ ଭୋଇ ପ୍ରମୁଖ କମିଟିରେ ଅଛନ୍ତି। ଏହି ବୈଠକରେ ନେତାଜୀ କ୍ଲବର ସମସ୍ତ ସଦସ୍ୟ ତଥା ଗ୍ରାମବାସୀମାନେ ଉପସ୍ଥିତ ଥିବା ବେଳେ ସଭା ଶେଷରେ ପ୍ରମୋଦ ରାଏ ଧନ୍ୟବାଦ ଦେଇଥିଲେ।

## ବରାହଗୋଡାର ମାଁ ପରାପାଟ ଦେବୀଙ୍କ ଜୁଗାର ଯାତ୍ରାର ଝଲକ


ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ାରେ ମାଁ ପରାଁପାଟ୍ ଦେବୀ।


ମାଁ ପରାଁପାଟ୍ ଦେବୀଙ୍କ ଜୁଗାର ଯାତ୍ରା ।


ମାଁ ପରାଁପାଟ୍ ଦେବୀଙ୍କ ଜୁଗାର ଯାତ୍ରାରେ ଝିଅମାନଙ୍କ ନୃତ୍ୟ।

# ସମାଜ ପରିବର୍ତ୍ତନରେ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ

## ଇସ୍ପାତ ସାହିତ୍ୟ ସଂସଦର ବାର୍ଷିକୋତ୍ସବ

ରାଉରକେଲା,୫।୧୦(ବିପ୍ଳବ ରଞ୍ଜନ ଦାଶ)



ବାର୍ଷିକୋତ୍ସବରେ ଜଣେ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ରାଉରକେଲା ଇସ୍ପାତ ସାହିତ୍ୟ ସଂସଦର ଦ୍ୱିଦିବସୀୟ ୫୫ତମ ବାର୍ଷିକୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ସଭାରେ ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକ ମୁଖ୍ୟ ଅତିଥି, ସାମାଜିକ କର୍ମୀ ଶଶଧର ପଣ୍ଡା ଉଦ୍‌ଘାଟକ ଏବଂ ସାହିତ୍ୟିକ ଡ. ଅଶ୍ୱିନୀ କୁମାର ରାୟ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ସଂସଦର ସଭାପତି ନୃସିଂହ ଚରଣ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ମନୋଜ କୁମାର ନନ୍ଦ ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପ ସଭାପତି ରଶ୍ମିବାଳା ରାଉତରାୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମାଜ ଓ ସାହିତ୍ୟ ପରସ୍ପରର ପରିପୂରକ। ସମସ୍ତ ବର୍ଗର ଲୋକ ବିଶେଷ କରି ଛାତ୍ରଛାତ୍ରୀମାନେ ସାହିତ୍ୟ ପ୍ରତି ଆଗ୍ରହୀ ହେବାକୁ ମୁଖ୍ୟ ଅତିଥି ନାୟକ ପରାମର୍ଶ ଦେଇଥିଲେ। ଏହି ଅବସରରେ ସଂସଦର ସଦସ୍ୟା ସଦସ୍ୟ ସୁବ୍ରତା ପତି, ସୁମିତ୍ରା ବାରିକ, ଅର୍ଚ୍ଚନା ପାତ୍ର, ବିଷ୍ଣୁ ପ୍ରସାଦ ନାୟକ, ପୁଷ୍ପଲତା ବିଶ୍ୱାଳ ଓ ସୁଚିତ୍ରା ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ସୁଶୀଳ କୁମାର ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। ଉଦ୍‌ଯାପନୀ ଦିବସରେ ସଂସଦ ସଭାପତି ନୃସିଂହ ଚରଣ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର ସାହିତ୍ୟ ଏକାଡେମୀର ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଡ. ମନୋଜ କୁମାର ପଣ୍ଡା ମୁଖ୍ୟ ବକ୍ତା ଏବଂ ସମ୍ବଲପୁର ମହିଳା ମହାବିଦ୍ୟାଳୟର ଓଡ଼ିଆ ବିଭାଗ ପ୍ରାଧ୍ୟାପକ ଅଖିଳ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଲେଖିକା ସୁସ୍ମିତା ମହାପାତ୍ରଙ୍କ ସଂଯୋଜନାରେ ସଂସଦର ବାର୍ଷିକ ମୁଖପତ୍ର 'ପ୍ରବକ' ଉନ୍ମୋଚିତ ହୋଇଥିଲା। ଏଥିସହ ସାହିତ୍ୟିକ ଡ. ଅଶ୍ୱିନୀ କୁମାର ରାୟ, ଲେଖିକା ଡା. ଗୀତାଞ୍ଜଳି ପତ୍ରୀ ଏବଂ ସାହିତ୍ୟିକ ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟଙ୍କୁ ବ୍ୟାସକବି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଲେଖିକା ତଲିରାଣୀ ବ୍ରହ୍ମାଙ୍କ ଅଧ୍ୟକ୍ଷତାରେ ଏକ କବିତା ପାଠ କାର୍ଯ୍ୟକ୍ରମ ହୋଇଥିଲା। ଉପଦେଷ୍ଟା ତ୍ରିଲୋଚନ ମଥାନ, ବ୍ରଜେନ୍ଦ୍ର ଦାସ, ହରମୋହନ ମିଶ୍ର, ରଘୁବର ଧଳ, କାର୍ଯ୍ୟକାରୀ ସଭାପତି ପ୍ରତାପ ପଣ୍ଡା, ସଦସ୍ୟ ଉପେନ୍ଦ୍ର ବସ୍ତିଆ, ସବିତା ବସ୍ତିଆ, ଉର୍ବଶୀ ଦାସ, ସୁମିତ୍ରା ମିଶ୍ର, ମମତା ଜେନା, ଗୀତାରାଣୀ ବେହେରା, ଶରତ ସୁତାର, ପ୍ରକାଶ ଚନ୍ଦ୍ର ସେଠୀ ଓ ଗୌତମ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ଶ୍ରୀହରି ମନ୍ଦିର ରଥ ଉଦ୍‌ଘାଟିତ





ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ରାଉରକେଲା,୫।୧୦(ବିପ୍ଳବ ରଞ୍ଜନ ଦାଶ)

ସୁନ୍ଦରଗଡ ଜିଲାରେ ପ୍ରାଥମିକ ଶିକ୍ଷା ସହିତ ସଂସ୍କାର ଶିକ୍ଷା, ଗ୍ରାମବାସୀଙ୍କ ପାଇଁ ଜାଗରଣ ଶିକ୍ଷା, ଆରୋଗ୍ୟ ଶିକ୍ଷା ତଥା ଗ୍ରାମ ବିକାଶ ଶିକ୍ଷା ଉପରେ ଯୋଜନା କରି ସଠିକ କ୍ରିୟାନ୍ୱୟନ ପାଇଁ ଏକଲ ଅଭିଯାନ ଅଧୀନ ଏକଲ ଶ୍ରୀହରି ମନ୍ଦିର ରଥକୁ ରବିବାର ଉଦ୍‌ଘାଟନ କରାଯାଇଛି। ରାଉରକେଲା ସେକ୍ଟର-୧୪ରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ତଥା ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ଏବଂ ହରି କଥା ରଥ ବିଭାଗର ଓଡ଼ିଶା ପ୍ରଭାରୀ ବସନ୍ତ କୁମାର ଦାନୀ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି ଏହି ରଥକୁ ଉଦ୍‌ଘାଟନ କରିଥିଲେ। ଏହି ରଥରେ ଶ୍ରୀରାମ, ଲକ୍ଷ୍ମଣ, ସୀତା ଏବଂ ହନୁମାନଙ୍କ ଅଷ୍ଟ ଧାତୁ ମୂର୍ତ୍ତି ସହିତ ଜଣେ ସାରଥି, ପୂଜକ, ପ୍ରବଚକ ଏବଂ ସଂଯୋଜକ ରହିଛନ୍ତି। ଏମାନେ ଯୋଜନା ମୁତାବକ ପ୍ରତ୍ୟେକ ଆଦିବାସୀ ଅଧ୍ୟୁଷିତ ଗ୍ରାମକୁ ଯାଇ ପ୍ରବଚନ ମାଧ୍ୟମରେ ସନାତନ ସଂସ୍କୃତିର ପରିଚୟ ତଥା ସମସ୍ତ ଆଦିବାସୀ ସନାତନୀ ହିନ୍ଦୁ ଆବହମାନ କାଳରୁ ରହିଆସିଥିବା ଭିଡିଓ ମାଧ୍ୟମରେ ପ୍ରସାରଣ କରିବା ବ୍ୟବସ୍ଥା କରାଯାଇଛି। ଏହାସହିତ ଏହି ରଥ ମାଧ୍ୟମରେ ଜନସାଧାରଣଙ୍କୁ ପୁଷ୍ଟିକର, ତ୍ୟାଗ, ମାଦକ ଦ୍ରବ୍ୟ ବର୍ଜନ ସହିତ ଯୁବ ସମାଜକୁ ବିଗ୍ରଦର୍ଶନ ଦେବା ପାଇଁ ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି।

# ହବିଷିଆଳୀଙ୍କୁ ଯୋଗାଇ ଦିଆଯିବ ସମସ୍ତ ସୁବିଧା

## ରାଧାକୃଷ୍ଣ ମନ୍ଦିର ସେବା ସମିତି ବୈଠକରେ ନିଷ୍ପତ୍ତି

ରାଉରକେଲା,୫।୧୦(ଦିନେଶ ମିଶ୍ର)

ରାଉରକେଲା ସେକ୍ଟର-୧୫ ସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସରରେ ଶ୍ରୀ ଶ୍ରୀ ରାଧାକୃଷ୍ଣ ମନ୍ଦିର ସେବା ସମିତି ଅଧ୍ୟକ୍ଷ ହରିହର ରାଉତରାୟଙ୍କ ଅଧ୍ୟକ୍ଷତାରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୭ ତାରିଖରୁ କାର୍ତ୍ତିକ ମାସ ଆରମ୍ଭ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ କାର୍ତ୍ତିକ ହବିଷିଆଳୀମାନଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯିବା ନେଇ ରାଉତରାୟ ସୂଚନା ଦେଇଥିଲେ। ଚଳିତ ବର୍ଷ କାର୍ତ୍ତିକ ମାସରେ ହବିଷିଆଳୀମାନଙ୍କ ପାଇଁ ରାଧାକୃଷ୍ଣ ମନ୍ଦିର ପରିସରରେ ରହିବା ସହ ଖାଇବା ବ୍ୟବସ୍ଥା କରାଯାଉଛି। ଏଥିସହ ସେମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଦିଗରେ ଧ୍ୟାନ ଦିଆଯିବ ବୋଲି ସମିତି ସଭାପତି ଉତ୍ତମ କୁମାର ସାମଲ କହିଛନ୍ତି। ଉପସଭାପତି ଦିଲୀପ ସାହୁ, ପ୍ରସନ୍ନ କୁମାର ତ୍ରିପାଠୀ, ସରସ୍ୱତୀ ବେହେରା, କସ୍ତୁରି ସାମଲ, ସସ୍ମିତା ଜେନା, ଗମ୍ଭୀର ନାୟକ, ରେଖା କୋଠାରୀ, ସୁଜାତା ନାୟକ, ଗୀତାଞ୍ଜଳି ସାମଲ, ନିତ୍ୟାନନ୍ଦ ଜେନା, ନାରାୟଣ ସାମଲ, ବିଷ୍ଣୁ ଚରଣ ବିଶ୍ୱାଳ, ଧବଳେଶ୍ୱର ବିଶ୍ୱାଳ, ଶ୍ରୀକାନ୍ତ ସାମଲ, ପ୍ରଦୀପ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିବା ସୂଚନା ପ୍ରଦାନ କରାଯାଇଛି।

# ବିଶ୍ୱ ନବନିର୍ମାଣ ପ୍ରଦର୍ଶନୀ ଶୋଭାଯାତ୍ରା



ଶୋଭାଯାତ୍ରା ସହର ପରିକ୍ରମା କରୁଛି।

ରାଉରକେଲା,୫।୧୦(ଦିନେଶ ମିଶ୍ର)

ରାଉରକେଲା ସିଭିଲଟାଉନସିପ୍ ସ୍ଥିତ ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ୫୪ତମ ବାର୍ଷିକୋତ୍ସବ ବ୍ରହ୍ମକୁମାରୀ ରାଜଯୋଗିନୀ ମଧୁସ୍ମିତା ଦିଦିଙ୍କ ଅଧ୍ୟକ୍ଷତାରେ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ବିଶ୍ୱ ନବନିର୍ମାଣ ପ୍ରଦର୍ଶନୀ ଶୀର୍ଷକ ଏକ ବିଶାଳ ଶୋଭାଯାତ୍ରା କରାଯାଇଥିଲା। ଏହି ଶୋଭାଯାତ୍ରା ବ୍ରହ୍ମକୁମାରୀ ସିଭିଲଟାଉନସିପ୍‌କେନ୍ଦ୍ରରୁ ଆରମ୍ଭ ହୋଇ ପାନପୋଷ ଛକରେ ପହଞ୍ଚିଥିଲା। ବରିଷ୍ଠ ଚକ୍ଷୁରୋଗ ବିଶେଷଜ୍ଞ ଡାକ୍ତର ବର୍ମା ଓ ଏନ୍‌ଏସ୍‌ସିଏଲ୍ ଭିଜିଲାନ୍ସ ଏଜିଏମ୍ ଅରୁଣ କୁମାର ସାହୁ ଏହି ଶୋଭାଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଡିଭାଇନ ଫାଉଣ୍ଡେସନର ପ୍ରତିଷ୍ଠାତା ଗୁରିନ୍ଦର ସିଂହ, ଇସ୍ପାତ ଷ୍ଟିଲ ପ୍ଲାଣ୍ଟର ଅବସରପ୍ରାପ୍ତ ପରିଚାଳନା ନିର୍ଦ୍ଦେଶକ ନୀଳୋତ୍ପଳ ରାୟ, ବ୍ରହ୍ମକୁମାରୀ ସୁନ୍ଦରଗଡ ସବ୍‌ଜୋନ୍‌ର ନିର୍ଦ୍ଦେଶିକା ରାଜଯୋଗିନୀ ବିମଳା ଦିଦି, ସୁନ୍ଦରଗଡ କେନ୍ଦ୍ର ପରିଚାଳିକା ରାଜଯୋଗିନୀ ବ୍ରହ୍ମକୁମାରୀ ଜ୍ୟୋତ୍ସ୍ନା ଦିଦି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଶୋଭାଯାତ୍ରାରେ ୫ ପ୍ରକାର ମହତ୍ତ୍ୱ ଉପରେ ସହରବାସୀଙ୍କୁ ସଚେତନ କରାଯାଇଥିଲା। ସେକ୍ଟର-୨୦ ବ୍ରହ୍ମକୁମାରୀ କେନ୍ଦ୍ରର ପରିଚାଳିକା ଅଞ୍ଜଳି ଦିଦି, ଜୟଶ୍ରୀ ଦିଦି, ଦୀପିକା ଦିଦି, ଜ୍ୟୋତି ଦିଦି, କିରଣ ଦିଦି, ପୁନମ ଦିଦି, ବାଣେଶ୍ୱର ଭାଇ, ମୋହନ ଭାଇ, ଭକ୍ତ ଭାଇ, ପ୍ରତାପ ଭାଇ, ବସନ୍ତ ଭାଇ ପ୍ରମୁଖ ସହଯୋଗ କରିଥିଲେ।

# ବର୍ଷାରେ ଜୀବନଯାତ୍ରା ବ୍ୟାହତ

ରାଉରକେଲା,୫।୧୦(ବିପ୍ଳବ ରଞ୍ଜନ ଦାଶ)

ଇସ୍ପାତ ସହରରେ ରବିବାର ଦୁପରକୁ ତୁହା ବର୍ଷା ସହ ପବନ ଯୋଗୁ ଲୋକଙ୍କ ଜୀବନଯାତ୍ରା ବ୍ୟାହତ ହୋଇଛି। ଡ୍ରେନ୍ ସଫା ନ ହୋଇଥିବାରୁ ମଇଳା ପାଣି ରାସ୍ତା ଉପରେ ପ୍ରବାହିତ ହେଉଛି। ଅନେକ ରାସ୍ତାରେ ଅଳିଆ ଗଦା ଦେଖିବାକୁ ମିଳିଛି, ଅଳିଆ ରାସ୍ତାରେ ପଡ଼ିଛି। ଶନିବାର ବିଳମ୍ବିତ ରାତିରୁ ବର୍ଷା ହୋଇଥିବାରୁ ସହରର ଅନେକ ସ୍ଥାନରେ ଜଳବନ୍ଦୀ ଅବସ୍ଥା ସୃଷ୍ଟି ହୋଇଛି। ବିଶେଷ କରି ସ୍ମାର୍ଟ ସିଟିର ବାଲୁଘାଟ ବସ୍ତି, ଗାଡାଟୋଲା ବସ୍ତି, ମୋଚି ବସ୍ତି, ତରକେରା ବସ୍ତି, ବାଲୁଘାଟ ଉପର ବସ୍ତି ଏବଂ ସେକ୍ଟର-୧୭ ବସ୍ତି ରାସ୍ତାରେ ପାଣିର ସୁଅ ଚାଲିଛି। ପାୱାର ହାଉସ ଛକରୁ ମଧୁସୂଦନ ଛକ ଏବଂ ମହତାବ ରୋଡ୍ ପର୍ଯ୍ୟନ୍ତ ରାସ୍ତାରେ ଥିବା ଖାଲଖମାରେ ପାଣି ଭର୍ତ୍ତି ହୋଇଥିବାରୁ ଦୁର୍ଘଟଣା ଆଶଙ୍କା ରହିଛି। ଆର୍‌ଏମ୍‌ସି ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ଅଖଣ୍ଡ ଭୂୟାଁ ସମାଜର ନୂଆଁଖାଇ ଭେଟ୍‌ଘାଟ୍

ସୁନ୍ଦରଗଡ଼, ୫।୧୦(ଜୟନାରାୟଣ ମେହେର)

ସର୍ବଭାରତୀୟ ଅଖଣ୍ଡ ଭୂୟାଁ ସମାଜର ମଣ୍ଡଳସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ରବିବାର ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ କେଉଁସରା ଶିବ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସାମାଜିକ ଏକତା, କଳା, ସଂସ୍କୃତି ସହ ସମାଜକୁ ସୁସଙ୍ଗଠିତ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ନୂଆଁଖାଇ ଭେଟ୍‌ଘାଟ ହୋଇଆସୁଛି। ପ୍ରାରମ୍ଭରେ, ମା' ଦୁର୍ଗାଙ୍କ ପୂଜାର୍ଚ୍ଚନା ଓ ଦୀପ ପ୍ରଜ୍ୱଳନ ପରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ତପସ୍ୱିନୀ ମାଝୀ, ମୁଖ୍ୟବକ୍ତା ଭାବେ ଉପବାସକ୍ଷେତ୍ରଙ୍କ ସ୍ୱତନ୍ତ୍ର ସଚିବ ନିରଞ୍ଜନ ସା, ମଣ୍ଡଳ ସଭାପତି ପ୍ରତାପ ନାରାୟଣ ସିଂହ, ସମ୍ମାନିତ ଅତିଥି ଭାବେ ଅଖଣ୍ଡ ଭୂୟାଁ ସମାଜର କେନ୍ଦ୍ରୀୟ ସଭାପତି ମେଘନାଦ ନାୟକ, ସର୍ବ ଭାରତୀୟ ଅଖଣ୍ଡ ଭୂୟାଁ ସମାଜର ସମ୍ପାଦକ ରାମଚନ୍ଦ୍ର ଅମାତ, ଭୂୟାଁ ସମାଜର ଜିଲା ସଭାପତି ଉଦ୍ଧବ ଅମାତ, ଜିଲା କାର୍ଯ୍ୟକାରୀ ସଭାପତି ନିରଞ୍ଜନ ମାଝୀ, ହେମଗିର ସଭାପତି ରବିବନ୍ଧୁ ପଟେଲ, କୁତ୍ରା ବ୍ଲକ ସଭାପତି ବିଧାଧର ଅମାତ, ଟାଙ୍ଗରପାଲି ବ୍ଲକ ସଭାପତି ସୋନୁ ନାୟକ, ବଡଗାଁ ବ୍ଲକର ଦେବେନ୍ଦ୍ର ଭିତିରିଆ, ଲେଫ୍ରିପଡ଼ା ସଭାପତି ରବି ମାଝୀ, ଜିଲା ସମ୍ପାଦକ ଗଣେଶ୍ୱର ନାୟକ, ବାଲିଶଙ୍କରା ସମ୍ପାଦକ ଭବାନୀ ମାଝୀ, ସରପଞ୍ଚ ଚିତ୍ରାଙ୍ଗଦା ଗଡେଲ, ସରପଞ୍ଚ ରେବତୀ ଛତ୍ରିଆ, ସରପଞ୍ଚ ସୁଭଦ୍ରା ବୈରା ପ୍ରମୁଖ ମଞ୍ଚାସୀନ ହୋଇ ଭୂୟାଁ ସମାଜକୁ ସୁସଙ୍ଗଠିତ ହୋଇ ଆଗକୁ ଚାଲିବାକୁ ଆହ୍ୱାନ ଦେବାସହ ଶିକ୍ଷାକୁ ସମାଜରେ ପ୍ରଥମ ପ୍ରାଥମିକତା ଦେବା ପାଇଁ ମତବ୍ୟକ୍ତ କରିଥିଲେ। ଏଥିସହିତ ନିଶା ମୁକ୍ତ ସମାଜ ଗଠନ ପାଇଁ ଶପଥ କରିଥିଲେ। ଏହା ପରେ ବିଭିନ୍ନ ପ୍ରକାର ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ସଦସ୍ୟ ରବିବନ୍ଧୁ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।



ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ୧୪୫ ଅନ୍ତେବାସୀଙ୍କୁ ପୋଷାକ ବିତରଣ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ତେବାସୀ।

ରାଉରକେଲା,୫।୧୦(ଦିନେଶ ମିଶ୍ର)

ରାଉରକେଲା ରେଲୱେ କଲୋନିସ୍ଥିତ ଶାନ୍ତି ଭବନ ପରିସରରେ ରବିବାର ଅନ୍ୱେଷା ପକ୍ଷରୁ ୧୧୭ତମ ମାସିକ ହାଟ ଓ ସାମୂହିକ ଜନ୍ମଦିନ ପାଳିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସମାଜସେବୀ ରାକେଶ କୁମାର ସିଂ ମୁଖ୍ୟ ଅତିଥି, ଯୋଡା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷା ବର୍ଷା ବୈଶାଖୀ, ଋର୍କେଟ ହାଇଫିଲ, ଲିଓ ଘୋଷ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଶାନ୍ତି ଭବନର ୧୪୫ ଅନ୍ତେବାସୀମାନଙ୍କୁ ପୋଷାକ ବିତରଣ କରାଯାଇଥିଲା। ପରେ ସାମୂହିକ କେକ୍ କାଟି ଅନ୍ତେବାସୀ ଜନ୍ମଦିନ ପାଳନ କରିଥିଲେ। ରଞ୍ଜନ ସାହୁ, ଅନ୍ୱେଷା ପଣ୍ଡା, ଦେବିକା ଘୋଷ, ସସ୍ମିତା ପ୍ରଧାନ, ଦୀପଞ୍ଜନ ଘୋଷ ପ୍ରମୁଖ ସହଯୋଗ କରିଥିଲେ। କୋଷିକେନ୍ଦ୍ର ଚେତନା ଚୈତାଲୀ ଧନ୍ୟବାଦ ଅର୍ପଣ କରିଥିଲେ।

# ୭ରୁ ଲକ୍ଷ୍ମୀ ପୂଜା ମହୋତ୍ସବ

ରାଉରକେଲା,୫।୧୦(ବିପ୍ଳବ ରଞ୍ଜନ ଦାଶ)



ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

ରାଉରକେଲାର ମାତୃଶକ୍ତି ଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ସେକ୍ଟର-୭ କମ୍ୟୁନିଟି ସେଣ୍ଟରରେ ରବିବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୨୦ରୁ ଊର୍ଦ୍ଧ୍ୱ ମହିଳାଙ୍କୁ ନେଇ ଗଠିତ ମାତୃଶକ୍ତି ଲକ୍ଷ୍ମୀ ପୂଜା କମିଟି ସଭାନେତ୍ରୀ କଳ୍ପନା ଭଞ୍ଜ ଓ ସାଧାରଣ ସମ୍ପାଦିକା ଲୀନା ନାୟକ ଚଳିତବର୍ଷ ଲକ୍ଷ୍ମୀ ପୂଜା ମହୋତ୍ସବ ନେଇ ସୂଚନା ପ୍ରଦାନ କରି କହିଥିଲେ, ଏହି ମହୋତ୍ସବ ସେକ୍ଟର-୭ ଦୁର୍ଗାପୂଜା ପଡ଼ିଆରେ ୭ ତାରିଖରୁ ଆରମ୍ଭ ହୋଇ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ରାଜସ୍ଥାନ ଚିତୋରର ରାଣୀ ପଦ୍ମାବତୀ ପ୍ୟାଲେସ ଦୋଗଳରେ ମା' ଲକ୍ଷ୍ମୀ ପୂଜା ପାଉବେ। ମୂର୍ତ୍ତି ନିର୍ମାଣ ସାଙ୍ଗକୁ ସାଜସଜ୍ଜା ଶେଷ ହୋଇଛି। ମହୋତ୍ସବର ଅନ୍ୟତମ ଆକର୍ଷଣ ମୀନା ବଜାର ସହ ଆକର୍ଷଣୀୟ ଦୋଳି ଲାଗିଛି। ଭଜନ ସନ୍ଧ୍ୟା, ଛୋଟପିଲାଙ୍କ ମଧ୍ୟରେ ଫ୍ୟାନ୍ସି ଡ୍ରେସ୍, ଚିତ୍ରାଙ୍କନ, ବକ୍ତୃତା, ନୃତ୍ୟ, ଶଙ୍ଖ ଓ ହୁଳହୁଳି ପ୍ରତିଯୋଗିତା ଆଦି ଅନୁଷ୍ଠିତ ହେବ। ଏହି ସମସ୍ତ ପ୍ରତିଯୋଗିତା ର ପୁରସ୍କାର ବିତରଣ ଉତ୍ସବ ପୂଜା ଶେଷ ଦିନ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଖବରଦାତା ସମ୍ମିଳନୀରେ କୋଷାଧ୍ୟକ୍ଷା ମମତା ଜେନା, କାର୍ଯ୍ୟକାରୀ ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ଦାସ, ସଙ୍ଗୀତା ନାୟକ, ଉପସଭାନେତ୍ରୀ ମଧୁସ୍ମିତା ମହନ୍ତ, ସଙ୍ଗୀତା ସିଂ, ସ୍ୱପ୍ନା ସ୍ୱାଇଁ, ଯୁଗ୍ମ ସମ୍ପାଦିକା ମାନିନୀ ଜେନା, ରଜନୀ ନାୟକ, ସରୋଜିନୀ ବେହେରା, ଅଳକା ଦାସ, ରାଗା ଦେବୀ, ସଂଯୋଜିକା ଅନ୍ନପୂର୍ଣ୍ଣା ମହାନ୍ତି, ସାଂସ୍କୃତିକ ସମ୍ପାଦିକା ସଂଘମିତ୍ରା ପାତ୍ର, ନିବେଦିତା ରୋଗିଗଞ୍ଜନ, ରାଜଶ୍ରୀ ପ୍ରଧାନ, ନମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଅବସର ଭବନରେ ବିଶ୍ୱ ବୟୋଜ୍ୟେଷ୍ଠ ଦିବସ ପାଳିତ

ରାଉରକେଲା,୫।୧୦(ବିପ୍ଳବ ରଞ୍ଜନ ଦାଶ)

କୋଏଲନଗର ସ୍ଥିତ ରାଉରକେଲା ଇସ୍ପାତ କାରଖାନା ଅବସରପ୍ରାପ୍ତ କର୍ମଚାରୀ ସଂଘ ପରିସରରେ ଶନିବାର ବୟୋଜ୍ୟେଷ୍ଠ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଇଂ. ଅଭୟ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହାଇଟେକ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲର ମୁଖ୍ୟ ଡାକ୍ତର ସୁଶାନ୍ତ କୁମାର ଆଚାର୍ଯ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସାଧାରଣ ସମ୍ପାଦକ ପ୍ରେମାନନ୍ଦ ସାମଲ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ୩୩ ଜଣ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସଭାପତି ଅରବିନ୍ଦ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ନିଃଶୁଳ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସଚ୍ଚିଦାନନ୍ଦ ମିଶ୍ର, ଅନିରୁଦ୍ଧ ଦାସ, ଧନଞ୍ଜୟ ଦାଶ, ତ୍ରିଲୋଚନ ମଥାନ, କୃଷ୍ଣଚନ୍ଦ୍ର ମହାନ୍ତି, କପିଳେଶ୍ୱର ମହାରଣା, ଚାନ୍ଦମଣି ବେହୁରା, ନାରାୟଣ ଚନ୍ଦ୍ର ସାମଲ, ଗୌରାଙ୍ଗର ମିଶ୍ର, ଭଗବାନ ଚନ୍ଦ୍ର ସାମଲ, ରବୀନ୍ଦ୍ର କୁମାର ପ୍ରଧାନ, ଧରଣୀଧର ସାମଲ, ବଂଶୀଧର ପରିଡ଼ା, ଶତ୍ରୁଘ୍ନ ଜେନା, ଅକ୍ଷୟ କୁମାର ନାୟକ, ବସନ୍ତ କୁମାର ଜେନା, ବିକ୍ରମ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ବରିଷ୍ଠ ନାଗରିକ।

# ଚିତ୍ତରଞ୍ଜନ ଦାସ ଥିଲେ ବିରଳ ବ୍ୟକ୍ତିତ୍ୱ

ରାଉରକେଲା,୫।୧୦(ଦିନେଶ ମିଶ୍ର)

ରାଉରକେଲା ସେକ୍ଟର-୨ ସ୍ଥିତ ପ୍ରଗତି ଉତ୍କଳ ସଂଘ ପରିସରରେ ସଭାପତି ଡକ୍ଟର ପ୍ରଭାତ କୁମାର ମଲ୍ଲିକ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ପ୍ରଫେସର ଚିତ୍ତରଞ୍ଜନ ଦାସଙ୍କ ୧୦୨ତମ ଜନ୍ମ ବାର୍ଷିକୀ ଉତ୍ସବ ରବିବାର ପାଳିତ ହୋଇଯାଇଛି। ଏହି ଉତ୍ସବରେ ରିଜୁଲ ଢ଼ାଲିଶ ବିଦ୍ୟାଳୟର ଅଧ୍ୟକ୍ଷ ଶର୍ମିଷ୍ଠା କବି ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଚିତ୍ତରଞ୍ଜନ କେବଳ ଜଣେ ସଫଳ ପ୍ରଫେସର ଭାବେ ଶିକ୍ଷା ପ୍ରଦାନ କରୁଥିଲେ ତାହା ନୁହେଁ ବରଂ ଜୀବନର ମୂଲ୍ୟବୋଧ ଓ ସାମାଜିକ ଚେତନାକୁ ପିଲାମାନଙ୍କ ମଧ୍ୟରେ ସଞ୍ଚାର କରିବାରେ ବିଶ୍ୱାସ ରଖୁଥିଲେ ବୋଲି ମୁଖ୍ୟ ବକ୍ତା ଶତପଥୀ ତାଙ୍କ ବକ୍ତବ୍ୟରେ କହିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଚିତ୍ତରଞ୍ଜନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ ପରେ ଗଙ୍ଗାଧର ତ୍ରିପାଠୀ ରବୀନ୍ଦ୍ର ସଙ୍ଗୀତ ଗାନ କରିଥିଲେ। ପାଠାଗାର ଯୁଗ୍ମ ସମ୍ପାଦକ ଲକ୍ଷ୍ମଣ ନାଥ ଦାସ ଆଲୋଚ୍ୟ ବିଷୟ ସମ୍ପର୍କରେ ସଂକ୍ଷିପ୍ତ ସୂଚନା ପ୍ରଦାନ କରିଥିଲେ। ସଂଘର ଅନ୍ୟତମ ଉପସଭାପତି ଡକ୍ଟର ପ୍ରଭାତ କୁମାର ମଲ୍ଲିକ 'ଚିନ୍ତାମଣି ଏକ ଭିନ୍ନ ଦୃଷ୍ଟି' ସମ୍ପର୍କରେ ତାତ୍ତ୍ୱିକ ଆଲୋଚନା କରିଥିଲେ। ପ୍ରଫେସର ଶଙ୍କର ପ୍ରସାଦ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଚିତ୍ତରଞ୍ଜନଙ୍କ ବିରଳ ବ୍ୟକ୍ତିତ୍ୱ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ସଂଘର ଉପଦେଷ୍ଟା ଓ ଚିତ୍ତରଞ୍ଜନ ଜନ୍ମ ବାର୍ଷିକୀ ପାଳନ କମିଟି ଆବାହକ ଭାରତ ଭୂଷଣ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଉପସଭାପତି ରଶ୍ମିରଞ୍ଜନ ବୋଇତାଇ, ଧରଣୀଧର ସାମଲ, ଘନଶ୍ୟାମ ଧଳ, ଅଶୋକ କୁମାର ପଟ୍ଟନାୟକ, ଅରବିନ୍ଦ ପାତ୍ର, ସ୍ମିତା ମିଶ୍ର, ରଶ୍ମୀ ସାହୁ, ଇନ୍ଦ୍ରମଣି ମହାପାତ୍ର, ବରୁଣ ନାହାକ, ପ୍ରଦୀପ କୁମାର ପଟ୍ଟନାୟକ, ଶୁଭାଂଶୁ ଶେଖର ମହାପାତ୍ର, ପରିକ୍ଷିତ ଗୁରୁ ପ୍ରମୁଖ ସହଯୋଗ କରିଥିଲେ। ଡାକ୍ତର କୃପାସିନ୍ଧୁ ନାୟକ, ରାଜୀବ ପାଣି, ବମୋଦର ରାଉତ, ଗୀତାରାଣୀ ବେହେରା, ଚିତ୍ତରଞ୍ଜନ ବ୍ରହ୍ମା, ସଞ୍ଜୀବ ଭୋଇ, ନାରାୟଣ ବରାଳ, ବ୍ରଜେନ୍ଦ୍ର କୁମାର ଦାସ, କାଶୀନାଥ ନନ୍ଦୀ, ସୁନୀଲ ମହାନ୍ତି, ଗଙ୍ଗାଧର ପ୍ରହରାଜଙ୍କ ସମେତ ବହୁ ସାହିତ୍ୟିକ, ସଂସ୍କୃତିପ୍ରେମୀ ଏବଂ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ସଂଘର ସାଧାରଣ ସମ୍ପାଦକ ରାଧାମୋହନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।





ଜନ୍ମବାର୍ଷିକୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଚାରାରୋପଣ କାର୍ଯ୍ୟକ୍ରମ**

ସମ୍ବଲପୁର,(ବି.ଶଙ୍କର): ସମ୍ବଲପୁର ମହାନଗର ନିଗମ ଅଧୀନ ଧନୁପାଲି ନେତାଜୀ ନଗର ନିକଟ ପୁଟିବନ୍ଧ ପ୍ରାଙ୍ଗଣରେ ଲୋକ ସେବା ଆୟୋଜନରେ ଚାରାରୋପଣ କାର୍ଯ୍ୟକ୍ରମ ରବିବାର ସକାଳ ୮ଟାରେ ଅନୁଷ୍ଠିତ ହୋଇଯାଇଛି। ପରିବେଶ ସୁରକ୍ଷା ଓ ହରିତ୍କରଣ ପ୍ରତି ଜନସଚେତନତା ସୃଷ୍ଟି କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ରହିଛି। ଏହି କାର୍ଯ୍ୟକ୍ରମରେ ଲୋକ ସେବା ସମ୍ବଲପୁର ଶାଖା ସଦସ୍ୟ ମାସୁଦ ଆଲମ, ଏମ ନୁରାନୀ, ଏମ ଗୁଲଜାର, ସୋମ ପ୍ରକାଶ ବେହେରା, ସୋନୁ ସିଂହ ଓ ଗୋପରଞ୍ଜନ କୁମାର ଅଂଶଗ୍ରହଣ କରିଥିଲେ। ଆଗକୁ ଏହି ଧାର ଜାରି ରହିବ ବୋଲି ସଦସ୍ୟ ଆଲାମ ସୂଚିତ କରିଛନ୍ତି। ଚାରାରୋପଣ ପରେ ଆୟୋଜକ ଅନୁଷ୍ଠାନ କର୍ମକର୍ତ୍ତାମାନେ ଅଞ୍ଚଳ ବାସୀଙ୍କୁ ବୃକ୍ଷରୋପଣ ଓ ତାହାର ସୁରକ୍ଷା ନେଇ ସଚେତନ କରାଇଥିଲେ।

## ସଂକ୍ଷେପରେ

### କେଭି ପ୍ରତିଷ୍ଠା ଦ୍ୱାରା ଶିକ୍ଷା ଭିତ୍ତିଭୂମି ସୁଦୃଢ଼ ହେବ: ବିଧାୟକ

ସମ୍ବଲପୁର,୫।୧୦(ପ୍ରମୋଦ ବହିଦାର)

କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସମ୍ବଲପୁର ଜିଲା ରେଢ଼ାଖୋଲଠାରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ (କେଭି) ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ହୋଇଛି। ଏହାକୁ ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ସ୍ୱାଗତ କରିଛନ୍ତି। ଏଥିପାଇଁ ସେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ରେଢ଼ାଖୋଲରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ଦ୍ୱାରା ରେଢ଼ାଖୋଲବାସୀଙ୍କ ଦୀର୍ଘ ଦିନର ଦାବି ପୂରଣ ହେବ। ଏହାଦ୍ୱାରା ମେଧାବୀ ଛାତ୍ରୀଛାତ୍ର ଉପକୃତ ହେବା ସହିତ ଅଞ୍ଚଳର ଶିକ୍ଷା ଭିତ୍ତିଭୂମି ଅଧିକ ସୁଦୃଢ଼ ହୋଇ ପାରିବ ବୋଲି ଆଚାର୍ଯ୍ୟ ଆଶା ପ୍ରକଟ କରିଛନ୍ତି।

### ସମାଜରେ ସଦ୍‌ଭାବ ରହିବା ଜରୁରୀ

ସମ୍ବଲପୁର,୫।୧୦(ଭବାନୀ ଶଙ୍କର ଭୋଇ)

ଭାରତୀ ସମାଜ ପକ୍ଷରୁ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ସଂସ୍କୃତି ୫ ହଜାର ବର୍ଷର ବୋଲି ଦାବି କରାଯାଉଥିବା ବେଳେ ଦିନକୁ ଦିନ ସମାଜରେ ଜାତି, ବର୍ଗ ଏବଂ ଧର୍ମ ନାମରେ ଦୂରତା ବୃଦ୍ଧି ପାଉଥିବା ନେଇ ବୈଠକରେ ଆଲୋଚନା କରାଯାଇଥିଲା। ସଂପ୍ରତି ଭାରତୀୟ ସମାଜ ବ୍ୟବସ୍ଥାକୁ କଳୁଷିତ କରିବା ପାଇଁ ଉଚ୍ଚ ଏବଂ ନିମ୍ନ ଜାତି ନାମରେ ତିକ୍ତତା ସୃଷ୍ଟି ହେଉଥିବା ଆଲୋଚନାର ପ୍ରସଙ୍ଗ ହୋଇଥିଲା। ଭାରତୀୟ ସମାଜ ବ୍ୟବସ୍ଥା କର୍ମ ଆଧାରିତ ହୋଇଥିବା ବେଳେ ଏହାକୁ ଧୀରେଧୀରେ ଜାତି ଆଧାରିତ କରାଯାଇ କର୍ମକୁ ତୁଚ୍ଛ କରିଦିଆଯାଇଛି। ତେବେ ଭାରତୀ ସମାଜ ଜାତିବାଦକୁ ଦୂର କରି ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଜ ଗଠନ ଦିଗରେ ନେଉଥିବା ପଦକ୍ଷେପ ବିଷୟରେ ଆଲୋଚନା କରାଯାଇଥିଲା। ଦେଶ ଏବଂ ଦେଶ ବାହାରେ ରହୁଥିବା ଭାରତୀ ବଂଶଧରଙ୍କ ମଧ୍ୟରେ ସାଂସ୍କୃତିକ ସଚେତନତା ବୃଦ୍ଧି କରିବା ଦିଗରେ କାର୍ଯ୍ୟକ୍ରମ କରାଯାଇଥିଲା। ବିଦେଶରେ ଭାରତୀ ସଂସ୍କୃତି ଉପରେ ଆଦର ବଢ଼ୁଥିବା ବେଳେ ଦେଶର ଲୋକଙ୍କ ମଧ୍ୟରେ ଜାଗରଣ ସୃଷ୍ଟି କରିବାର ଆବଶ୍ୟକତା ଥିବା ନେଇ ମତ ପ୍ରକାଶ ପାଇଥିଲା। ବୈଠକରେ ଦେବୀ ପ୍ରସାଦ ଭୋଇ, ବିରଞ୍ଚି ନାରାୟଣ ନାୟକ, ଗୋପବନ୍ଧୁ ସେନାପତି, ଲଳିତା ଭୋଇ, ସୁଷମା ପ୍ରଧାନ, ପ୍ରେମ ସାହାଣୀ ପ୍ରମୁଖ ଉପସ୍ଥିତ ଥିଲେ।

# ଚାମ୍ବରରୁ ଉଚ୍ଛୁଳୁଛି ଆବର୍ଜନା ପାଣି

**ସାରସ୍ୱତ କଲୋନିରେ ସ୍ୱେରେଜ ସମସ୍ୟା**

**ଲୋକେ କଠିନ ବର୍ଜ୍ୟବସ୍ତୁ ଛାଡୁଥିବାରୁ ସମସ୍ୟା: ବିଭାଗ**

ସମ୍ବଲପୁର,୫।୧୦(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମହାନଗର ନିଗମର ୩୪ ନମ୍ବର ୱାର୍ଡ ଅନ୍ତର୍ଗତ ସାରସ୍ୱତ କଲୋନୀରେ ସ୍ୱେରେଜ ଚାମ୍ବରଗୁଡିକରୁ ଆବର୍ଜନା ପାଣି ଉଚ୍ଛୁଳି ସମସ୍ୟା ସୃଷ୍ଟି କରୁଛି। ଚଳିତବର୍ଷ ପ୍ରାରମ୍ଭରେ କଲୋନୀର ଘରଗୁଡିକୁ ସ୍ୱେରେଜ ସଂଯୋଗ ଆରମ୍ଭ ହୋଇଥିଲା। ତେବେ ସଂଯୋଗର ଗୋଟିଏ ବର୍ଷ ଭିତରେ ରାସ୍ତାରେ କରାଯାଇଥିବା ଚାମ୍ବରଗୁଡିକରୁ ଆବର୍ଜନା ପାଣି ବାହାରି ଦୁର୍ଗନ୍ଧ ସୃଷ୍ଟି କରୁଛି। ଏଥିଯୋଗୁ ଲୋକେ ଅତିଷ୍ଠ ହେଉଥିବା କହିଛନ୍ତି କଲୋନୀର ଜିତେନ୍ଦ୍ର ସିଂହ।

ସମ୍ବଲପୁର ସହରରେ ୨୦୨୦ ସୁଦ୍ଧା ସ୍ୱେରେଜ ପ୍ରକଳ୍ପ କାର୍ଯ୍ୟକାରୀ ହେବା ନେଇ ଯୋଜନା କରାଯାଇଥିଲା। ତେବେ ଏ ପର୍ଯ୍ୟନ୍ତ ମାତ୍ର ୩୦ପ୍ରତିଶତ ଅଞ୍ଚଳରେ ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରିଛି। ତେଣୁ ସାରସ୍ୱତ କଲୋନୀର ସମସ୍ୟା ଦେଖିବା ପରେ ସ୍ୱେରେଜ ପ୍ରକଳ୍ପର କାର୍ଯ୍ୟକାରିତା ନେଇ ଲୋକେ ଆଶଙ୍କା ପ୍ରକଟ କରୁଛନ୍ତି। ସମସ୍ୟା ନେଇ ଜିଲାପାଳଙ୍କ ନିକଟରେ କଲୋନୀ ବାସିନ୍ଦାଙ୍କ ଅଭିଯୋଗ ପରେ ସ୍ୱେରେଜ ବିଭାଗ ସମସ୍ୟାର ସମାଧାନ ନେଇ ତତ୍ପରତା ପ୍ରକାଶ କରିଛି। ତେବେ ଶ୍ରମିକ ନେଇ ସଫେଇ ପାଇଁ ଆସିଥିବା ବିଭାଗର ଅଧିକାରୀ ଯୁଗଳ ଦାସ କହିଛନ୍ତି, ସ୍ୱେରେଜ ପ୍ରକଳ୍ପ ନିର୍ମାଣରେ କୌଣସି ସମସ୍ୟା ନାହିଁ। ତେବେ ଲୋକଙ୍କ ସ୍ୱେରେଜର ବ୍ୟବହାରକୁ ନେଇ ସମସ୍ୟା ସୃଷ୍ଟି ହୋଇଥିଲା। ଲୋକେ ଘରର ପାଇଖାନା ଟାଙ୍କି ଏବଂ ରୋଷେଇ ଘରର ଆବର୍ଜନା ପାଣି ପାଇପ ସଂଯୋଗ କରିବା କଥା। ହେଲେ କେତେଜଣ ଘରର ସମସ୍ତ ପ୍ରକାର ଆବର୍ଜନା ସହ ପ୍ଲାଷ୍ଟିକ ଏବଂ ଅନ୍ୟାନ୍ୟ କଠିନ ବର୍ଜ୍ୟସାମଗ୍ରୀ ସ୍ୱେରେଜ ପାଇପରେ ଛାଡି ଦେଉଥିବାରୁ ଚାମ୍ବରଗୁଡିକ ଜାମ ହୋଇ ଆବର୍ଜନା ପାଣି ଉଚ୍ଛୁଳି ରାସ୍ତାରେ ବୋହୁଛି। ତେଣୁ ସ୍ୱେରେଜ ପକ୍ଷରୁ ଚାମ୍ବରଗୁଡ଼ିକୁ ସଫା କରିବା ପରେ ଉଚ୍ଛୁଳା ପାଣି ବନ୍ଦ ହୋଇଛି। ତେବେ ପାଇପରୁ କଠିନ ସାମଗ୍ରୀଗୁଡିକ ମେଶିନରେ ସଫା ନ କଲେ ଏହାର ସମାଧାନ ହେବନାହିଁ। ତେଣୁ କେତେଜଣଙ୍କ ଭୁଲ୍ ଯୋଗୁ ସ୍ୱେରେଜ ପାଇପ ଲାଇନ ଜାମ ହୋଇ ଲୋକେ ସମସ୍ୟା ଭୋଗୁଛନ୍ତି। ଜନସଚେତନତାର ଅଭାବ ଏବଂ ଦାୟିତ୍ୱହୀନତା ଯୋଗୁ ଆଗାମୀ ଦିନରେ ଏହି ସମସ୍ୟା ଆହୁରି ଗୁରୁତର ହେବାର ଆଶଙ୍କା ରହିଥିବା ବିଭାଗୀୟ କର୍ମଚାରୀମାନେ କହିଛନ୍ତି।



ସାରସ୍ୱତ କଲୋନିରେ ସ୍ୱେରେଜ ପକ୍ଷରୁ ଚାମ୍ବର ସଫା କରାଯାଉଛି।

# ହକି ଟୁର୍ନାମେଣ୍ଟ: ଜିଆର୍‌ଜିଏ କ୍ଲବ ଚାମ୍ପିୟନ



ଅତିଥିମାନଙ୍କ ସହ ଚାମ୍ପିୟନ ଦଳର ଖେଳାଳିମାନେ।

ନାକଟିଦେଉଳ,୫।୧୦(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ପାଣିମୁରା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସାହାଜବାହାଲ ଡାଙ୍ଗଟେକାର ପ୍ରେମଚାନ୍ଦ ହକି କ୍ଲବ ପକ୍ଷରୁ ଆୟୋଜିତ ଷଷ୍ଠ ପିସି କ୍ଲବ ହକି ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ୪୬ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ଜିଆରଜିଏ କ୍ଲବ ଗୌଡ଼ଗୋଠ ଏବଂ ଧ୍ୟାନଚାନ୍ଦ କ୍ଲବ ବାଣ୍ଡିଝରଣ ମଧ୍ୟରେ ହୋଇଥିଲା। ଏଥିରେ ଜିଆରଜିଏ କ୍ଲବ ଚାମ୍ପିୟନ ହୋଇଥିଲା। ସରୋଜ କିଣ୍ଡୋ, ନୀତେଶ କିଣ୍ଡୋ, ଅମ୍ରିତ ବାରଡ଼ା, ଆଶିସାନ ଖେସ୍କୋ ଏବଂ ରିତେଶ ଟପ୍ପୋ ମ୍ୟାଚ ପରିଚାଳନା କରିଥିଲେ। ଅଧ୍ୟାପକ ପ୍ରକାଶ ସୋରେଙ୍ଗ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ସମାରୋହରେ ମୁଖ୍ୟ ଅତିଥିଭାବେ ନାକଟିଦେଉଳ ବ୍ଲକର ପୂର୍ବତନ ଅଧ୍ୟକ୍ଷ ସୁଦର୍ଶନ ସାହୁ, ସମ୍ମାନିତ ଅତିଥିଭାବେ ରେଢ଼ାଖୋଲ ବ୍ଲକ ଅଧ୍ୟକ୍ଷ ପ୍ରଦୀପ କୁମାର ପ୍ରଧାନ, ପାଣିମୁରା ସରପଞ୍ଚ ଜଗନ୍ନାଥ ସାହୁ, ସମାଜସେବୀ ବେନେଦିକ ଲାକ୍ରା, ନରହରି ମାଝୀ, ସନ୍ତୋଷ କୁମାର ସାହୁ, ବାସୁଦେବ ପୃଷେଷ୍ଟ ଯୋଗଦେଇ ବିଜେତା ଏବଂ ଉପବିଜେତା ଦଳଙ୍କୁ ଟ୍ରଫି ସହିତ ନଗଦ ରାଶି ଦେଇ ପୁରସ୍କୃତ କରିଥିଲେ। ଟୁର୍ନାମେଣ୍ଟ ଆୟୋଜନରେ ପ୍ରେମଚାନ୍ଦ ହକି କ୍ଲବର ନିମହାସ ଲାକ୍ରା, ରାଜୀବ ଲାକ୍ରା, ଇଲିହାଜର ମାର୍କି, ଅମର ଦୀପ କିରୋ, ଈଶ୍ୱର ଦାସ ମାର୍କି, ଆଶୀଷ ଲାକ୍ରାଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ନୂତନ ଆୟୋଜକ କମିଟି ଗଠିତ



ପାନ୍ଥନିବାସରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଆୟୋଜକ କମିଟି କର୍ମକର୍ତ୍ତା।

**ସମଲେଇ ଆନ୍ତର୍ଜାତିକ ଆଧ୍ୟାତ୍ମିକ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ**

**ଡ. ରାଧାଗୋପାଳ ସଭାପତି, ସଞ୍ଜୟ ସାଧାରଣ ସମ୍ପାଦକ**

ସମ୍ବଲପୁର,୫।୧୦(ପ୍ରମୋଦ ବହିଦାର)

ସମଲେଇ ଆନ୍ତର୍ଜାତିକ ଆଧ୍ୟାତ୍ମିକ ସମ୍ମିଳନୀ ପାଇଁ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସମଲେଶ୍ୱରୀ ବିଶ୍ୱ ଚେତନା ସଂସଦ ପକ୍ଷରୁ ସମ୍ବଲପୁର ପାନ୍ଥ ନିବାସଠାରେ ଅନୁଷ୍ଠିତ ବୈଠକରେ ସର୍ବସମ୍ମତିକ୍ରମେ ନୂତନ ଆୟୋଜନ କମିଟି ଗଠିତ ହୋଇଛି। ଏଥିରେ ଡ. ରାଧାଗୋପାଳ ପ୍ରଧାନ ସଭାପତି ଓ ସମଲେଶ୍ୱର ମନ୍ଦିର ଟ୍ରଷ୍ଟବୋର୍ଡ ସଭାପତି ସଞ୍ଜୟ ବାବୁଙ୍କୁ ସାଧାରଣ ସମ୍ପାଦକଭାବେ ମନୋନୀତ କରାଯାଇଛି। ସେହିପରି କାର୍ତ୍ତିକ ପ୍ରସାଦ ବହିଦାର ଓ ଜଗଦୀଶ ପାଣ୍ଡେ ଉପସଭାପତି, ରାଧାମାଧବ ବହିଦାର ସଙ୍ଗଠନ ସମ୍ପାଦକ, ଯୁଗ୍ମ ସମ୍ପାଦକ ଡ. ନେପାଳ ପ୍ରଧାନ, କୋଷାଧ୍ୟକ୍ଷ ଲିଙ୍ଗରାଜ ପ୍ରଧାନ, ମହିଳା ସଂଯୋଜିକା ମାନସୀ କର, ଯୁବ ସଂଯୋଜକଭାବେ ଓମ୍ ପ୍ରକାଶ ରାଉତଙ୍କୁ ମନୋନୀତ କରାଯାଇଛି। କାର୍ଯ୍ୟକାରୀ କମିଟିକୁ ଅମରନାଥ ମିଶ୍ର, ଡ. ଦୀପେନ୍ ପଟ୍ଟନାୟକ, ରତ୍ନାକର ଭୋଇ, ସାବିତ୍ରୀ ପ୍ରଧାନ, ସୁପଭା ସାମଲ, ଭାରତୀ ପଣ୍ଡା, ସ୍ନିଗ୍ଧା ପୁରୋହିତ, ଲକ୍ଷ୍ମୀ ନାରାୟଣ ପଣ୍ଡା, ରାମେଶ୍ୱର ପୁରୋହିତ ଓ ଉପେନ୍ଦ୍ର ମହାପାତ୍ରଙ୍କୁ ଚୟନ କରାଯାଇଛି।

ଡ. ରାଧାଗୋପାଳ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ୱତନ୍ତ୍ର ବୈଠକରେ ସମଲେଇ ଆନ୍ତର୍ଜାତିକ ଆଧ୍ୟାତ୍ମିକ ସମ୍ମିଳନୀର ପ୍ରସ୍ତୁତି ନେଇ ବିଭିନ୍ନ ଆନୁସଙ୍ଗିକ ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା। ଏଥିରେ ସମ୍ମିଳନୀର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସହିତ ସମଲେଇଙ୍କ ମହିମାର ପ୍ରଚାର ପ୍ରସାର ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସଂସ୍କୃତିରତ୍ନ କାର୍ତ୍ତିକ ପ୍ରସାଦ ବହିଦାରଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ ବିଶିଷ୍ଟ ଅତିଥିଭାବେ ପତଞ୍ଜଳି କେନ୍ଦ୍ରର ପ୍ରଭାରୀ ରାଧାମାଧବ ବହିଦାର, ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ସଭାପତି ସଞ୍ଜୟ ବାବୁ, ଜଗଦୀଶ ପାଣ୍ଡେ ଓ ଶିବ ନାରାୟଣ ବେହେରା ଯୋଗଦେଇଥିଲେ। ପଣ୍ଡିତ ଅମରନାଥ ମିଶ୍ର, ସପନ ମିଶ୍ର, ଟିନା ମିଶ୍ର, ଦିବାକର ପ୍ରଧାନ, ମାନସୀ କର, ଭକ୍ତପ୍ରସାଦ ନନ୍ଦ, ସୁପ୍ରଭା ସାମଲ, ଡ. ଦୀପେନ୍ ପଟ୍ଟନାୟକ, ଡ. ନେପାଳ ପ୍ରଧାନ, ନରେନ୍ଦ୍ର ବେହେରା, ଉପେନ୍ଦ୍ର ମହାପାତ୍ର, ଅମୂଲ୍ୟ ମିଶ୍ର ଓ ଜଗନ୍ନାଥ ପ୍ରଧାନ ସମଲେଇ ସଂସ୍କୃତିର ମହାନତା ଓ ସମ୍ମିଳନୀର ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ।

### ସଂସ୍କୃତି, ପରମ୍ପରାକୁ ଉଜ୍ଜୀବିତ କରେ କରମସାନି ପୂଜା

କୁଚିଣ୍ଡା, ୫।୧୦(ବିରଞ୍ଚି ଦର୍ଲା)

ସମ୍ବଲପୁର ଜିଲା କୁଚିଣ୍ଡା ପଞ୍ଚମୁଖି ଛକରେ ଶନିବାର ୧୫ତମ କରମସାନି ପୂଜା ଅନୁଷ୍ଠିତ ହୋଇଯାଇଛି। ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ତତ୍ତ୍ୱାବଧାନରେ ପୂଜା ହୋଇଥିଲା। ସନ୍ଧ୍ୟାରେ ମାଦଳ ତାଳେ ତାଳେ ଶୋଭାଯାତ୍ରା ମାଧ୍ୟମରେ ନିକଟସ୍ଥ ଖର୍ଲା ନଦୀରୁ କଳସୀରେ ଜଳ ଓ କରମା ଗଛର ଡାଳ ଆଣାଯାଇ ପୂଜାର୍ଚ୍ଚନା ହୋଇଥିଲା। ଏଥିରେ ବିଭିନ୍ନ ଅଞ୍ଚଳର ୩୫ଟି କରମା ସାଂସ୍କୃତିକ ଦଳ ସାମିଲ ହୋଇ କରମା ଗୀତ ନୃତ୍ୟ ପରିବେଷଣ କରିଥିଲେ। ତହୁଲଡିହିର ନୀଳାମ୍ବର ଖର୍ସେଲ ପୂଜକ ଦାୟିତ୍ୱ ତୁଲାଇଥିଲେ। କରମା ପୂଜା ଦେଖିବାକୁ ପ୍ରବଳ ଜନସମାଗମ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବିନୋଦ ବାଘ, ମୋହନ ବାଘ, ଶଙ୍କର ବାଘ, ଜୟନ୍ତ ବାଘ, ସରୋଜ ବାଘ, ସୁଶୀଲ କର, ପ୍ରମୋଦ କିଷାନ, କପିଳ ବଲୁଆ, ବିନୋଦ ଛତ୍ରିଆ, ସୁଶାନ୍ତ ପୃଷେଠ, ଚୂଡ଼ାମଣି ମାକର, ପ୍ରିତମ ପାଣିଗ୍ରାହୀ, କୈଳାସ ସେଠ, ରାଜ କୁମାର ରକ୍ସା, ବିନୟ ରଣା, ସୌମ୍ୟରଞ୍ଜନ ଧଳ ସହଯୋଗ କରିଥିଲେ।

# ଆର୍‌ଏସ୍‌ଏସ୍ ସମ୍ବଲପୁର ନଗରର ଶତବାର୍ଷିକୀ ପାଳନ



ଶତବାର୍ଷିକୀ ପାଳନ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

ସମ୍ବଲପୁର,୫।୧୦(ପ୍ରମୋଦ ବହିଦାର)

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍‌ଏସ୍‌ଏସ୍)ର ଶହେ ବର୍ଷ ପୂର୍ତ୍ତି ଉପଲକ୍ଷେ ସମ୍ବଲପୁର ନଗର ଆର୍‌ଏସ୍‌ଏସ୍ ପକ୍ଷରୁ ଶତବାର୍ଷିକୀ ଉତ୍ସବ ପାଳିତ ହୋଇଯାଇଛି। ସମ୍ବଲପୁର ମହାନଗର ନିଗମ(ଏସ୍‌ଏମ୍‌ସି)ର ୨୬ ନମ୍ବର ୱାର୍ଡସ୍ଥିତ ସିଦ୍ଧେଶ୍ୱର ବେର୍ଣ୍ଣା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ରବିବାର ପାଳିତ ଶତବାର୍ଷିକୀ ଉତ୍ସବରେ ମୁଖ୍ୟଅତିଥିଭାବେ ଯୋଗଦେଇ ପ୍ରଦୀପ ପାତ୍ର ସମାଜସେବାରେ ସ୍ୱୟଂସେବକମାନଙ୍କ ନିସ୍ୱାର୍ଥପର ଓ ସମର୍ପଣ ଭାବ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ବୁର୍ଲା ଭିସୁଟ୍‌ର ପ୍ରଫେସର ବିଭୂତି ଭୂଷଣ ସାହୁ ଆର୍‌ଏସ୍‌ଏସ୍ ସ୍ଥାପନା ପରଠାରୁ ଆଜି ପର୍ଯ୍ୟନ୍ତ ଘଟିଯାଇଥିବା ବିଭିନ୍ନ ଘଟଣାବଳୀରେ ସ୍ୱୟଂସେବକଙ୍କ ଭୂମିକା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ସେ ସମାଜରେ ସମର୍ପଣ, କୁଟୁମ୍ବ ପ୍ରବୋଧନ, ପରିବେଶ ସୁରକ୍ଷା, ସ୍ୱଦେଶୀ ଜାଗରଣ ଓ ନାଗରିକ କର୍ତ୍ତବ୍ୟ ଆଦି ପଞ୍ଚ ପରିବର୍ତ୍ତନର ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ଅତିଥିବୃନ୍ଦ ଭାରତମାତା ଓ ଆର୍‌ଏସ୍‌ଏସ୍ ସଂସ୍ଥାପକଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ମହାନଗର କାର୍ଯ୍ୟବାହ ମିଲନ ଯୋଶୀ, ବିଦ୍ୟାଧର ସାହୁ, ବସନ୍ତ ସ୍ୱାଇଁ, ଫକୀର ସାହୁ, ରାଜକିଶୋର ସାରଡା, ଅଜୟ ବବଗୟାଁ, ଦିଲୀପ ପାଢ଼ୀ, ରବି ଟଣ୍ଡନ, ନିଶାନ୍ତ ସାରଡା, ମହେନ୍ଦ୍ର ଚୌହାନ ପ୍ରମୁଖଙ୍କ ସହିତ ପ୍ରାୟ ୨ଶହ ସ୍ୱୟଂ ସେବକ ଯୋଗ ଦେଇଥିଲେ।

### ବିଜୟା ଦଶମୀ ଉତ୍ସବ ପାଳିତ

ସମ୍ବଲପୁର,୫।୧୦(ବି.ଶଙ୍କର)

ଆରଏସଏସର ବିଜୟା ଦଶମୀ ଉତ୍ସବ ଶନିବାର ରାତିରେ ସମ୍ବଲପୁର ବଡବଜାରସ୍ଥିତ ରାଧାମାଧବ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଡ. ଶ୍ୟାମ ସୁନ୍ଦର ଧର ଯୋଗଦେଇ ବିଜୟା ଦଶମୀର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। ଆଜକୁ ପ୍ରାୟ ୧୦୦ ବର୍ଷ ତଳେ ଡାକ୍ତର ହେଡଗେରଜି ୧୭ ଜଣ ଛୋଟ ପିଲାଙ୍କୁ ନେଇ ଏହି ସଙ୍ଗଠନର ମୂଳଦୁଆ ପକାଇଥିଲେ ବୋଲି କହିଥିଲେ। ଭିସୁଟର ଆସିଷ୍ଟାଣ୍ଟ ପ୍ରଫେସର ସୁଜୟ ସୁଥର ମୁଖ୍ୟବକ୍ତା ଭାବେ ଯୋଗଦେଇ ସଂଘ ଓ ଭରତୀୟ ସମାଜର ଅସ୍ତିତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏଥିସହ ସଂଘ ୧୦୦ ବର୍ଷ ଭିତରେ କିପରି ଅନେକ ବାଧାବିଘ୍ନ, ଘାତ, ପ୍ରତିଘାତ ସହି ବିଭାଜିତ ନ ହୋଇ ସାରା ବିଶ୍ୱରେ ବୃହତ ସଙ୍ଗଠନ ଭାବେ ଛିଡ଼ା ହୋଇ ପାରିଛି ସେନେଇ ସୂଚିତ କରିଥିଲେ। ରାମଦାସ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ।

# ହୀରାକୁଦ ଜଳଭଣ୍ଡାର: ପୁଣି ଖୋଲିଲା ୬ ଗେଟ୍



ସମ୍ବଲପୁର,୫।୧୦(ପ୍ରମୋଦ ବହିଦାର)

ଅତିରିକ୍ତ ବନ୍ୟାଜଳ ପ୍ରବେଶ ପରିମାଣ ବୃଦ୍ଧି ପାଉଥିବାରୁ ହୀରାକୁଦ ଜଳଭଣ୍ଡାର ଜଳପତ୍ତନ ୬୨୯ ଫୁଟ ଟପିଛି। ରବିବାର ଜଳଭଣ୍ଡାରର ପୁଣି ୬ଟି ସ୍ଲୁଇସ୍ ଗେଟ୍ ଖୋଲି ଦିଆଯାଇଛି। ଫଳରେ ବର୍ତ୍ତମାନ ଜଳଭଣ୍ଡାରର ବାମପାର୍ଶ୍ୱସ୍ଥ ୬ ଓ ଦକ୍ଷିଣ ପାର୍ଶ୍ୱସ୍ଥ ୩ଟି ମିଶି ମୋଟ୍ ୯ଟି ସ୍ଲୁଇସ ଗେଟ୍‌ରେ ଅତିରିକ୍ତ ବନ୍ୟାଜଳ ନିଷ୍କାସନ କରାଯାଉଛି। ରବିବାର ସନ୍ଧ୍ୟା ସାଢ଼େ ୬ଟାରେ ହସ୍ତଗତ ସୂଚନା ଅନୁସାରେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ହାରାହାରି ୨ ଲକ୍ଷ ୨୦ ହଜାର ୮୬୭ ଘନଫୁଟ୍ ବନ୍ୟାଜଳ ପ୍ରବେଶ କରୁଥିବାବେଳେ ପ୍ରତି ସେକେଣ୍ଡରେ ୧ ଲକ୍ଷ ୮୨ ହଜାର ୭୪୮ ଘନଫୁଟ୍ ଅତିରିକ୍ତ ବନ୍ୟାଜଳ ନିଷ୍କାସିତ ହେଉଛି।

# ଉତ୍ସର୍ଗୀକୃତ ଜୀବନ ଅନ୍ୟମାନଙ୍କୁ ପ୍ରେରଣା ଦିଏ

**ମନସ୍ୱୀ ସାହୁ, ପ୍ରହଲ୍ଲାଦ ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି**

ସମ୍ବଲପୁର,୫।୧୦(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ରଣେଶ୍ୱର ରାମଚଣ୍ଡୀ ମନ୍ଦିର ପରିସରରେ ଚଳିତମାସର ସ୍ମୃତିସଭା ରବିବାର ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ଭାଷାବିତ୍ ତଥା ଗବେଷକ ସ୍ୱର୍ଗତ ପ୍ରହଲ୍ଲାଦ ପ୍ରଧାନ ଏବଂ ସଙ୍ଗଠକ ମନସ୍ୱି ସାହୁଙ୍କର ଜନ୍ମମାସରେ ଉଭୟଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସମ୍ବଲପୁର କୁଲତା ସମାଜର ସଙ୍ଗଠକ ଭାବେ ସମାଜକୁ ଏକଜୁଟ କରିବା ସହ ଦୀର୍ଘବର୍ଷ ଧରି ସଭାପତି ଭାବେ ମନସ୍ୱି କାର୍ଯ୍ୟ କରିଥିଲେ ବୋଲି ଉପସ୍ଥିତ ସଦସ୍ୟମାନେ ମତବ୍ୟକ୍ତ କରିଥିଲେ। ସମାଜରେ ଶିକ୍ଷା ସ୍ୱାସ୍ଥ୍ୟର ବିକାଶ ଦିଗରେ ତାଙ୍କର ଅବଦାନ ଅତୁଳନୀୟ ବୋଲି ବକ୍ତାମାନେ କହିଥିଲେ। ସିକିଲ ସେଲ ରୋଗର ନିରାକରଣ ପାଇଁ ତାଙ୍କ ପ୍ରଚେଷ୍ଟାରେ ୨୦୦ ଗାଁରେ ୮୦୦୦ ସିକିଲ ସେଲ ଟେଷ୍ଟ କରାଇ କରାଯାଇଥିଲା ବୋଲି ବକ୍ତାମାନେ ମତ ଦେଇଥିଲେ।

ସେହିପରି ୧୬ଟି ଭାଷାରେ ଦକ୍ଷତା ରଖିଥିବା ଭାଷାବିତ୍ ପ୍ରହଲ୍ଲାଦ ପ୍ରଧାନ ପୁରୀ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ଭାବେ ସେ କାର୍ଯ୍ୟ କରିଥିଲେ। ଚାଷୀ ପରିବାରରେ ଜନ୍ମଗ୍ରହଣ କରି ସେ ସଂସ୍କୃତ ଭାଷାରେ ଦେଶର ଜଣେ ପ୍ରଖ୍ୟାତ ପଣ୍ଡିତ ହୋଇପାରିଥିଲେ। ପଶ୍ଚିମ ଓଡିଶାରେ ରହିଥିବା ବୌଦ୍ଧ ଇତିହାସକୁ ସେ ଚୀନ ଯାଇ ସେଠାକାର ଅନୁବାଦିତ ଗ୍ରନ୍ଥ ଗୁଡିକରୁ ତଥ୍ୟ ସଂଗ୍ରହ କରି ପ୍ରକାଶିତ କରିଥିଲେ। ପାଲି ଏବଂ ପ୍ରାକୃତ ଭାଷାରେ ରହିଥିବା ଶହଶହ ଗ୍ରନ୍ଥଗୁଡିକୁ ଅନୁବାଦିତ କରି ସେହି ସମୟର ଇତିହାସକୁ ଲୋକ ଲୋଚନକୁ ଆଣି ପାରିଥିଲେ ବୋଲି ବକ୍ତା ମାନେ କହିଥିଲେ। ଏହିଭଳି ମହାପୁରୁଷଙ୍କ ଉତ୍ସର୍ଗୀକୃତ ଜୀବନ ଅନ୍ୟମାନଙ୍କୁ ପ୍ରେରଣା ଦେଇପାରିଛି ବୋଲି ବକ୍ତାମାନେ ମତ ଦେଇଥିଲେ। ଦେବୀ ପ୍ରସାଦ ଭୋଇଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ କୁଲତା ସମାଜ ଉପସଭାପତି ଦେବୋତ୍ତମ ପ୍ରଧାନ, ସାଧାରଣ ସମ୍ପାଦକ ରଞ୍ଜନ ପାତ୍ର, ଶିକ୍ଷାବିତ୍ ପ୍ରଦୀପ କୁମାର ସାହୁ, ଆନନ୍ଦ କୁମାର ପ୍ରଧାନ, ଦେବଦତ୍ତ ସାହୁ, ଅକ୍ଷୟ ପ୍ରଧାନ, ଭକ୍ତବନ୍ଧୁ ପ୍ରଧାନ, ସୁଦାମ ଭୋଇ, ଲିଙ୍ଗରାଜ ପ୍ରଧାନ, ଟଙ୍କଧର ବାରିକ, ସୁରେଶ ବେହେରା ଉପସ୍ଥିତ ଥିଲେ।



କୁଲତା ସମାଜ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ସଦସ୍ୟବୃନ୍ଦ।

# ବିକାଶକୁ ତ୍ୱରାନ୍ୱିତ କରିବା ମୁଖ୍ୟ ଲକ୍ଷ୍ୟ

**ଆଦି କର୍ମଯୋଗୀ ଅଭିଯାନ କାର୍ଯ୍ୟକାରିତା ନେଇ ପ୍ରଶାସନିକ ତତ୍ପରତା**

କୁଚିଣ୍ଡା,୫।୧୦(ବିରଞ୍ଚି ଦର୍ଲା)

ଭାରତ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେବାକୁଥିବା ଆଦିକର୍ମଯୋଗୀ ଅଭିଯାନର କାର୍ଯ୍ୟକାରିତା ନେଇ ପ୍ରଶାସନିକସ୍ତରରେ ତତ୍ପରତା ଦେଖାଦେଇଛି। ସମ୍ବଲପୁର ଜିଲାର ଆଦିବାସୀ ଅଧ୍ୟୁଷିତ କୁଚିଣ୍ଡା ଉପଖଣ୍ଡରେ ଏହାର ପ୍ରଚଳନ ସହ ମୋଟ ୧୩୦ ଗ୍ରାମକୁ ଚିହ୍ନଟ କରି ଗାନ୍ଧୀ ଜୟନ୍ତୀରେ ଏଥି ନିମନ୍ତେ ସ୍ୱତନ୍ତ୍ର ଗ୍ରାମ ସଭା ଅନୁଷ୍ଠିତ ହୋଇ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଇଛି। ଜିଲା ନୋଡାଲ ଅଫିସର ତଥା କୁଚିଣ୍ଡା ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହେମସାଗର ଭୋଇ ଏ ନେଇ ଏକ ବିବୃତିରେ ସୂଚନା ଦେଇଛନ୍ତି।

ଉପଖଣ୍ଡର କୁଚିଣ୍ଡା ବ୍ଲକର ୨୮, ବାମରା ବ୍ଲକର ୫୯ ଏବଂ ଜମନକିରା ବ୍ଲକର ୪୩ ଗ୍ରାମକୁ ଚିହ୍ନଟ କରି ସ୍ୱତନ୍ତ୍ର ଗ୍ରାମସଭା ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଛି। ଜନଜାତି ବହୁଳ ଗ୍ରାମର ସ୍ୱାସ୍ଥ୍ୟ, ଶିକ୍ଷା, ପରିମଳ, ରାସ୍ତାଘାଟ ସହ ସାମୂହିକ ବିକାଶକୁ ତ୍ୱରାନ୍ୱିତ କରିବା ଆଦି କର୍ମଯୋଗୀ ଅଭିଯାନ ଯୋଜନାର ମୂଳ ଲକ୍ଷ୍ୟ ବୋଲି ଭୋଇ କହିଛନ୍ତି।



ନୋଡାଲ ଅଫିସର ଜନଜାତି ସମ୍ପ୍ରଦାୟକୁ ସଚେତନ କରାଉଛନ୍ତି।

ଏହି ଗ୍ରାମମାନଙ୍କରେ ସଂପ୍ରଦାୟର ଗତିଶୀଳତା, ଭବିଷ୍ୟତ ପରିକଳ୍ପନା, ବିଭିନ୍ନ ସଙ୍ଗଠନ ସୃଷ୍ଟି, ସାଂସ୍କୃତିକ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବା ସହ ଜନସାଧାରଣଙ୍କୁ ସଚେତନ କରିବା ନେଇ ଖସଡ଼ା ଚୂଡାନ୍ତ ହୋଇଛି। ମୁଖ୍ୟତଃ ଏସ୍‌ଏଚ୍‌ଜି ଗଠନ, ଜନଜାତୀୟ ମହିଳା ଓ ପୁରୁଷ ତଥା ଯୁବତୀ ଯୁବକଙ୍କ ଏହି କାର୍ଯ୍ୟକ୍ରମରେ ଯେଉଁଳି ସହଭାଗିତା ରହିବ ସେଥିପାଇଁ ସ୍ୱତନ୍ତ୍ର ଦୃଷ୍ଟି ରହିଛି। ଏହାଛଡା ଧର୍ତ୍ତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ମାଧ୍ୟମରେ ଜନଜାତି ସମ୍ପ୍ରଦାୟର ନେତୃତ୍ୱକୁ ଶକ୍ତିଶାଳୀ କରିବା ଲକ୍ଷ୍ୟ ରହିଛି। ଏଥିରେ ସାଂସ୍କୃତିକ ମୂଲ୍ୟବୋଧ, ସ୍ଥାନୀୟ ଆବଶ୍ୟକତା, ସାମାଜିକ ସମସ୍ୟାର ନିରାକରଣ, ଅର୍ଥନୈତିକ ସୁଦୃଢ଼, ସଂସ୍କୃତିର ପୁନରୁଦ୍ଧାର, କୃଷି, ଗୋପାଳନ, ବ୍ୟବସାୟ ଆଦି ଉପରେ ଫୋକସ କରାଯାଇଛି। ପ୍ରତ୍ୟେକ ବ୍ଲକର ବିଡିଓମାନେ ବ୍ଲକ ନୋଡାଲ ଅଫିସର ଥିବାବେଳେ ଏଥିରେ ଡବ୍ଲ୍ୟୁଇଓମାନେ ତାଙ୍କୁ ସହଯୋଗ କରିବେ ବୋଲି ସେ କହିଛନ୍ତି।

# ବସ୍ତରରେ ୧୦ ହଜାର ରେଡିଓ ସେଟ୍ ବାଣ୍ଟିଲା ସିଆର୍‌ପିଏଫ୍

## ଲୋକଙ୍କୁ ମାଓବାଦୀ ବିଚାରଧାରାରୁ ଦୂରେଇ ରଖିବା ଉଦ୍ଦେଶ୍ୟ



ନୂଆଦିଲ୍ଲୀ/ବିଜାପୁର, ୫।୧୦ (ପି.ଟି.)

ଛତିଶଗଡ଼ ବସ୍ତର ଅଞ୍ଚଳର ସୁଦୂର ମାଓବାଦୀ ହିଂସା ପ୍ରଭାବିତ ଅଞ୍ଚଳରେ ଜାତୀୟ ଚିନ୍ତାଧାରାର ପ୍ରଚାର ଓ ପ୍ରସାର ଏବଂ ସ୍ଥାନୀୟ ଲୋକଙ୍କୁ ମାଓବାଦୀ ଚିନ୍ତାଧାରାରୁ ଦୂରେଇ ରଖିବା ପାଇଁ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍) ପକ୍ଷରୁ ଏକ ସ୍ୱତନ୍ତ୍ର ଅଭିଯାନ ଅଧୀନରେ ୧୦ ହଜାରରୁ ଅଧିକ ରେଡିଓ ସେଟ୍ ବଣ୍ଟନ କରାଯାଇଛି। ବିଜାପୁରରେ ସିଆର୍‌ପିଏଫ୍‌ର ଜଣେ ବରିଷ୍ଠ ଅଧିକାରୀ ଏନେଇ ସୂଚନା ଦେଇ କହିଛନ୍ତି, ଚଳିତ ବର୍ଷ ପ୍ରାରମ୍ଭରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ୧.୬୨ କୋଟି ଟଙ୍କାର ବଜେଟ ଆବଣ୍ଟନ ସହ ବସ୍ତର ଅଞ୍ଚଳର ୭ ଜିଲାରେ ସ୍ୱତନ୍ତ୍ର ନାଗରିକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏହି ଅଭିଯାନ ଅନ୍ତର୍ଗତ ସ୍ଥାନୀୟ ଲୋକଙ୍କୁ ରେଡିଓ ସେଟ୍ ପ୍ରଦାନ କରାଯାଉଛି। ରାଜ୍ୟର ବିଜାପୁର ଜିଲାରେ ଅବସ୍ଥାପିତ ସିଆର୍‌ପିଏଫ୍‌ର ଏକ କମାଣ୍ଡର କହିଛନ୍ତି, ଅଞ୍ଚଳର ଦୁର୍ଗମ ଏବଂ ଆଭ୍ୟନ୍ତରୀଣ ଅଞ୍ଚଳରେ ଅର୍ଦ୍ଧସାମରିକ ବାହିନୀର ୧୮୦ କମ୍ପାନୀ ଦ୍ୱାରା ୧୦,୦୦୦ ରେଡିଓ ସେଟ୍ ବଣ୍ଟନ କରାଯାଇଛି। ପ୍ରତି କମ୍ପାନୀ ପକ୍ଷରୁ ମୋଟ ୬୦ଟି ରେଡିଓ ବଣ୍ଟନ କରାଯାଇଛି। ସ୍ଥାନୀୟ ଲୋକ, ଆଦିବାସୀ ଏବଂ ଗ୍ରାମବାସୀମାନଙ୍କୁ ଦେଶର ମୁଖ୍ୟସ୍ରୋତ ସହ ଯୋଡ଼ିବା ଏହି ରେଡିଓ ବଣ୍ଟନ ଅଭିଯାନର ଲକ୍ଷ୍ୟ ହୋଇଥିବା ସେ କହିଛନ୍ତି। ସିଆର୍‌ପିଏଫ୍‌ର କର୍ମୀମାନେ ସ୍ଥାନୀୟ ଲୋକଙ୍କୁ ରେଡିଓରେ ପ୍ରସାରିତ ହେଉଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ମନ କି ବାତ୍' ସମ୍ବୋଧନ ସହ ବିଭିନ୍ନ ସରକାରୀ ଏବଂ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଉଛନ୍ତି। ସେଥିପାଇଁ ବସ୍ତରର ଦୁରନ୍ତ ଦୁର୍ଗମ ସ୍ଥାନରେ ଅଧିକ ରେଡିଓ ଟାୱାର ସ୍ଥାପନ କରିବା ପାଇଁ ସିଆର୍‌ପିଏଫ୍ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି। ଏହାଦ୍ୱାରା ବସ୍ତରର ଦୁର୍ଗମ ଅଞ୍ଚଳରେ ରହୁଥିବା ଲୋକେ ରାଜ୍ୟ ଏବଂ ଦେଶରେ କ'ଣ ଘଟୁଛି ସେନେଇ ବିନା ସମସ୍ୟାରେ ରେଡିଓ ମାଧ୍ୟମରେ ଶୁଣିପାରିବେ। ଲୋକଙ୍କୁ ବଣ୍ଟନ କରାଯାଉଥିବା ଏହି ରେଡିଓଗୁଡ଼ିକୁ ସିଧାସଳଖ ଭାବେ ଶୁଷ୍କ ବ୍ୟାଟେରି ସାହାଯ୍ୟରେ କିମ୍ବା ବିଦ୍ୟୁତ୍ ବୋର୍ଡ ସଂଯୋଗ ମାଧ୍ୟମରେ ବ୍ୟବହାର କରାଯାଇ ପାରିବ। ପ୍ରତ୍ୟେକ ରେଡିଓ ସେଟ୍‌ର ମୂଲ୍ୟ ୧,୫୦୦ ଟଙ୍କା ହୋଇଥିବାବେଳେ ଏହା ଏଫ୍‌ଏମ୍, ଏମ୍‌ଡବ୍ଲ୍ୟୁ ଏବଂ ଏସ୍‌ଡବ୍ଲ୍ୟୁ ମୋଡ୍‌କୁ ସପୋର୍ଟ କରୁଥିବା ସେ କହିଛନ୍ତି।

# ଭାସ୍କର୍ଯ୍ୟଶିଳ୍ପୀ ଗଦାଧର ମହାପାତ୍ରଙ୍କୁ ଦିଆଯାଇଥିଲା ଶିଳ୍ପୀ ନାୟକ ଉପାଧି

## ସୂକ୍ଷ୍ମ କାରୁକାର୍ଯ୍ୟମୟ କୋଣାର୍କ ଚକ୍ରର ନକ୍ସା ପ୍ରସ୍ତୁତ କରିଥିଲେ






ଡ. ସୁରେନ୍ଦ୍ର କୁମାର ମିଶ୍ର

ପୂର୍ବ ସଂଖ୍ୟାରେ ଶ୍ରୀରାମଚନ୍ଦ୍ରଙ୍କର ବିବାହ-ଉତ୍ସବ ବିଗ୍ରହ ପ୍ରସଙ୍ଗ ଆମେ ଲେଖିଥିଲୁ। ଶିଳ୍ପୀ ଗଦାଧର ମହାପାତ୍ରଙ୍କ ନିର୍ମିତ ଏହି ବିଗ୍ରହକୁ ଦେଖି ଶିବେଇ ସାମନ୍ତରା ଏତେ ଖୁସି ହୋଇଥିଲେ ଯେ, ଦୁଇ ଭରିର ଦୁଇଟି କୁଣ୍ଡଳ ଉପହାର ଦେବା ପାଇଁ ଘୋଷଣା କରିଥିଲେ। କଥା ଯାଇ ଗଜପତିଙ୍କ କାନରେ ପଡ଼ିଲା। ଶିବେଇ ସାମନ୍ତରା ଖୁସି ଉପରେ ତାଙ୍କର ଖୁବ୍ ଭରସା ଥିଲା। ରାଜକାର୍ଯ୍ୟ ଯୋଗୁ କୋଣାର୍କ ଆସିବା ସମ୍ଭବ ହେଲା ନାହିଁ। ରାଜସଭାରେ ଘୋଷଣା କଲେ- ଶିଳ୍ପୀ ଗଦାଧରଙ୍କୁ 'ଶିଳ୍ପୀ ନାୟକ' ଉପାଧି ଦିଆଯାଉ। ଭୁବନେଶ୍ୱର ରାଜଗୁରୁ ମହାଶୟଙ୍କ ପକ୍ଷରୁ ଉପାଧି ପ୍ରଦାନ କରିବେ। ଶିଳ୍ପୀଙ୍କ ମୁଣ୍ଡରେ ପଡ଼ନ୍ତି ବନ୍ଧାଯିବ ଏବଂ ଦୁଇଟି ଖୁଲା କୁଣ୍ଡଳ ଉପହାର ଦିଆଯିବ। ତାହା ହୋଇଥିଲା। ସ୍ମରଣଯୋଗ୍ୟ ଯେ, ମନ୍ଦିର ନିର୍ମାଣ ଆରମ୍ଭ ପୂର୍ବରୁ ପ୍ରସ୍ତୁତି ସମୟରେ ସୂତ୍ରଧର ସଦାଶିବ ସାମନ୍ତରାଏ ଗଜପତିଙ୍କ ଅନୁମୋଦନ କ୍ରମେ ଶିଳ୍ପୀ ଗଦାଧରଙ୍କୁ 'କାର୍ଯ୍ୟକାରୀ ସ୍ଥପତି' ରୂପେ ଘୋଷଣା କରିଥିଲେ। ଶିଳ୍ପୀ ଗଦାଧର ହିଁ ମନ୍ଦିର ନିର୍ମାଣ ସ୍ଥାନ ଓ ଜଗମୋହନ ସ୍ଥାନ ନିରୂପଣ କରି ମପାଚୁପା କରିଥିଲେ। ପ୍ରଥମେ ଚିହ୍ନ ସେ ଦେଇଥିଲେ। ଶିବେଇ ସାମନ୍ତରା ତାହା ପରୀକ୍ଷା ନିରିକ୍ଷା ପରେ ଗଦାଧରଙ୍କ ଚିହ୍ନିତ ସ୍ଥାନକୁ ଗ୍ରହଣ କରିଥିଲେ। ଶିଳ୍ପୀ ଗଦାଧରଙ୍କ ଅବଦାନ ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଥିଲା। ତାହାର ଠିକ୍ ଆକଳନ କରି ଆମେ ଇତିହାସରେ ଦରଜ କରିପାରିନେ। ସେଥିପାଇଁ ବାହାରିଆ ଇତିହାସକାର ଭାବି ବସିଲେ ଓଡ଼ିଆ ଶିଳ୍ପୀ ମନ୍ଦିର ନିର୍ମାଣ କରିନାହାନ୍ତି। କୋଣାର୍କ ଚକ୍ର ଆଜି ବିଶ୍ୱପ୍ରସିଦ୍ଧ। ସୂକ୍ଷ୍ମ କାରୁକାର୍ଯ୍ୟ ପାଇଁ ଯେତିକି ପ୍ରସିଦ୍ଧ, ସୂର୍ଯ୍ୟଙ୍କ ଗତିବିଧି, ସମୟ ନିର୍ଦ୍ଧାରଣ ଓ ଜ୍ୟୋତିର୍ବିଜ୍ଞାନ ପାଇଁ ମଧ୍ୟ ସେତିକି ପ୍ରସିଦ୍ଧ। ଏହାର ନକ୍ସା ପ୍ରଥମେ ପ୍ରସ୍ତୁତ କରିବା ପାଇଁ ଗଦାଧରଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସେ ହିଁ ପ୍ରଥମ ନକ୍ସା ଗଜପତିଙ୍କ ସାମନାରେ ଦାଖଲ କରିଥିଲେ।

